# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୮/୨୦୨୧ (୧୬ ପୃଷ୍ଠା) | Bhubaneswar, Thursday, January 28/2021 | ★★★★★★

୪୭ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






- ବୟସ ଯୋଗ୍ୟତା: 8 ବର୍ଷରୁ 55 ବର୍ଷ
- ପଲିସି ଅବଧି: 10 ରୁ 20 ବର୍ଷ
- ନିଶ୍ଚିତ ରାଶି: ₹ 75,000 ରୁ ₹ 3,00,000
- ସୁରକ୍ଷା ବୀମା ରାଶି
- ଋଣ ସୁବିଧା ଉପଲବ୍ଧ
- ଆକସ୍ମିକ ଦୁର୍ଘଟଣା ଲାଭ ରାଇଡର୍ ଉପଲବ୍ଧ
- ପରିପକ୍ୱତା ଲାଭ ଲୟାଲ୍ଟୀ ଯୋଗ ସହ, ଯଦି ଥାଏ

☑ ଅଟୋ କଭର୍: ରିସ୍କ 6 ମାସ କିମ୍ବା 2 ବର୍ଷ ପର୍ଯ୍ୟନ୍ତ ରହେ*

☑ 10% ଅତିରିକ୍ତ ସୁରକ୍ଷା ବୀମା ରାଶି ଆଧାର ଶିଳା ଅଧୀନରେ

☑ କେବଳ ନନ୍-ମେଡିକାଲ୍ ସ୍କୀମ୍ ଅଧୀନରେ ଉପଲବ୍ଧ

ନିଜ ଏଜେଣ୍ଟ/ଶାଖାକୁ ସମ୍ପର୍କ କରନ୍ତୁ ବା ଆମ ୱେବ୍ସାଇଟ୍ **www.licindia.in** ଦେଖନ୍ତୁ ବା SMS କରନ୍ତୁ 'ଆପଣଙ୍କ ସହର ନାମ' 56767474 କୁ (ଯଥା: 'Mumbai')

ଆମକୁ ଅନୁସରଣ କରନ୍ତୁ: Facebook YouTube Twitter Instagram LIC India Forever

ଶଠ ଫୋନ କଲ୍/ଇମେଲ୍ ତଥା ମିଛ/କପଟି ଅଫର୍ ପ୍ରତି ସାବଧାନ । IRDAI ଏତଦ୍ୱାରା ଜନସାଧାରଣଙ୍କୁ ଜଣାଉଛି ଯେ IRDAI ବା ଏହାର ଅଧିକାରୀ କୌଣସି ପ୍ରକାର ବୀମା ବିକ୍ରୀ ଅଥବା ଫାଇନାନ୍ସିଆଲ୍ ପ୍ରଡକ୍ଟ ବା ପ୍ରିମିଅମ ବିନିଯୋଗ ଭଳି କାମ କରନ୍ତି ନାହିଁ । IRDAI କୌଣସି ବୋନସ ଘୋଷଣା କରେ ନାହିଁ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ଉକ୍ତ ଫୋନ କଲ୍, ବିବରଣୀ ସହିତ ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ ।

LIC
ଲାଇଫ ଇନ୍ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/AR/19-20/33/ORI

ଆପଦାବଳୀ, ସର୍ତ୍ତ ଓ ନିୟମାବଳୀ ସମ୍ବନ୍ଧିତ ବିସ୍ତୃତ ବିବରଣୀ ପାଇଁ, ବିକ୍ରୀ ସମ୍ପନ୍ନ କରିବା ଆଗରୁ ବିକ୍ରୟ ପତ୍ରିକା ଧ୍ୟାନପୂର୍ବକ ପଢ଼ନ୍ତୁ ।

IRDAI Reg. No. 512

ଜିନ୍ଦଗି କେ ସାଥ ଭି । ଜିନ୍ଦଗି କେ ବାଦ ଭି ।

# ଏକ ନନ୍-ଲିଙ୍କ୍ଡ, ନନ୍-ପାର୍ଟିସିପେଟିଂ, ଜୀବନ ଅବଧି ବୀମା ଯୋଜନା



## କାରଣ ଯେଉଁମାନେ ଆପଣାର ତାଙ୍କ ପାଇଁ ଆପଣଙ୍କ ପ୍ରେମ ଅମର...

- **ଆପଣଙ୍କ ବୟସ 18 ହେଉ କି 65, ଜୀବନ ଅମର ଆପଣଙ୍କ ପାଇଁ:** ପ୍ରବେଶ ସମୟରେ ନ୍ୟୂନତମ ବୟସ 18 ବର୍ଷ ଏବଂ ପ୍ରବେଶ ସମୟରେ ସର୍ବାଧିକ ବୟସ ହେଉଛି 65 ବର୍ଷ
- **ମୃତ୍ୟୁ ବୀମା କଭର୍ ଚୟନ କରିବାର ବିକଳ୍ପ:**
  - ସ୍ଥିର ବୀମା କଭର୍
  - ବୃଦ୍ଧିଶୀଳ ବୀମା କଭର୍
- **ମୃତ୍ୟୁ ହିତଲାଭ ପରିଶୋଧ ପ୍ରାପ୍ତ କରିବା ପାଇଁ ବିକଳ୍ପ ଉପଲବ୍ଧ:** ନାମାଙ୍କିତ ବ୍ୟକ୍ତି ଟଙ୍କା କିପରି ପାଇବେ ଚୟନ କରନ୍ତୁ – ଏକକାଳୀନ କିମ୍ବା 5, 10 ବା 15 ବର୍ଷ ଧରି କିସ୍ତି ଆକାରରେ
- **ପ୍ରିମିୟମ କେବେ ଓ କେତେ ଅବଧି ପର୍ଯ୍ୟନ୍ତ କରିବାର ଅଛି ତାହା ଚୟନ କରିବାର ବିକଳ୍ପ:** ପ୍ରିମିୟମ୍ ପୈଠ ଏକକାଳୀନ, ସୀମିତ ପ୍ରିମିୟମ୍ ପୈଠ ଅବଧିରେ କିମ୍ବା ପଲିସି ଅବଧିରେ ନିୟମିତ କିସ୍ତିରେ କରିବାର ସୁବିଧା। ପଲିସି ଅବଧିକୁ ସର୍ବନିମ୍ନ 10 ବର୍ଷରୁ ସର୍ବାଧିକ 40 ବର୍ଷ ପର୍ଯ୍ୟନ୍ତ ବାଛିବାର ସୁବିଧା।
- **80 ବର୍ଷ ବୟସ ପର୍ଯ୍ୟନ୍ତ ରିସ୍କ କଭର୍ ଉପଲବ୍ଧ**
- **ଦୁର୍ଘଟଣା ହିତଲାଭ ଉପଲବ୍ଧ**
- **ମହିଳାଙ୍କ ପାଇଁ ବିଶେଷ ପ୍ରିମିୟମ୍ ଦର**
- **ଧୂମପାନ କରୁ ନ ଥିବା ବ୍ୟକ୍ତିମାନଙ୍କ ପାଇଁ ଆକର୍ଷଣୀୟ ପ୍ରିମିୟମ୍ ଦର**

ଏଲ୍ଆଇସି'ର

# ଜୀବନ ଅମର

ଯୋଜନା ସଂ.: 855 ୟୁ.ଆଇ.ଏନ୍.: 512N332V01

ବିବରଣୀ ପାଇଁ ନିଜର ଏଜେଣ୍ଟ / ନିକଟତମ ଏଲ୍ଆଇସି ଶାଖା ସହ ଯୋଗାଯୋଗ କରନ୍ତୁ କିମ୍ବା www.licindia.inରେ ଆମକୁ ପରିଦର୍ଶନ କରନ୍ତୁ

**ନିଜ ସହରର ନାମ 56767474ରେ SMS କରନ୍ତୁ**

କଲ୍ ସେଣ୍ଟର ସେବା (022) 6827 6827

ଡାଉନ୍‌ଲୋଡ୍ କରନ୍ତୁ "MyLIC" ମୋବାଇଲ୍ ଆପ୍

ଆମକୁ ଫଲୋ କରନ୍ତୁ: LIC India Forever

ଭ୍ରମାତ୍ମକ/ଶଠ ଫୋନ୍ କଲ୍ ପ୍ରତି ସାବଧାନ!

ଆଇଆର୍‌ଡିଏଆଇ ବୀମା ପଲିସି ବିକ୍ରୟ କରିବା, ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍‌ରେ ନିବେଶ କରିବା ଭଳି ଗତିବିଧିରେ ଜଡ଼ିତ ନୁହେଁ। ଏଭଳି ଫୋନ୍ କଲ୍ ପାଇବା ବ୍ୟକ୍ତିଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବାକୁ ଅନୁରୋଧ।

ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA

LIC/AR/19-20/04/ORI

ଆଶଙ୍କାଗତ ଦିଗ, ନିୟମ ଓ ସର୍ତ୍ତାବଳୀ ଉପରେ ଅଧିକ ବିବରଣୀ ପାଇଁ ବିକ୍ରୟ ଚୂଡ଼ାନ୍ତ କରିବା ପୂର୍ବରୁ ଦୟାକରି ବିକ୍ରୟ ସୂଚନା-ପୁସ୍ତିକା ପଢ଼ନ୍ତୁ। IRDAI Regn. No. 512

ଜୀବନର ସାଥିରେ ବି, ଜୀବନର ପରେ ବି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୨୮/୨୦୨୧ | Bhubaneswar, Thursday, January 28/2021 | ପୃଷ୍ଠା-୧




**ହଲିଉଡ୍‌ରେ ଜ୍ୟାକ୍‌ଲିନ୍**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଡିସ୍ ଏବେ ହଲିଉଡ୍‌ରେ ପାଦ ଦେବାକୁ ଯାଉଛନ୍ତି। ଫିଲ୍ମର ଶୀର୍ଷକ ହେଉଛି 'ଶେୟାରିଂ ଏ ରାଇଡ୍'। ୧୩



**ଈଶ୍ୱରଙ୍କୁ ଡବଲ ଟାଇଟଲ୍**

୧୪ କଟକରେ ବୁଧବାର ଉଦ୍‌ଯାପିତ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପର ୨ଟି ବିଭାଗରେ ଟାଇଟଲ୍ ହାସଲ କରିଛନ୍ତି ଏମ. ଈଶ୍ୱର ରାଓ।






# ଆନ୍ଦୋଳନରେ ଫାଟ

## ଦିଲ୍ଲୀ ହିଂସା: ୨୦୦ ଅଟକ



**ନୂଆଦିଲ୍ଲୀ:** ଟ୍ରାକ୍ଟର ରାଲି ହିଂସା ଘଟଣାରେ ଦିଲ୍ଲୀ ପୋଲିସ ୨୦୦ ଲୋକଙ୍କୁ ଅଟକ ରଖିଛି। ଏପର୍ଯ୍ୟନ୍ତ ୨୫ ଏତଲା ଦାଏର ହୋଇଥିବାବେଳେ ସେଥିରେ ୧୩ କୃଷକ ନେତାଙ୍କ ନାଁ ରହିଛି। ସେମାନେ ହେଲେ ଭାରତୀୟ କିଷାନ ସଂଘ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍, ବିଜେନ୍ଦ୍ର ସିଂ ଭିର୍କ, ଭି.ଏମ୍. ସିଂ, ଜଗତାର ସିଂ ବାଜୱା, ରିଶିପାଲ ସିଂ, ହରପାଲ ସିଂ, ବିନୋଦ କୁମାର, ଦର୍ଶନ ପାଲ୍, ରାଜିନ୍ଦର ସିଂ, ବଲବୀର ସିଂ ରାଜେୱାଲ, ବୁଟା ସିଂ, ଯୋଗୀନ୍ଦର ସିଂ ଉଗ୍ରହ, ଗୁରନାମ ସିଂ ଚାଡୁନି ଏବଂ ☞ପୃଷ୍ଠା-୨

**ଏତଲାରେ ୧୩ ଚାଷୀ ନେତାଙ୍କ ନାଁ**

**ନୂଆଦିଲ୍ଲୀ, ୨୭।୧**

କେନ୍ଦ୍ର ସରକାରଙ୍କ ୩ ବିବାଦୀୟ ଆଇନ ପ୍ରତ୍ୟାହାର ଦାବିରେ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା କୃଷକ ଆନ୍ଦୋଳନରେ ଏବେ ଫାଟ ସୃଷ୍ଟି ହୋଇଛି। ସାଧାରଣତନ୍ତ୍ର ଦିବସରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦିଲ୍ଲୀ ସୀମାରୁ ଜାତୀୟ ରାଜଧାନୀର ରାଜପଥକୁ ଯାଇଥିବା ଟ୍ରାକ୍ଟର ରାଲି ବେଳେ ବ୍ୟାପକ ହିଂସା ଓ ଭଙ୍ଗାରୁଜା ଯୋଗୁ ଏହି ଆନ୍ଦୋଳନ ସମର୍ଥନ ହରାଇଛି। ଦିଲ୍ଲୀ ପୋଲିସର ଅନୁମତିକ୍ରମେ ନିର୍ଦ୍ଧାରିତ ରୁଟ୍‌ରେ ଶାନ୍ତିପୂର୍ଣ୍ଣ ଉପାୟରେ ଟ୍ରାକ୍ଟର ପରେଡ୍ କରିବା ପାଇଁ ଯୋଜନା ହୋଇଥିବାବେଳେ କେତେକ ଅସାମଜିକ ତତ୍ତ୍ୱଙ୍କ ଅଭାବନୀୟ କାଣ୍ଡ ଉକ୍ତ ଅଭିଯାନକୁ ବାଟବଣା କରିଦେଇଛି। ଏଥିଯୋଗୁ ବୁଧବାର ୨ଟି ପ୍ରମୁଖ କୃଷକ ସଙ୍ଗଠନ ଏଥିରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଫଳରେ କୃଷକ ଆନ୍ଦୋଳନର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

- **ଓହରିଲେ ୨ ଚାଷୀ ସଂଗଠନ**
- **ଆନ୍ଦୋଳନ ଭଣ୍ଡୁର ପାଇଁ ଷଡ଼ଯନ୍ତ୍ର: କୃଷକ ନେତା**

ସାଧାରଣତନ୍ତ୍ର ଦିବସରେ ହିଂସାତ୍ମକ ଟ୍ରାକ୍ଟର ଶୋଭାଯାତ୍ରା କରାଯିବା ଦିନକ ପରେ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଫାଟ ପଦାକୁ ଆସିଛି। ଦିଲ୍ଲୀରେ ଭଙ୍ଗାରୁଜା, ହିଂସା, ପୋଲିସକୁ ଆକ୍ରମଣ ଓ ଲାଲକିଲ୍ଲାରେ ପତାକା ଉଡ଼ାଇବା ଭଳି ନିନ୍ଦନୀୟ ତଥା କୁକାର୍ଯ୍ୟ ଆଦୌ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ୨ଟି ଚାଷୀ ସଂଗଠନ କୃଷି ଆଇନ ବିରୋଧୀ ଆନ୍ଦୋଳନରୁ ଓହରିଯାଇଛନ୍ତି। ଯେଉଁମାନଙ୍କ ନିର୍ଦ୍ଦେଶ ଭିନ୍ନ ସେମାନଙ୍କ ସହ ଆନ୍ଦୋଳନରେ ଆଗକୁ ବଢ଼ିପାରିବୁ ନାହିଁ ବୋଲି କିଷାନ ସଂଘର୍ଷ କମିଟିର ☞ପୃଷ୍ଠା-୨

## ବିଧାନସଭାରୁ ଅଭୟ ଚୌଟାଲାଙ୍କ ଇସ୍ତଫା

ଚଣ୍ଡିଗଡ଼, ୨୭।୧: କେନ୍ଦ୍ରର ନୂଆ କୃଷି ଆଇନକୁ ବିରୋଧ କରି ହରିୟାଣାର ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ଏକମାତ୍ର ବିଧାୟକ ଅଭୟ ସିଂ ଚୌଟାଲା ବୁଧବାର ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ସୁଦ୍ଧା ସରକାର ଯଦି ବିବାଦୀୟ ଆଇନକୁ ପ୍ରତ୍ୟାହାର ନ କରନ୍ତି, ତେବେ ସେ ଇସ୍ତଫା ଦେବେ ବୋଲି ପୂର୍ବରୁ ଘୋଷଣା କରିଥିଲେ। କେନ୍ଦ୍ର ସରକାର କଳା ଆଇନ ଆଣିଥିବା ନେଇ ସେ ସମାଲୋଚନା କରିବା ସହ ବାଚସ୍ପତି ଜ୍ଞାନଚନ୍ଦ୍ର ଗୁପ୍ତାଙ୍କୁ ପତ୍ର ଲେଖି ଜଣାଇଥିଲେ। ଏହା ବିରୋଧରେ ସେ ଅଧିକ ଦିନ ନୀରବ ରହିପାରିବେ ନାହିଁ ବୋଲି କହିଥିଲେ। ବୁଧବାର ଅଭୟ ଏକ ସବୁଜ ରଙ୍ଗର ଟ୍ରାକ୍ଟରରେ ଚଣ୍ଡିଗଡ଼ ବିଧାନସଭା କମ୍ପ୍ଲେକ୍ସକୁ ଯାଇ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

## ଦୀପ ସିଦ୍ଧୁ କିଏ

ନୂଆଦିଲ୍ଲୀ: ଦିଲ୍ଲୀରେ କୃଷକ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଗୋଟିଏ ନାମ ଆଗକୁ ଆସୁଛି। ବିଭ୍ରାଟ ପାଇଁ ଦାୟୀ କରାଯାଉଥିବା ବ୍ୟକ୍ତି ଜଣକ ହେଲେ ଦୀପ ସିଦ୍ଧୁ। ତାଙ୍କୁ ସୋସିଆଲ ମିଡିଆଠୁ ନେଇ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ନାନା ପ୍ରଶ୍ନ କରାଯାଉଛି।

ଦୀପ ସିଦ୍ଧୁ ହେଉଛନ୍ତି ଜଣେ ପଞ୍ଜାବୀ ଅଭିନେତା। ତାଙ୍କର ୬ଟି ଫିଲ୍ମ ରିଲିଜ ହୋଇଛି। ମୁକ୍ତସାର ଜିଲା ନିବାସୀ ଦୀପଙ୍କ ଫିଲ୍ମ 'ଜୋରା ଦଶ ନମ୍ବରିଆ' ୨୦୧୮ରେ ହିଟ୍ ହେବା ପରେ ସେ ରାତାରାତି ଷ୍ଟାର ପାଲଟିଯାଇଥିଲେ। ଅଭିନେତାରୁ ରାଜନେତା ସାଜିଥିବା ସନ୍ନି ଦେଓଲଙ୍କ ସହ ଦୀପଙ୍କ ସମ୍ପର୍କ ସମସ୍ତଙ୍କୁ ଜଣା। ୨୦୧୯ ଲୋକ ସଭା ନିର୍ବାଚନ ବେଳେ ପଞ୍ଜାବର ଗୁରଦାସପୁର ଆସନରୁ ସନ୍ନି ଦେଓଲ ପ୍ରାର୍ଥୀ ହୋଇଥିଲେ। ଦୀପ ସିଦ୍ଧୁ ତାଙ୍କ ପାଇଁ ପ୍ରଚାର କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେଣୁ ସେ ଭାଜପାର ଜଣେ କର୍ମୀ ଭାବେ ପରିଚିତ। ଏହାବାଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସହ ମଧ୍ୟ ଦୀପ ସିଦ୍ଧୁଙ୍କ ☞ପୃଷ୍ଠା-୨



ଦୀପ ସିଦ୍ଧୁ (ଡାହାଣ)ଙ୍କ ସହ ଗୁରଦାସପୁର ଏମ୍‌ପି ସନ୍ନି ଦେଓଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଫଟୋକୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଟୁଇଟ୍ କରିଛନ୍ତି।

**ଆଜିର ସମ୍ପାଦକୀୟ**

ବାର୍ଡ ଫ୍ଲୁ ଓ ଆମ ନୀତି

**ଆଜିର ମନ୍ତବ୍ୟ**

"କୃଷକମାନଙ୍କ ସହ ଆଲୋଚନାର ବାଟ ବନ୍ଦ ହୋଇନାହିଁ। ପୁନଃ ବୈଠକ ପାଇଁ ନିଷ୍ପତ୍ତି ନିଆଗଲେ ଆମେ ସେମାନଙ୍କୁ ଅବଗତ କରାଇବୁ। -ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ






## କୋଭିଡ୍ ଟିକା ପରେ ମୃତ୍ୟୁ

**ତରବୋଡ଼/ନୂଆପଡା ଅଫିସ, ୨୭।୧ (ଡି.ଏନ.ଏ.)**

- **ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା କର୍ମଚାରୀ ଥିଲେ**
- **ଫେବୃୟାରୀ ୧୯ରେ ବିବାହ ସ୍ଥିର ହୋଇଥିଲା**
- **ଆଉ ଜଣେ ସୁରକ୍ଷା କର୍ମଚାରୀ ଅସୁସ୍ଥ**

କୋଭିଡ୍ ଟିକା କୋଭାକ୍ସିନ ନେବାର ୨ ଦିନ ପରେ ଜଣେ ହସ୍ପିଟାଲ ସୁରକ୍ଷା କର୍ମଚାରୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ଏଭଳି ଘଟଣା ଓଡ଼ିଶାରେ ପ୍ରଥମ କରି ଘଟିଛି। ମୃତକ ହେଲେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀ ନାନକରାମ କେଉଁଟ (୨୬)। ଟିକା ଯୋଗୁ ହିଁ ନାନକରାମଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ନାନକରାମଙ୍କ ପରିବାରବର୍ଗଙ୍କ ସହ ଡାକ୍ତରଖାନାରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ଧାରଣା ଦେଇଥିଲେ। ଆଉ ଜଣେ ସୁରକ୍ଷା କର୍ମଚାରୀ ରାଜଶ୍ରୀ ତାଣ୍ଡି ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନୂଆପଡ଼ା ମୁଖ୍ୟ ଚିକିତ୍ସା ଅଧିକାରୀ କାଳିପ୍ରସାଦ ବେହେରା କହିଛନ୍ତି, ପରିବାର ଲୋକେ କରୋନା ଟିକା ଦେବା ପରେ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। କିନ୍ତୁ କେଉଁ କାରଣରୁ ମୃତ୍ୟୁ ଘଟିଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଅନ୍ୟପକ୍ଷେ ଜିଲା କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମର ମୁଖପାତ୍ର ବିନୋଦ ବିହାରୀ ରଥ କହିଛନ୍ତି, ଟିକା ପାଇଁ ମୃତ୍ୟୁ ହୋଇନାହିଁ। ମୃତ ଯୁବକଙ୍କ ରକ୍ତହୀନତା ହେତୁ ରକ୍ତବାନ୍ତି ହୋଇଥିଲା। ତାଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ରକ୍ତ ମଧ୍ୟ ☞ପୃଷ୍ଠା-୨

## ସମସ୍ତଙ୍କ ପାଇଁ ଖୋଲିବ ସୁଇମିଂ ପୁଲ୍

**ନୂଆଦିଲ୍ଲୀ, ୨୭।୧**

କେନ୍ଦ୍ର ସରକାର ଫେବୃୟାରୀ ପାଇଁ କୋଭିଡ୍ ଗାଇଡ୍‌ଲାଇନ ଜାରି କରିଛନ୍ତି। ସୁଇମିଂ ପୁଲ୍‌ରେ ସମସ୍ତଙ୍କୁ ଅନୁମତି ଦେବାକୁ ଏଥିରେ କୁହାଯାଇଛି। ସେହିପରି ସିନେମା ହଲ୍‌ରେ ଅଧିକ ଦର୍ଶକଙ୍କୁ ଅନୁମତି ମିଳିଛି। ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଖୁବ୍‌ଶୀଘ୍ର ସଂଶୋଧିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୁର

**ଫେବୃୟାରୀ ଗାଇଡ୍‌ଲାଇନ ଜାରି**

(ଏସ୍‌ଓପି) ଜାରି ହେବ। ପୂର୍ବରୁ ୫୦% ଦର୍ଶକରେ ସିନେମା ହଲ୍ ଚଳାଇବାକୁ ଅନୁମତି ମିଳିଥିଲା। ସେହିପରି ସାମାଜିକ ତଥା ଧର୍ମୀୟ ସମାବେଶଗୁଡ଼ିକରେ ଲୋକସଂଖ୍ୟା କଟକଣାକୁ ହଟାଇ ଦିଆଯାଇଛି। ପୂର୍ବରୁ ହଲ୍ କ୍ଷମତାର ୫୦ ପ୍ରତିଶତ ଓ ଆବଦ୍ଧ ସ୍ଥାନରେ ସର୍ବାଧିକ ୨୦୦ ଲୋକଙ୍କୁ ଅନୁମତି ମିଳୁଥିଲା। ସମସ୍ତ ପ୍ରଦର୍ଶନୀ ହଲ୍ ଖୋଲିବାକୁ ଅନୁମତି ଦିଆଯାଇଛି। ☞ପୃଷ୍ଠା-୨

## ବମ୍ବେ ହାଇକୋର୍ଟ ରାୟ ସ୍ଥଗିତ

**ନୂଆଦିଲ୍ଲୀ, ୨୭।୧ (ପି.ଟି.)**

**ମହାରାଷ୍ଟ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ**

**ଚର୍ମ ସ୍ପର୍ଶ ନ ହେଲେ ଯୌନ ଅପରାଧ ନୁହେଁ କହିଥିଲେ ହାଇକୋର୍ଟ ବିଚାରପତି**

ପୋକ୍ସୋ (ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା) ଆଇନ ଅନୁଯାୟୀ ଚର୍ମକୁ ସ୍ପର୍ଶ ନ କରି ନାବାଳିକାଙ୍କ ବକ୍ଷସ୍ଥଳ ଛୁଇଁବା ଯୌନ ଅପରାଧ ନୁହେଁ ବୋଲି ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚ କହିବା ସହ ଜଣେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଏଭଳି ରାୟକୁ ନେଇ ବିଭିନ୍ନ ମହଲରେ ସମାଲୋଚନା ହୋଇଥିଲା। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନ୍‌ଙ୍କ ଖଣ୍ଡପୀଠରେ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏହା ଉପସ୍ଥାପନ କଲା ପରେ ସୁପ୍ରିମକୋର୍ଟ ବୁଧବାର ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସର୍ବୋଚ୍ଚ ଅଦାଲତ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ☞ପୃଷ୍ଠା-୨

## ରାମଚନ୍ଦ୍ର ପାଇବେ ଅତିବଡ଼ୀ ପୁରସ୍କାର

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**



ରାମଚନ୍ଦ୍ର ବେହେରା

**ସମ୍ବର୍ଦ୍ଧିତ ହେବେ ୧୫ ସାରସ୍ୱତ ସାଧକ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବୁଧବାର ୨୦୨୦ ମସିହା ପାଇଁ ଏକାଡେମୀର ସର୍ବୋଚ୍ଚ ମର୍ଯ୍ୟାଦାଜନକ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ଓ 'ବୟୋଜ୍ୟେଷ୍ଠ ସାରସ୍ୱତ ସମ୍ମାନ' ଘୋଷଣା କରାଯାଇଛି। ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରାଙ୍କୁ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରଦାନ ପାଇଁ ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିପାଇଁ ତାଙ୍କୁ ୫ଲକ୍ଷ ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ। ସେହିଭଳି ୧୫ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧିକାସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେମାନେ ହେଲେ ଦେବେନ୍ଦ୍ର କୁମାର ଦାଶ, ଗିରିଜା ଶଙ୍କର ଶର୍ମା, ଅଶୋକ କୁମାର ପଟ୍ଟନାୟକ, ବାବାଜୀ ଚରଣ ପଟ୍ଟନାୟକ, ☞ପୃଷ୍ଠା-୨

## ପାଠକ ବାପପୁଅଙ୍କୁ ଜାମିନ

- **ଚାର୍ଜଶିଟ୍ ଦାଖଲରେ ଅବହେଳାରୁ ମିଳିଲା ସୁବିଧା**
- **ଜାମିନ ସତ୍ତ୍ୱେ ଜେଲରେ ରହିବେ**

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କୁ ବୁଧବାର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରୁ ଜାମିନ ମିଳିଛି। ଗିରଫ ହେବାର ୬୦ ଦିନ ମଧ୍ୟରେ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବାରେ ବିଫଳ ହେବାରୁ ଏହାର ସୁବିଧା ପାଠକ ବାପପୁଅଙ୍କୁ ମିଳିଛି। ତେବେ ଉଭୟଙ୍କ ନାମରେ କ୍ରାଇମବ୍ରାଞ୍ଚ ଓ ସ୍କାଏ କିଙ୍ଗ୍ ଠକେଇ ମାମଲା ବିଚାରାଧୀନ ଥିବାରୁ ଉକ୍ତ ମାମଲାରେ ଜାମିନ ମିଳିବା ପର୍ଯ୍ୟନ୍ତ ଉଭୟଙ୍କୁ ଜେଲ୍‌ରେ ରହିବାକୁ ପଡ଼ିବ। ଆସନ୍ତା ଫେବୃୟାରୀ ୧ ତାରିଖରେ ହାଇକୋର୍ଟରେ ଉଭୟଙ୍କ ଅନ୍ୟ ମାମଲାର ☞ପୃଷ୍ଠା-୨




## ରେକର୍ଡ ଭାଙ୍ଗି ଚାଲିଛି ତେଲ ଦର

**ଭୁବନେଶ୍ୱର,୨୭।୧**

- **ପେଟ୍ରୋଲ ୨୫, ଡିଜେଲ ୨୮ ପଇସା ବୃଦ୍ଧି**
- **ପେଟ୍ରୋଲ ୮୬.୯୮, ଡିଜେଲ ୮୩.୩୪ ଟଙ୍କା ଛୁଇଁଲା**
- **ରାଜସ୍ଥାନରେ ପେଟ୍ରୋଲ ୧୦୦ ଟପିଲା**

ତେଲ ଦରରେ ଲଗାତର ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇ ଚାଲିଛି। ପେଟ୍ରୋଲ ଏବଂ ଡିଜେଲ ଦର କମିବା ଦେଖାଯାଉନାହିଁ। ଗତ ସପ୍ତାହରେ ଇନ୍ଧନ ଦର ୪ଥର ବଢ଼ିଥିଲା। ସେହିଭଳି ଜାନୁୟାରୀରେ ତେଲ ଦର ମୋଟ ୯ଥର ବୃଦ୍ଧି ପାଇବା ଅସହ୍ୟ ହେଲାଣି। ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ଶନିବାର ଲଗାତର ଦ୍ୱିତୀୟ ଦିନ ଲାଗି ତେଲ ଦର ବଢ଼ାଇଥିଲେ। ଶନିବାର ପରେ ବୁଧବାର ପୁଣି ଥରେ ଦର ବଢ଼ିବା ଯୋଗୁ ତେଲ ଦର ଲଗାତର ରେକର୍ଡ ଭାଙ୍ଗି ଚାଲିଛି। ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଲାଗି ଖାଉଟିଙ୍କୁ ଦିଲ୍ଲୀ ତୁଳନାରେ ଅଧିକ ଦାମ୍ ଦେବାକୁ ପଡୁଛି। ବୁଧବାର ଏଠାରେ ପେଟ୍ରୋଲ ଲିଟର ପିଛା ୨୫ ପଇସା ବଢି ୮୬.୯୮ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ୨୮ ପଇସା ବଢ଼ି ୮୩.୩୪ ଟଙ୍କା ହୋଇଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ବୁଧବାର ରାଜସ୍ଥାନର ଶ୍ରୀଗଙ୍ଗାନଗର ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା



ସିପ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକଳ ସମ୍ପତ୍ତି ଶିବାଙ୍କୁ ଦେଇ,**
**ଶିବ ପଳେଇଲେ ନଙ୍ଗଳା ହୋଇ।**

ନିଜର ଅଧିକାର ପରକୁ ଦେବା ଉଚିତ ନୁହେଁ, କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ନିଜର ନିଜତ୍ୱ ହରାଇ ବସିବାର ଆଶଙ୍କା ରହିଥାଏ। ନିଜର ବ୍ୟକ୍ତିଗତ ସମ୍ପଦ ଅନ୍ୟକୁ ଦାନ କରି ନିଜେ କଷ୍ଟ ଭୋଗିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ସାଙ୍କୁଡୁ ମାଙ୍କୁଡୁ ପୁଞ୍ଜିଏ,**
**ଶୁଖି ଠୋ ଠୋ ପୁଞ୍ଜିଏ,**
**ସାଲୁରୁ ବାଲୁରୁ ପୁଞ୍ଜିଏ।**

ବରଷକ ବାର ମାସ, ଛ ଋତୁ। ତେବେ ଋତୁ ମୁଖ୍ୟତଃ ତିନି ଋତୁ ଯଥା ଶୀତ, ଖରା ଓ ବର୍ଷା କୁ ହିଁ ବୁଝାଇଥାଏ। ଏପରି ସ୍ଥଳେ ଖରା, ବର୍ଷା ଓ ଶୀତ ଚାରି ମାସ ଲେଖା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## କୋଭିଡ୍ ଟିକା ...

ଦିଆଯାଇଥିଲା ବୋଲି ରଥ କହିଛନ୍ତି। ସଦର ଥାନା ଟାନୱାଟ ପଞ୍ଚାୟତ ଦିଆନମୁଣ୍ଡା ଗାଁର ନାନକରାମ ଗତ ୨ ମାସ ହେଲା ନୂଆପଡା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିଲେ। ଗତ ୨୩ ତାରିଖରେ ନୂଆପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ନାନକରାମ କୋଭାକ୍ସିନ ଟିକା ନେଇଥିଲେ। ପୂର୍ବରୁ ତାଙ୍କର କିଛି ରୋଗ ଜଣା ପଡୁ ନ ଥିଲା। ଟିକା ନେବାଦିନଠାରୁ ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗିଡ଼ିବାରେ ଲାଗିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ଅସୁସ୍ଥ ଅନୁଭବ କରିଥିଲେ ମଧ୍ୟ ଡ୍ୟୁଟି କରୁଥିଲେ। ସୋମବାର ଡ୍ୟୁଟି ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କେତେଜଣ କର୍ମଚାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରକ୍ତବାନ୍ତି ହେବାରୁ ଡାକ୍ତର ତାଙ୍କୁ ଶୀଘ୍ର ବୁର୍ଲା ବଡ଼ ଡାକ୍ତରଖାନା ନେବାକୁ କହିଥିଲେ। ପରିବାର ଲୋକେ ତାଙ୍କୁ ବୁର୍ଲା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତଦେହ ନୂଆପଡ଼ା ପହଞ୍ଚିବା ପରେ କ୍ଷତିପୂରଣ ନ ମିଳିବା ଯାଏ ବ୍ୟବଚ୍ଛେଦ କରାଇ ଦେବୁ ନାହିଁ ବୋଲି ନାନକରାମଙ୍କ ପରିବାରବର୍ଗ, ସୁରକ୍ଷା କର୍ମଚାରୀ ସଂଘ ଓ କେତେଜଣ ସାମାଜିକ କର୍ମୀ ଧାରଣା ଦେଇଥିଲେ। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୫ ହଜାର ଓ ସିକ୍ୟୁରିଟି ସଂସ୍ଥାରୁ ୨୫ ହଜାର ଟଙ୍କା ପରିବାର ଲୋକଙ୍କୁ ଦେଇଥିଲେ। ଶବ ବ୍ୟବଚ୍ଛେଦ ପରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ନାନକରାମଙ୍କ ରକ୍ତହୀନତା ଯୋଗୁ ମୃତ୍ୟୁ ହୋଇଛି ବୋଲି ଡାକ୍ତର କହୁଥିବା ବେଳେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଯଦି ସେ ରୋଗରେ ପୀଡ଼ିତ ଥିଲେ, ତେବେ କାହିଁକି ବିନା ଚେକ୍ଅପ୍‌ରେ ଟିକା ଦିଆଗଲା ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, ନାନକରାମଙ୍କ ବିବାହ ଆସନ୍ତା ଫେବୃୟାରୀ ୧୯ରେ ହେବାକୁ ସ୍ଥିର ହୋଇଥିଲା ବୋଲି ତାଙ୍କ ବଡ଼ଭାଇ ରୋହିତ କେଉଁଟ କହିଛନ୍ତି।

## ଆନ୍ଦୋଳନରେ ଫାଟ...

ଭି.ଏମ୍. ସିଂ କହିଛନ୍ତି। ସେହିପରି ଭାରତୀୟ କିଷାନ ସଂଘର ଏକ ଗୋଷ୍ଠୀ ମଧ୍ୟ ଆନ୍ଦୋଳନଠାରୁ ଦୂରେଇ ଯାଇଛି। ଚାଷୀମାନଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିବା କୃଷକ ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଦିଲ୍ଲୀରେ ଯାହା ଘଟିଲା ସେଥିପାଇଁ ଗଭୀର ମର୍ମାହତ ବୋଲି ଭାରତୀୟ କିଷାନ ସଂଘ (ଭାନୁ)ର ଅଧ୍ୟକ୍ଷ ଠାକୁର ଭାନୁପ୍ରତାପ ସିଂ କହିଛନ୍ତି। ଷଡ଼ଯନ୍ତ୍ର ଆଶଙ୍କା କରି ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା ମଙ୍ଗଳବାର ହିଂସାଠାରୁ ନିଜକୁ ଦୂରେଇ ରଖିଥିଲା। ଲାଲ୍‌କିଲ୍ଲାରେ ଯେଉଁମାନେ ଜାତୀୟ ପତାକାକୁ ଅପମାନିତ କଲେ ସେମାନେ ସର୍ଦ୍ଦାର ନୁହନ୍ତି, ଗଦ୍ଦାର ବୋଲି ଜଣେ କୃଷକ ନେତା କହିଛନ୍ତି। ପଞ୍ଜାବୀ ଅଭିନେତା ଦୀପୁ ସିଦ୍ଧୁ ସଂଘର୍ଷ ପାଇଁ ଲୋକଙ୍କୁ ମତାଇବା ସହ ଲାଲ୍‌କିଲ୍ଲାରେ ଶିଖ୍ ଧର୍ମୀୟ ପତାକା ଲଗାଇଥିବା କେତେଜଣ କୃଷକ ନେତା ଅଭିଯୋଗ କରିଛନ୍ତି। ଦୀପୁ ସିଦ୍ଧୁ ଜଣେ ସରକାରୀ ଲୋକ। ସେମାନେ କିପରି ଲାଲ୍‌କିଲ୍ଲାରେ ପହଞ୍ଚିଲେ ? ପୋଲିସ ସେମାନଙ୍କୁ କାହିଁକି ଅନୁମତି ଦେଲା ବୋଲି ଜଣେ ଚାଷୀ ନେତା ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ରାକେଶ ଟିକାଏତ୍ ଏବଂ ଏସ୍. ଏସ୍. ପାନ୍ଧେରଙ୍କ ଭଳି ବରିଷ୍ଠ କୃଷକ ନେତାମାନେ ମଧ୍ୟ ଦୀପ ସିଦ୍ଧୁଙ୍କୁ ଭାଜପା କର୍ମୀ ଭାବେ ଅଭିହିତ କରି ଦିଲ୍ଲୀ ହିଂସା ପାଇଁ ଦାୟୀ କରିଥିଲେ। ପାନ୍ଧେରଙ୍କ ମତରେ ପୋଲିସର ନିର୍ଦ୍ଧାରିତ ମାର୍ଗରେ ଟ୍ରାକ୍ଟର ରାଲି କରିବାକୁ ଯୋଜନା ହୋଇଥିଲା। ଲାଲକିଲ୍ଲାକୁ ଯିବା ସେମାନଙ୍କ କାର୍ଯ୍ୟସୂଚୀରେ ନ ଥିଲା। କିନ୍ତୁ କେତେଜଣ ଦୁର୍ବୃତ୍ତ ଲାଲକିଲ୍ଲାକୁ ମାଡ଼ିଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୀପ ସିଦ୍ଧୁଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ବ୍ୟକ୍ତିଙ୍କ ଉପରେ ଆମର ପୂର୍ବରୁ ସନ୍ଦେହ ଥିଲା ବୋଲି କିଷାନ ମଜଦୁର ସଂଘର୍ଷ କମିଟିର ପାନ୍ଧେର ପ୍ରକାଶ କରିଛନ୍ତି।

## ୨୫ ଏତଲା ଦାଏର

ନୂଆଦିଲ୍ଲୀ, ୨୭।୧(ଆଇଏଏନ୍ଏସ୍): ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ କୃଷକମାନଙ୍କ ଟ୍ରାକ୍ଟର ରାଲି ହିଂସାତ୍ମକ ରୂପ ନେଇଥିଲା। ଏହା ବିରୋଧରେ ଦିଲ୍ଲୀ ପୋଲିସ ପକ୍ଷରୁ ୨୫ଟି ଏତଲା ଦାଏର ହୋଇଛି। ଦଙ୍ଗା ସୃଷ୍ଟି କରିବା, ସର୍ବସାଧାରଣ ସମ୍ପତ୍ତି ନଷ୍ଟ, ମାରଣାସ୍ତ୍ରରେ ସରକାରୀ କର୍ମଚାରୀମାନଙ୍କୁ ଆକ୍ରମଣ କରିବା ଆଦି ବିଭିନ୍ନ ଧାରାରେ ଏତଲା ଦାଏର ହୋଇଛି। ପୋଲିସ ଉପରେ ଆକ୍ରମଣ କରିବା ସହ ଭଙ୍ଗାରୁଜାରେ ସମ୍ପୃକ୍ତ ଥିବା ହିଂସାକାରୀମାନଙ୍କୁ ଚିହ୍ନଟ କରିବା ଲାଗି ପୋଲିସ ଭିଡିଓ ଫୁଟେଜ୍‌ଗୁଡ଼ିକର ଯାଞ୍ଚ କରୁଛି।

## ରେକର୍ଡ ଭାଙ୍ଗି ଚାଲିଛି ...

ସହରରେ ବ୍ରାଣ୍ଡେଡ ବା ପ୍ରିମିୟମ ପେଟ୍ରୋଲର ଲିଟର ପିଛା ଦର ୧୦୦ ଟଙ୍କା ଟପିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ସର୍ବକାଳୀନ ରେକର୍ଡସ୍ତରରେ ଛୁଇଁଛି। ପେଟ୍ରୋଲ ଦର ୨୫ ପଇସା ବଢ଼ି ୮୬.୩୦ଟଙ୍କା ରହିଛି। ଡିଜେଲ ମଧ୍ୟ ୨୫ ପଇସା ବୃଦ୍ଧି ହେବା ଫଳରେ ୭୬.୪୬ ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୯୨.୮୬ ଟଙ୍କା ଓ ୮୩.୦୩ ଟଙ୍କାରେ ବିକ୍ରି ହେଉଛି। ଜାନୁୟାରୀରେ ପେଟ୍ରୋଲ ନୂଆଦିଲ୍ଲୀରେ ୨.୫୯ ଟଙ୍କା ଏବଂ ଡିଜେଲ ୨.୬୧ ଟଙ୍କା ବଢିଛି। ଜାନୁୟାରୀ ୬ ପରଠାରୁ ତେଲ ଦର ଲଗାତର ବଢ଼ିବା ଯୋଗୁ ଦର ରେକର୍ଡ ଭାଙ୍ଗି ଚାଲିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଫଳରେ ଭାରତରେ ବଢ଼ିଚାଲିଛି। ଅପରପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାର ତେଲ ଉପରେ ବର୍ଦ୍ଧିତ ଟିକସ ଲଗାଇବା ଯୋଗୁ ଇନ୍ଧନ ଦର ହ୍ରାସ ହେଉନାହିଁ।

## ବମ୍ବେ ହାଇକୋର୍ଟ ...

ଜାରି କରିବା ସହ ନାଗପୁର ବେଞ୍ଚଙ୍କ ଜାନୁୟାରୀ ୧୯ ତାରିଖ ରାୟ ବିରୋଧରେ ଅପିଲ୍ କରିବା ପାଇଁ ଆଟର୍ନି ଜେନେରାଲଙ୍କୁ ଅନୁମତି ଦେଇଛନ୍ତି। ମାମଲା ଅନୁଯାୟୀ ୨୦୨୦ ଫେବୃୟାରୀରେ ନାଗପୁରର ଜଣେ ୩୯ ବର୍ଷୀୟ ବ୍ୟକ୍ତି ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ତଳକୋର୍ଟ ମାମଲାର ବିଚାର

## ପ୍ରଥମ ପୃଷ୍ଠାରୁ...

କରି ପୋକ୍ସୋ ଆଇନର ଧାରା ୮ ଏବଂ ଆଇପିସିର ଧାରା ୩୫୪ରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଅଭିଯୁକ୍ତ ଉକ୍ତ ରାୟ ବିରୋଧରେ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଆବେଦନ କରିଥିଲେ। ଅଭିଯକ୍ତ ପୀଡ଼ିତାଙ୍କ ସାଲୱାର ଖୋଲିବାରେ ବିଫଳ ହୋଇ ଉପରୁ ସ୍ତନକୁ ସ୍ପର୍ଶ କରିଥିଲେ। ଏହା ପ୍ରତ୍ୟକ୍ଷ ଶାରୀରିକ ସ୍ପର୍ଶ ନୁହେଁ ଦର୍ଶାଇ ନାଗପୁର ବେଞ୍ଚ୍ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ପୋକ୍ସୋ ଆଇନରେ କଠୋର ଦଣ୍ଡ ଦେବା ପାଇଁ ପକ୍କା ପ୍ରମାଣ ଓ ଗୁରୁତର ଅଭିଯୋଗ ଆବଶ୍ୟକ ବୋଲି ନାଗପୁର ବେଞ୍ଚ୍ ବିଚାରପତି ପୁଷ୍ପା ଗଣେଦିୱାଲା କହିଥିଲେ। ତେବେ ଅଭିଯୁକ୍ତ ଜଣେ ମହିଳାଙ୍କ ପବିତ୍ରତା ନଷ୍ଟ କରିଥିବାରୁ ଆଇପିସିର ଧାରା ୩୫୪ ଅନୁଯାୟୀ ଦୋଷୀସାବ୍ୟସ୍ତ କରି ୧ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ।

## ସମସ୍ତଙ୍କ ପାଇଁ ଖୋଲିବ...

ସେହିପରି ଆନ୍ତଃରାଜ୍ୟ ଓ ରାଜ୍ୟ ଭିତରେ ଯାତାୟାତ ଓ ମାଲ୍ ପରିବହନରେ କୌଣସି କଟକଣା ରହିବ ନାହିଁ। କଣ୍ଟେନମେଣ୍ଟ ଜୋନ୍‌ଗୁଡ଼ିକ ଆବଦ୍ଧାଞ୍ଚଳ କଟକଣା କଡ଼ାକଡ଼ି ପାଳନ କରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ପରାମର୍ଶ କରି ଅଧିକ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଚଳାଚଳ ପାଇଁ ସିଭିଲ୍ ଆଭିଏଶନ ମନ୍ତ୍ରଣାଳୟକୁ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ହୋଇଥିବା ଗାଇଡ୍‌ଲାଇନ ଅନୁଯାୟୀ ଫେବୃୟାରୀ ୧ରୁ ୨୮ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆବଦ୍ଧାଞ୍ଚଳ କଟକଣା ଓ ବିଭିନ୍ନ କାର୍ଯ୍ୟକ୍ରମରେ ଏସ୍‌ଓପି କଡ଼ାକଡ଼ି ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ବିଭିନ୍ନ ଜଟିଳ ରୋଗ ଥିବା ଲୋକେ, ଗର୍ଭବତୀ ମହିଳା ଓ ୧୦ ବର୍ଷରୁ କମ୍ ପିଲାଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ପିନ୍ଧିବା, ହାତ ସାନିଟାଇଜ୍ କରିବା ପୂର୍ବଭଳି ଚାଲୁ ରହିବ। ସାମାଜିକ ଦୂରତ୍ୱ କଟକଣା ଯେଭଳି କଡ଼ାକଡ଼ି ପାଳନ ହୁଏ ତାହା ଅନୁଧ୍ୟାନ କରିବା ଦାୟିତ୍ୱ ଜିଲାପାଳମାନଙ୍କୁ ଦିଆଯାଇଛି।

## ଦିଲ୍ଲୀ ହିଂସା ...

ସ୍ୱରାଜ ଇଣ୍ଡିଆ ନେତା ଯୋଗେନ୍ଦ୍ର ଯାଦବ। ଟ୍ରାକ୍ଟର ରାଲି ପାଇଁ ଜାରି ହୋଇଥିବା ଏନ୍‌ଓସି ଗାଇଡ୍‌ଲାଇନ ଉଲ୍ଲଂଘନ ଅଭିଯୋଗରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଟିକାଏତ୍‌ଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଦଙ୍ଗା, ସରକାରୀ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନରେ ବାଧା ଦେବା ଆଦି ଅଭିଯୋଗରେ ଏତଲା ଦାଏର ହୋଇଛି। ଚାଷୀମାନେ ଟ୍ରାକ୍ଟର ମଡ଼ାଇ ଜଣେ ପୋଲିସ କର୍ମଚାରୀଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ କରାଯାଇଛି। କେତେକ ଟ୍ରାକ୍ଟରର ନମ୍ବର ପ୍ଲେଟ୍‌କୁ ଲୁଚାଇଦିଆଯାଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଲି କରିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ଏହାର ଯଥେଷ୍ଟ ପୂର୍ବରୁ ବାହାରିଥିଲେ। ରାଲିରେ ୫,୦୦୦ ଟ୍ରାକ୍ଟରକୁ ଅନୁମତି ଥିବାବେଳେ ଏହାଠାରୁ ବହୁ ସଂଖ୍ୟକ ଟ୍ରାକ୍ଟର ଏଥିରେ ସାମିଲ ହୋଇଥିବା ପୋଲିସ କହିଛି।

## ଦୀପ ସିଦ୍ଧୁ ...

ସମ୍ପର୍କ ରହିଥିବା ଚର୍ଚ୍ଚା ହେଉଛି। ଉଭୟ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହିତ ଦୀପ ସିଦ୍ଧୁଙ୍କ ଦୁଇଟି ପୃଥକ୍ ଫଟୋକୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଟୁଇଟ୍ କରିଛନ୍ତି। ସେଥିରେ ସେ ଲେଖିଛନ୍ତି, ଇଏ ହେଉଛନ୍ତି ସେହି ଦୀପ ସିଦ୍ଧୁ, ଯିଏକି ଭିଡ଼କୁ ଲାଲକିଲ୍ଲାକୁ ବାଟ କଢ଼ାଇ ନେଇଥିଲେ ଏବଂ ସେଠାରେ ଶିଖ୍‌ମାନଙ୍କ ଧାର୍ମିକ ପତାକା ଉଡ଼ାଇଥିଲେ। ଦୀପ ସିଦ୍ଧୁ ମଧ୍ୟ ଜାତୀୟ ପତାକା ସ୍ଥାନରେ 'ନିଶାନ ସାହିବ' ଉଡ଼ାଇବା କାର୍ଯ୍ୟକୁ ଏକ ଫେସ୍‌ବୁକ୍ ପୋଷ୍ଟରେ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ତେବେ ତାଙ୍କର ଏହି କାର୍ଯ୍ୟକୁ ଦେଶବ୍ୟାପୀ ନିନ୍ଦା କରାଯାଇଛି। କୃଷକ ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ଭାଜପା ତାଙ୍କୁ ନିୟୋଜିତ କରିଥିବା ଅଭିଯୋଗ ହୋଇଛି। ଏପରି କି ଖଲିସ୍ତାନ ଆନ୍ଦୋଳନ ଚଳାଇଥିବା ବିଚ୍ଛିନ୍ନତାବାଦୀ ସଙ୍ଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍ଏଫ୍‌ଜେ) ସହ ମଧ୍ୟ ଏହି ଅଭିନେତାଙ୍କ ସମ୍ପର୍କ ଥିବା କୁହାଯାଉଛି।

## ପାଠକ ବାପପୁଅଙ୍କୁ ...

ଶୁଣାଣି ରହିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ନଭେମ୍ବର ୨୭ ତାରିଖରେ ଉଭୟ ବାପପୁଅଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ୬୦ଦିନରେ ଚାର୍ଜଶିଟ୍ ଦାଖଲ କରିବାର ସମୟସୀମା ଥିବାବେଳେ ବୁଧବାରକୁ ୬୧ଦିନ ହେଉଥିଲା। ହେଲେ ଚାର୍ଜଶିଟ୍ ଦାଖଲ ନ ହେବାରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଉଭୟଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨ଜଣ ଜାମିନଦାରଙ୍କ ସହ ୨ଲକ୍ଷ ଟଙ୍କାର ବେଲ୍‌ବଣ୍ଡ ଦାଖଲ କରିବାକୁ ଉଭୟଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଭୟେ ମାମଲାର ସାକ୍ଷୀମାନଙ୍କୁ ପ୍ରଭାବିତ କରିବେନି ଓ ବିନା ଅନୁମତିରେ ସହର ବାହାରକୁ ଯାଇ ପାରିବେ ନାହିଁ ବୋଲି ସର୍ତ୍ତ ରହିଥିବା ପାଠକଙ୍କ ଓକିଲ ଅରୂପ ଚାନ୍ଦ କହିଛନ୍ତି। ଅପରପକ୍ଷରେ ସ୍ୱତନ୍ତ୍ର ଅଦାଲତ ଜାମିନ ଦେବାପରେ ଭୁବନେଶ୍ୱର ଭିଜିଲାନ୍ସ ସୂଚନା ଦେଇଛି ଯେ, ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକ ଜଣେ କେନ୍ଦ୍ରୀୟ ଲୋକ ସେବା ଅଧିକାରୀ। ଅଦାଲତରେ ଚାର୍ଜଶିଟ୍ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କଠାରୁ ଅଭିଯୋଗ ସମ୍ପର୍କିତ ମଞ୍ଜୁରୀ ମିଳିବା ଦରକାର। ଏକାଧିକ ବାହାର ରାଜ୍ୟରେ ମାମଲା ସମ୍ପର୍କିତ ତଦନ୍ତ ଜାରି ରହିଛି। ଯାହାର ତଦନ୍ତ ପ୍ରକ୍ରିୟା ପାଇଁ ସମୟ ଲାଗିବ। ବେଆଇନ୍ ସମ୍ପତ୍ତିର ଗଣନା ସହ ଆୟ ବ୍ୟୟ ଏବଂ ସ୍ଥାବରଅସ୍ଥାବର ସମ୍ପତ୍ତିର ଟେକ୍ନିକ୍ ହିସାବ ଚାଲିଛି। ନିରପେକ୍ଷ ପ୍ରକ୍ରିୟାରେ ତଦନ୍ତ ସରିବା ପରେ ଚାର୍ଜଶିଟ୍ ଦାଖଲ ହେବ ବୋଲି କୁହାଯାଇଛି। ଆଇଏଫ୍ଏସ୍ ଅଭୟକାନ୍ତ ପାଠକଙ୍କ ବିରୋଧରେ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ପାଠକଙ୍କ ଲିଙ୍କ୍ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଅଭିଯୋଗ ଥିବାରୁ ପ୍ରାୟ ୧୫୦ ଜଣ ଭିଜିଲାନ୍ସ ଅଫିସର ଚଢ଼ାଉରେ ସାମିଲ ଥିଲେ। ଏହି ଅଧିକାରୀମାନେ ରାଜ୍ୟ ଓ ରାଜ୍ୟ ବାହାର (ବିହାର ଓ ମହାରାଷ୍ଟ୍ର)ରେ ଏକକାଳୀନ ଚଢ଼ାଉ କରିଥିଲେ, ଯାହାକି ରାଜ୍ୟ ଇତିହାସରେ ଥିଲା ସବୁଠୁ ବଡ଼ ଚଢାଉ। ଗତ ନଭେମ୍ବର ୨୫ ଓ ୨୬ ରେ ଭିଜିଲାନ୍ସ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ସହ ରାଜ୍ୟ ବାହାରର ୧୨ଟି ସ୍ଥାନରେ ମାରାଥନ ଚଢ଼ାଉ କରିଥିଲା। ଅଭୟଙ୍କ ଅମାପ ସମ୍ପତ୍ତି ଝଲସେଇ ଦେଇଥିଲା ଭିଜିଲାନ୍ସ ଅଧିକାରୀଙ୍କ ଆଖି। ପରେ ନଭେମ୍ବର ୨୭ ତାରିଖରେ ଭିଜିଲାନ୍ସ ଅଭୟକାନ୍ତ, ପୁଅ ଆକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେମାନଙ୍କ ବିରୋଧରେ ଯେଉଁସବୁ ଦଫା ଲାଗିଥିଲା, ୧୦ବର୍ଷ ପର୍ଯ୍ୟନ୍ତ ଦଣ୍ଡାଦେଶ ମିଳିବାର ବ୍ୟବସ୍ଥା ରହିଛି। ସେହି ଅନୁସାରେ ୬୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରାଯିବା ଆବଶ୍ୟକ ରହିଛି। ମାତ୍ର ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ ଦାଖଲରେ ବିଳମ୍ବ ହେବାରୁ ବୁଧବାର ୬୧ ଦିନରେ ଉଭୟ ଅଭୟକାନ୍ତ ପାଠକ ଓ ଆକାଶଙ୍କୁ କୋର୍ଟ ଜାମିନ୍ ପ୍ରଦାନ କରିଛନ୍ତି। ପୂର୍ବରୁ ଜାନୁୟାରୀ ୧୫ ତାରିଖରେ ଉଭୟଙ୍କ ଜାମିନ୍ ପାଇଁ ହାଇକୋର୍ଟରେ ଆବେଦନ କରାଯାଇଥିଲେ ମଧ୍ୟ ଶୁଣାଣି ସ୍ଥଗିତ ରଖାଯାଇଥିଲା। ଉଭୟଙ୍କ ଜାମିନ୍ ସମ୍ପର୍କରେ ଗୁରୁବାର ହାଇକୋର୍ଟଙ୍କୁ ଜଣାଇ ଦିଆଯିବ ବୋଲି ଆଇନଜୀବୀ ଚାନ୍ଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟ ବାପ-ପୁଅଙ୍କୁ ଜାମିନ ମିଳିଥିଲେ ବି ଏବେ ସେମାନେ ଜେଲରୁ ବାହାରି ପାରିବେ ନାହିଁ। କାରଣ ଭିଜିଲାନ୍ସ ମାମଲାରୁ ଜାମିନ ମିଳିଥିଲେ ମଧ୍ୟପୁଅ ଆକାଶଙ୍କ ନାମରେ ଟାଟାରେ ଚାକିରି ଦେବା ନେଇ ଠକେଇରେ ସମ୍ପୃକ୍ତି ନେଇ କ୍ରାଇମ୍‌ବ୍ରାଞ୍ଚ ମାମଲା ବିଚାରାଧୀନ ରହିଛି। ଏହି ମାମଲାରେ ସମ୍ପୃକ୍ତି ନେଇ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସେହିପରି ସ୍କାଏ କିଙ୍ଗ୍ ଟ୍ରାଭେଲିଂ ସଂସ୍ଥା ଚାର୍ଟର ଫ୍ଲାଇଟ୍ ବୁକିଂ ଓ ତାରକା ହୋଟେଲରେ ରହିବା ନେଇ ୬୫ଲକ୍ଷ ଠକେଇ ନେଇ ପୁଅ ଆକାଶ ପାଠକ ଓ ପିତା ଅଭୟଙ୍କ ନାମରେ ସ୍କାଏ କିଙ୍ଗ୍ ପକ୍ଷରୁ ଖାରବେଳନଗର ଥାନାରେ ଅଭିଯୋଗ ପରେ ମାମଲା ରହିଥିଲ। ତେଣୁ ସେମାନଙ୍କୁଜାମିନ୍ ମିଳିଲା ପରେ ବି ଏବେ ଜେଲ୍‌ରେ ରହିବେ। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବରିଷ୍ଠ ଆଇଏଫଏସ୍ ଅଧିକାରୀ ତଥା ରାଜ୍ୟର ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଏବଂ ତାଙ୍କର ପୁତ୍ର ଆକାଶ ପାଠକଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଅଭୟକାନ୍ତଙ୍କ ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବିଭିନ୍ନ ଘର, ଫାର୍ମ ହାଉସ୍ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢାଉ କରି ସମ୍ପତ୍ତି ଯାଞ୍ଚ କରିଥିଲା। ଭିଜିଲାନ୍ସର ଚଢ଼ାଉ ସମୟରେ ଅଭୟକାନ୍ତ ପାଠକଙ୍କ ଭୁବନେଶ୍ୱର, ମୁମ୍ବାଇ, ପୁଣେ, ଉଦୟପୁରରେ ଥିବା ଘରୁ ମିଳିଛି ପ୍ରାୟ ୬୦ଲକ୍ଷ ନଗଦ ଟଙ୍କା, ୮୦୦ଗ୍ରାମର ସୁନା ଅଳଙ୍କାର ସହିତ ୨୩ ଲକ୍ଷ ଟଙ୍କାର ସୁନାଗହଣା କିଣାଯାଇଥିବା କାଗଜପତ୍ର ଜବତ ହୋଇଥିଲା।

## ରାମଚନ୍ଦ୍ର ପାଇବେ ...

ବାଇଧର ସାହୁ, ଜୀବନକୃଷ୍ଣ ମହାପାତ୍ର, ଦିଗରାଜ ବ୍ରହ୍ମା, ରୁଦ୍ରନାରାୟଣ ପୃଷ୍ଟି, ସୌଭାଗିନୀ ମିଶ୍ର, ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର, କୃପାସିନ୍ଧୁ ନାୟକ, ନିର୍ମଳପ୍ରଭା ନାୟକ, ରାସେଶ୍ୱରୀ ମିଶ୍ର, ରାଧାବିନୋଦ ନାୟକ ଓ ମହେଶ୍ୱର ମୂଳିଆ। ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ୧ଲକ୍ଷ ଟଙ୍କାର ଅର୍ଥରାଶି ସହିତ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦ୍ୱିଜା ନକ୍ଷତ୍ର ଆଜି କେବଳ କଅଁଳିଆ କଥା କହି ପରକୁ ଆପଣାର କରିପାରିବେ। ଟଙ୍କା,ପଇସାର ଅଭାବ ରହିବ ନାହିଁ କିନ୍ତୁ ବନ୍ଧୁମାନଙ୍କ ଖାପଛଡ଼ା କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ।

**ବୃଷ**
ଆଜି ଆକସ୍ମିକ ଭାବେ କଥା କହୁ ନ ଥିବା ଲୋକଟି ହଠାତ୍ ଶତ୍ରୁତା ଭୁଲି ସୁହାଇଲା ଭଳି କିଛି କହିବେ। ରୋହିଣୀ ନକ୍ଷତ୍ରର ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ଦି'ପଇସା ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଘର କଥା ଯେମିତି ସେମିତି ରହିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**
ଆରଦ୍ରା ନକ୍ଷତ୍ର ବନ୍ଧୁଙ୍କୁ ମନେଇବାକୁ ଯାଇ ବହୁତ କିଛି କହିବାକୁ ପଡିପାରେ। ଯାହାକୁ ଖୋଜୁଥିବେ ସେହି ବ୍ୟକ୍ତି ସ୍ୱତଃ ପ୍ରବୃତ୍ତଭାବରେ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ବୃଦ୍ଧି ପାଇବ। ପୁନର୍ବସୁ ନକ୍ଷତ୍ର ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି। ପ୍ରଶାସନ, ପ୍ରକାଶନ, ରାଜନୀତି, କୃଷିବାଣିଜ୍ୟ ଓ ବନ୍ଧୁମିଳନରେ ସୁଫଳ ପାଇବେ।

**ସିଂହ**
କର୍ମକ୍ଷେତ୍ରରେ ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହୋଇପାରେ। ମଘା ନକ୍ଷତ୍ର ଅବଶ୍ୟ ପରକଥା ଶୁଣି ଦେବା ଲୋକଟିର ମନ ବିଗିଡି ଯିବାର ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ।

**କନ୍ୟା**
ଆଜି ହସ୍ତାନକ୍ଷତ୍ର ଯଦିଓ କିଛି ପାଇବେ ତଥାପି ତାହା ସହଜଲଭ୍ୟ ହୋଇପାରିବ ନାହିଁ। ପରିବାରରେ ଝଡ଼ଝଞ୍ଜାର ଗୁରୁଗମ୍ଭୀର ଗର୍ଜନ କାର୍ଯ୍ୟାବଳୀକୁ ଛିନ୍‌ଭିନ୍ କରିଦେଇପାରେ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଅପରାହ୍ନରେ କୌଣସି ଖବର ପାଇ ଉତ୍‌ଫୁଲ୍ଲିତ ହୋଇପାରନ୍ତି।

**ତୁଳା**
ଜଣେ ନୂଆ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସ୍ୱାତୀ ନକ୍ଷତ୍ର ଅସୁବିଧାକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେଇପାରନ୍ତି। ବିବାଦୀୟ ଘଟଣାରେ ହତୋତ୍ସାହିତ କିମ୍ବା ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ମୂଲ୍ୟବାନ ଜିନିଷ କିଣିବା, ନୂତନ ଗୃହ ନିର୍ମାଣ, ଯାନବାହନ ମରାମତିରୁ ଖୁସି ରହିବେ।

**ବିଛା**
ଆଜି ଅନୁରାଧା ବନ୍ଧୁମିଳନରୁ ଖୁସି ରହିବେ। ମାନସିକ ସ୍ଥିରତା ରହିବ ନାହିଁ। ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା ଜାରି ରହିବ। ପୂର୍ଣ୍ଣ ସନ୍ତୋଷ କେଉଁଠାରୁ ବି ମିଳିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ। କଳା, ସାହିତ୍ୟ, ଅର୍ଥ, ଜମିଜମା, ସଭାସମିତି ପ୍ରଭୃତି ମଧ୍ୟମ ପ୍ରକାରର ରହିବ।

**ଧନୁ**
ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ ଯାହାକି ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ପୂର୍ବାଷାଢ଼ା ନକ୍ଷତ୍ର ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବବତ୍ ରହିବ। ବ୍ୟବସାୟରେ ଭଲ କାରବାର ହେବ।

**ମକର**
ଆଜି ଦିନଟିରେ କାହାକୁ ହେଲେ ମଧ୍ୟ ଟାଣ କଥା କହିବା ସମସ୍ୟାର କାରଣ ହୋଇପାରେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହେଲେ ସଙ୍ଗଦୋଷ ଅପରାଧରେ ସମାଲୋଚିତ ହୋଇପାରନ୍ତି। କର୍ମକ୍ଷେତ୍ର, ପରିବାର, ଆଲୋଚନାରେ, ବନ୍ଧୁବାନ୍ଧବରେ ସମସ୍ୟା ସମାଧାନର ରାସ୍ତା ଖୋଜି ପାଇବେ।

**କୁମ୍ଭ**
ଆଜି ପୂର୍ବଭାଦ୍ରପଦ ନକ୍ଷତ୍ର କିଛି ପାଇବାକୁ ହେଲେ କିଛି ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୁଅନ୍ତୁ। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ତାହାର ଦୁଇଗୁଣ ନିନ୍ଦାଗାନ ନିଜ ଲୋକମାନେ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ**
ଆପଣଙ୍କ ଏକଜିଦିଆ ମନୋବୃତ୍ତି କେତେକ କ୍ଷେତ୍ରରେ ବ୍ୟତିକ୍ରମର କାରଣ ହେବ। ଈର୍ଷାପରାୟଣ ବ୍ୟକ୍ତିଙ୍କ ନିକଟରୁ ଦୂରେଇ ରହିବା ଭଲ। ରେବତୀ ନକ୍ଷତ୍ରର ପରିବାରରେ ମତାନ୍ତରଜନିତ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

ଆଜି ପୌଷମାସର ଗୁରୁପୂର୍ଣ୍ଣିମା ଗୁରୁବାର, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଦେବାଭିଷେକ, ପୁଷ୍ୟାଭିଷେକ, ରାଜାଭିଷେକ, ଶ୍ରୀନଅରରେ ଉତ୍ସବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜବେଶ, (ସୁନାବେଶ), ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ମାଘବ୍ରତ ସଂକଳ୍ପ, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଜାନୁୟାରୀ ୨୮ ତାରିଖ, ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬।୨୭ ଗତେ ଘ.୦୭।୫୫ ମଧ୍ୟେ, ଘ.୧୦।୫୩.ଗତେ ଘ.୦୧।୦୬ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୫୧ ଗତେ ଘ.୦୩।୧୯ ମଧ୍ୟେ ମାହେନ୍ଦ୍ର ବେଳା। ରାତ୍ରି ଘ.୦୩।୦୦ ଗତେ ଘ.୦୩।୫୧ ମଧ୍ୟେ ଅମୃତବେଳା, ମଧ୍ୟାହ୍ନ ଘ.୦୧।୨୨ ଗତେ ଘ.୦୨।୪୬ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.- 500/- first possession/ registration. 6371406921. D-69363

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553. D-70147

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

Plot for sale near Oxford College, Bhingarpur, Kuranga 25' Road (Ready for Construction) 9861302460, 6370354458. D-70161

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

ଭୁବନେଶ୍ୱର Airport ଠାରୁ ୬କି.ମି. ଦୂର ବୋତଣ୍ଡାରେ 1406sqft. ଘରବାରି ପ୍ଲଟ୍ @ 24,50,000/-, 9040404420, 9777686666. D-19669

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764. D-19667

ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952. D-70154

6,00,000/- ଟଙ୍କା ଦେଇ Bhubaneswar new Railway station ସାମ୍ନାରେ ଘରବାରି ପ୍ଲଟ୍ କିଣନ୍ତୁ। First possession/ registration. 9937349112. D-70163

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338 D-19563

Gharabari Plot for sale at Bhingarpur 8 Km. from Hanspal Chhack, Booking open from 2nd February, Registration April. Sqft. 220/- Total Plot - 29, Booking Amount 40,000/- 9338591776, 9668764316. D-70171




For construction only in your plot inside Bhubaneswar area, contact MRC- 9937064680. D-27287




2BHK house ground floor Rajarani Colony, Bhubaneswar. Contact: 9437516391. D-68993

3000sft./ 4000sft. Office space with parking 100mtr. from Lewis road, Hyundai showroom- 9437031324, 9810064588. D-69681

Ground floor:- 2Bedroom, 2Toilet, Drawing, Puja room, Kitchen, Dining-Cum-Hall at Jagannath Nagar, Road No- 11, GGP, Bhubaneswar. For small Family preferred. Rent @ 9000/- P.M. Contact: 9937475612, 9437291317. D-19724




Revitalize your self with our ayurvedic massage and refreshment, Call: 7381239385. D-70100

Experience full body massage with expert therapists. Call: 7377048581. D-70501

Get refreshment Body Massage by Expert Therapist. Contact for: 6371537969. D-70099

Refreshing your mind & body with best therapy at Lotus SPA. 8018234866. D-70417

Ayurvedic full body massage by experienced (M/F) therapist. 7008773793, 8018656899. D-59976

Newly open full body massage ladies and gents. 9861141344, 8658994614. D-70416

Swarna SPA newly open positively health benefits with expert therapist. 9556978408. D-70508

Rejuvenate and Ayurvedic full body massage by smart therapist. 9348123330. D-70509

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୧୦,୪୪,୬୦୮ | ୨୧,୭୩,୭୮୬ | ୭,୩୦,୨୫,୬୦୯ |
| ଭାରତ | ୧,୦୬,୯୦,୨୭୯ | ୧,୫୩,୭୫୧ | ୧,୦୩,୫୯,୩୦୫ |
| ଓଡ଼ିଶା | ୩,୩୪,୬୬୬ | ୧୯୦୬(+୫୩) | ୩,୩୧,୫୩୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର






## ନବଦୀପଙ୍କୁ ମିସେସ୍ ଇଣ୍ଡିଆ ୱାର୍ଲ୍ଡ ମୁକୁଟ



**ରାଜଗାଙ୍ଗପୁର, ୨୭।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର କାଂଶବାହାଲ ଅଞ୍ଚଳର ନବଦୀପ କୌର (୩୧) ମିସେସ୍ ଇଣ୍ଡିଆ ୱାର୍ଲ୍ଡ ମୁକୁଟ ଜିଣିଛନ୍ତି। ସେ ହେଉଛନ୍ତି ଶିଳ୍ପପତି କମଲଦୀପ ସିଂଙ୍କ ସ୍ତ୍ରୀ। ବମ୍ବେସ୍ଥିତ ଦମନରେ ଗତ ୨୩ରେ ଅନୁଷ୍ଠିତ ମିସେସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୦-୨୧ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବୁଧବାର ଘରକୁ ଫେରିବା ପରେ ସ୍ଥାନୀୟ କାଂଶବାହାଲ ବିଳେଇଗଡ଼ଛକ ନିକଟରେ ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ୍. ରାଜନ ଏକ୍କା ଓ ଅନ୍ୟମାନେ ସମ୍ବର୍ଦ୍ଧନା ଦେଇଥିଲେ। ଗୃହିଣୀ ହେଲେ ମଧ ନିଜର ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ସେ ଏହି ସଫଳତା ପାଇଛନ୍ତି। ଏହାର ଶ୍ରେୟ ସ୍ୱାମୀ ଏବଂ ପରିବାରର ୧୫ ସଦସ୍ୟଙ୍କୁ ଦେଇଛନ୍ତି। ନବଦୀପ ଜଣେ ଉଚ୍ଚଶିକ୍ଷିତା। କମ୍ପ୍ୟୁଟର ବିଜ୍ଞାନରେ ବି.ଟେକ୍ ପାସ୍ କରିବା ସହ ଏମ୍‌ବିଏସ୍ ଡିଗ୍ରୀ ମଧ ହାସଲ କରିଛନ୍ତି।

# ରାସ୍ତାକଡ଼ରୁ ଛାତ୍ରୀଙ୍କ ମୃତଦେହ ଜବତ

**ରସୁଲପୁର(ଡିଏନ୍‌ଏ)/ ବାରିପଦା ଅଫିସ,୨୭।୧**



ଝରାଫୁଲ ନାୟକ

- ହତ୍ୟା ପରେ ସ୍କୁଟିରେ ଆଣି ଫୋପାଡ଼ି ଦିଆଯାଇଥିବା ଅଭିଯୋଗ
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷରେ ପଢୁଥିଲେ
- ଅଧାପକଙ୍କ ଝିଅ ଜନ୍ମଦିନରେ ଯୋଗ ଦେବାକୁ ଆସିଥିଲେ ଭୁବନେଶ୍ୱର

ଯାଜପୁର ଜିଲା ରସୁଲପୁର ବ୍ଲକ ମୂଳାପାଳ ଛକ ନିକଟସ୍ଥ ରାଜେନ୍ଦ୍ରପୁର-ଦିଆଲଖଣ୍ଡି ଗ୍ରାମରାସ୍ତା ପାର୍ଶ୍ୱରୁ ବୁଧବାର ପୂର୍ବାହ୍ନ ପ୍ରାୟ ୯ଟା ସମୟରେ କୁଆଖିଆ ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଜବତ କରିଛି। ଯୁବତୀ ଜଣକ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଯୁକ୍ତତିନି ୨ୟ ବର୍ଷ ଛାତ୍ରୀ ଝରାଫୁଲ ନାୟକ(୨୧)। ତାଙ୍କ ଘର ମୟୂରଭଞ୍ଜ ଜିଲା ଯଶିପୁର ଥାନା ବୁନ୍ଦେଇପୋଷି ଗ୍ରାମରେ ବୋଲି ଜଣାପଡ଼ିଛି। ହତ୍ୟାପରେ ଝରାଫୁଲଙ୍କୁ ୨ଜଣ ଯୁବକ ଏକ ସ୍କୁଟିରେ ଆଣି ପକାଇ ଦେଇପଳାଇ ଯାଇଥିବା ନିକଟ ଚାଷ ଜମିରେ କାମ କରୁଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ସୂଚନା ମିଳିଛି। ଏସମ୍ପର୍କରେ ଖବର ପାଇ କୁଆଖିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଯୁବତୀଙ୍କ ନିକଟରୁ ମିଳିଥିବା ଏକ ଏୟାର ବ୍ୟାଗରୁ କିଛି ବହି, ଖାତା, ପୋଷାକ ମିଳିଛି। ଖାତାରେ ଲେଖାଥିବା ଏକ ଫୋନ୍ ନମ୍ବରରେ ପୋଲିସ ଯୋଗାଯୋଗ କରିବାରୁ ତାହା ମୃତା ଯୁବତୀ ରହୁଥିବା ହଷ୍ଟେଲର ଜଣେ ଅନ୍ତେବାସିନୀଙ୍କ ବୋଲି ଜଣାପଡ଼ିଥିଲା। ଉକ୍ତ ଅନ୍ତେବାସିନୀଙ୍କର ଠାରୁ ମୃତା ଝରାଫୁଲଙ୍କ ପରିବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଯୋଗାଯୋଗ କରାଯିବାପରେ ଅପରାହ୍ନରେ ପରିବାର ଲୋକେ ଥାନାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତା ଯୁବତୀଙ୍କ ବାପା ରମାକାନ୍ତ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଆଇପିସି ଦଫା ୩୦୨(ହତ୍ୟା), ୨୦୧(ପ୍ରମାଣ ନଷ୍ଟ)ରେ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ତଦନ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ମୃତଦେହ ପଡ଼ିଥିବା ସ୍ଥାନରୁ ରାଜପଥ ଆଡ଼କୁ ପ୍ରାୟ ୩୦୦ମିଟର ଦୂରରେ ଥିବା ମୂଳାପାଳ ଛକର ଏକ ଦୋକାନର ସିସି ଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ମୃତଦେହକୁ ଏକ ସ୍କୁଟିରେ ଅଣାଯାଇ ସେଠାରେ ପକାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

ମୃତ ଯୁବତୀଙ୍କ ବାପା ରମାକାନ୍ତଙ୍କ ଅଭିଯୋଗ ଅନୁଯାୟୀ, ଝରାଫୁଲ ଜଣେ ଅଧାପକଙ୍କ ଝିଅ ଜନ୍ମଦିନରେ ଯୋଗଦେବାକୁ ଗତ ୨୪ତାରିଖରେ ଭୁବନେଶ୍ୱର ଯାଇଥିଲେ। ୨୫ ତାରିଖ ଦିନ ଜନ୍ମଦିନ ପାଳନ କରିବା ପରେ ରାତିରେ ସେଠାରେ ରହିଥିଲେ। ପରଦିନ ସକାଳେ ଝରାଫୁଲଙ୍କୁ ବସ୍‌ରେ ବସାଇ ଦେଇ ଅଧାପକ ଫେରିଯାଇଥିଲେ। ତେବେ ଝରାଫୁଲ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ବସ୍‌ରେ ବସିବାର ୫ମିନିଟ୍ ପରେ ବାଣୀବିହାର ଛକ ନିକଟରେ ଓହ୍ଲାଇ ପଡ଼ିଥଲେ। ସେ ତାଙ୍କ ସାଙ୍ଗ ଘରକୁ ଶୌଚ ହେବାକୁ ଯାଇଥଲେ ବୋଲି ଝରାଫୁଲ ତାଙ୍କ ବାପାଙ୍କୁ ଫୋନ୍ ଯୋଗେ ଜଣାଇଥଲେ। ତେବେ ଝିଅ ବସ୍‌ରେ ବସିଲାଣିକି ନାହିଁ ଜାଣିବାକୁ ମଧ୍ୟାହ୍ନରେ ବାପା ଫୋନ କରିବାରୁ ତାଙ୍କ ଫୋନ ବନ୍ଦ ଥିଲା। ଶେଷରେ ମୃତଦେହ ଯାଜପୁର ଜିଲାର କୁଆଖିଆ ଥାନା ଅଞ୍ଚଳରୁ ଜବତ କରାଯାଇଛି ବୋଲି ପୋଲିସ ଠାରୁ ସୂଚନା ପାଇଥିଲେ। ତେବେ ଝରାଫୁଲଙ୍କୁ କେହି ହତ୍ୟାକରି ଆଣି ଏଠାରେ ଫୋପାଡି ଦେଇଛି ବୋଲି ବାପା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଝରାଫୁଲଙ୍କ ଏକ ଚପଲ ଘଟଣାସ୍ଥଳରୁ ମିଳିଥିବାବେଳେ ଅନ୍ୟ ଏକ ଚପଲ ମୂଳାପାଳ ଛକରୁ ବାଲେଶ୍ୱର ଆଡ଼କୁ ଲମ୍ବିଥିବା ରାଜପଥର ପୁରୁଣା ଥାନା ଛକରୁ ମିଳିଛି। ତେଣୁ ଯୁବତୀଙ୍କ ମୃତଦେହକୁ ଭୁବନେଶ୍ୱର ବଦଳରେ ବାଲେଶ୍ୱରପଟୁ ଅଣାଯାଇଥିବା ସନ୍ଦେହ କରାଯାଉଛି। ଏହାଛଡ଼ା ପରିବାର ଲୋକେ ଗଣମାଧମ ସମ୍ମୁଖରେ ଦେଇଥିବା ବୟାନରୁ ଜଣାଯାଇଛି ଯେ, ଯୁବତୀଙ୍କ ସହ ବାଙ୍କୀ ଅଞ୍ଚଳର ଜଣେ ଯୁବକର ବନ୍ଧୁତ୍ୱ ସମ୍ପର୍କ ରହିଥିଲା। ଉକ୍ତ ଯୁବକ ମୟୂରଭଞ୍ଜ ଜିଲାରେ ଠିକାଦାରୀ କାମ କରୁଥିଲେ। ଏହା ଜଣାପଡ଼ିବା ପରେ ଯୁବକଙ୍କ ସହ କଥା ନହେବାକୁ ଝରାଫୁଲଙ୍କୁ ପରିବାର ପକ୍ଷରୁ ବାରଣ କରାଯାଉଥିଲା।

## ହାତୀଛୁଆର ଗଳିତ ମୃତଦେହ ଜବତ

**ଔପଦା, ୨୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା କୁଲଡିହା ହାତୀ ଅଭୟରାଣ୍ୟ ଔପଦା ଉପଖଣ୍ଡ ବନାଞ୍ଚଳ ସୀମାନ୍ତରେ ଏକ ଦେଢବର୍ଷର ହାତୀଛୁଆର ଗଳିତ ମୃତଦେହ ଜବତ କରାଯାଇଛି। ପ୍ରାୟ ୨ମାସ ପୂର୍ବେ ଏହାର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବନବିଭାଗ ତଦନ୍ତ ଆରମ୍ଭ କରିଛି।




# କୋଷ୍ଟାଲ୍ ହାଇୱେ ପରିବର୍ତ୍ତିତ ନକ୍ସାକୁ ନେଇ ଉଦ୍‌ବେଗ

**ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ ଯୋଜନା ବୋର୍ଡ ଉପାଧକ୍ଷ**

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** କେନ୍ଦ୍ର ସରକାର ପ୍ରସ୍ତାବିତ ଉପକୂଳ ରାଜପଥ(କୋଷ୍ଟାଲ୍ ହାଇୱେ) ପ୍ରକଳ୍ପର ନକ୍ସା ପରିବର୍ତ୍ତନ କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟ ପ୍ରବନ୍ଧକ ରାମ ପ୍ରସାଦ ପଣ୍ଡା କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଦ୍ୱାରା ଗଠିତ ଏକ ବିଶେଷଜ୍ଞ କମିଟି (ଏକ୍ସପର୍ଟ ଆପ୍ରେଜାଲ୍ କମିଟି) ଉପକୂଳ ରାଜପଥ ପାଇଁ ଏକ ନୂତନ ଆଲାଇନ୍‌ମେଣ୍ଟ (ଗ୍ରୀନ୍ ଫିଲଡ୍)ର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କ ଘୋଷଣାର ଦୀର୍ଘ ୬ ବର୍ଷ ପରେ ପ୍ରକଳ୍ପର ନୂଆ ଆଲାଇନ୍‌ମେଣ୍ଟ ନେଇ କେନ୍ଦ୍ର ସରକାରଙ୍କ ଏଭଳି ପରିବର୍ତ୍ତିତ ଆଭିମୁଖ୍ୟ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଇଛନ୍ତି।

ଲୋକସେବା ଭବନସ୍ଥିତ ପୂର୍ତ୍ତ ବିଭାଗର ସମ୍ମିଳନୀ କକ୍ଷରେ ଗୋପାଳପୁର ଠାରୁ ଦୀଘା ପର୍ଯ୍ୟନ୍ତ ଭାୟା ପୁରୀ ଦେଇ ଯାଇଥିବା ଭାରତମାଳା (କୋଷ୍ଟାଲ୍ ହାଇୱେ) ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ୨୦୧୫ରେ ନବକଳେବର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତତ୍‌କାଳୀନ ଖାଦ୍ୟ ଯୋଗାଣ, ବୈଷୟିକ ଶିକ୍ଷା ଓ ନିଯୁକ୍ତି ମନ୍ତ୍ରୀ ସଞ୍ଜୟ ଦାସ ବର୍ମାଙ୍କ ଉପସ୍ଥିତିରେ ପିପିଲିଠାରେ ଅନୁଷ୍ଠିତ ସମାବେଶରେ ଘୋଷଣା କରିଥିଲେ। ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ୪୪୦ କିମି କୋଷ୍ଟାଲ୍ ହାଇୱେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ। ଏହି ହାଇୱେ ନିର୍ମାଣ ହେଲେ ଓଡ଼ିଶାର ପର୍ଯ୍ୟଟନ, ବାଣିଜ୍ୟିକ କ୍ଷେତ୍ରରେ ଏକ ବିରାଟ ଯୋଗଦାନ ହେବ ବୋଲି ସାଧାରଣରେ ଆଶା ସଞ୍ଚାର ହୋଇଥିଲା। ପରବର୍ତ୍ତୀ ସମୟରେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ପରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ୨୦୧୯ ନଭେମ୍ବର ୧୫ରେ ନିଷ୍ପତ୍ତି ନିଆଯାଇ ପ୍ରଥମ ପର୍ଯ୍ୟାୟରେ ୩୭୦ କିମି ଉପକୂଳ ରାଜପଥ (ଭାରତମାଳା) ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା। ଏହି ଉପକୂଳ ରାଜପଥ ପୁରୀ ଜିଲାର ସାତପଡ଼ାଠାରୁ ଆରମ୍ଭ ହୋଇ ପୁରୀ-କୋଣାର୍କ-ଅସ୍ତରଙ୍ଗ-ରତନପୁର-ଧାମରା-ବାସୁଦେବପୁର-ଚାନ୍ଦିପୁରଠାରୁ ଦୀଘା ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ମଞ୍ଜୁରୀ ପ୍ରଦାନ କରିଥିଲେ।

ବୈଠକରେ ପୂର୍ତ୍ତ ସଚିବ କିଷନ କୁମାର, ଅତିରିକ୍ତ ଶାସନ ସଚିବ ଏଚ୍.କେ. ଦତ୍ତ, ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟ ପ୍ରବନ୍ଧକ ରାମ ପ୍ରସାଦ ପଣ୍ଡା, ରାଜପଥ ମୁଖ୍ୟଯନ୍ତ୍ରୀ ରଞ୍ଜିତ କୁମାର ସାହୁ, ରାସ୍ତା ବିଭାଗର ମୁଖ୍ୟଯନ୍ତ୍ରୀ ମନୋରଞ୍ଜନ ମିଶ୍ର ଓ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗର ଉପ ଶାସନ ସଚିବ ଅଭୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା



# ବାର୍ଡ ଫ୍ଲୁ ଓ ଆମ ନୀତି

ମାନେକା ଗାନ୍ଧୀ

ଭାରତର ଅନେକ ରାଜ୍ୟରେ ଲାଗିରହିଥିବା ବାର୍ଡ ଫ୍ଲୁ ସଂକ୍ରମଣ ରୋକିବା ଲାଗି ସେଠାରେ କୁକୁଡ଼ାଙ୍କୁ ମାରି ଦିଆଯାଉଛି। ନ ବୁଝିଶୁଝି ସ୍ୱାସ୍ଥ୍ୟ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛି। ବାର୍ଡ ଫ୍ଲୁ ଭାରତରେ ପ୍ରଥମ ଥର ଦେଖାଯାଇନାହିଁ। ୨୦୦୬ରୁ ଲଗାତର ଏହା ଦେଖାଦେଉଛି। ଏହାକୁ ପ୍ରତିରୋଧ କରିବା ପାଇଁ ସବୁଥର ସମାନ ଢଙ୍ଗରେ ଲକ୍ଷ ଲକ୍ଷ କୁକୁଡ଼ାଙ୍କୁ ମରାଯାଉଛି। ଭାରତ କାହିଁକି ବାର୍ଡ ଫ୍ଲୁର ପେଣ୍ଠ ପାଲଟିଛି ତାହା ବୁଝିବାକୁ ସରକାର ନାରାଜ । ଯେହେତୁ ସେମାନେ କିଛି ବୁଝୁନାହାନ୍ତି, ସେଥିପାଇଁ ବାରମ୍ବାର ବ୍ୟାପୁଥିବା ମହାମାରୀକୁ ରୋକିବା ପାଇଁ ନୀତି ପରିବର୍ତ୍ତନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେ ନିଜେ ଏଭଳି ଏକ ବିପର୍ଯ୍ୟୟକୁ ଆମନ୍ତ୍ରଣ କରୁଛେ। ଏହି ମହାମାରୀରେ ପ୍ରଥମେ କୁକୁଡ଼ା,ଫାର୍ମର କର୍ମଚାରୀ ତଥା କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ ହେଉଛନ୍ତି। ତେବେ କୁକୁଡ଼ା ମାଂସ ଖାଉଥିବା କୋଟି କୋଟି ଲୋକ ଏହି ରୋଗରେ ସଂକ୍ରମିତ ହେବେ ନାହିଁ ବୋଲି ଯାହା କୁହାଯାଉଛି ତାହା ବିଶ୍ୱାସଯୋଗ୍ୟ ନୁହେଁ। ଏହି ମହାମାରୀର ମୂଳ କାରଣ ହେଉଛି ଇଣ୍ଟେନସିଭ ଆନିମଲ ଏଗ୍ରିକଲଚର କିମ୍ବା ଫ୍ୟାକ୍ଟ୍ରି ଫାର୍ମିଂ। ବ୍ୟାପକ ଭାବେ ଅଣପାରମ୍ପରିକ ପ୍ରାଣୀ ପାଳନ ବ୍ୟବସ୍ଥା ବି ଏହାର ଏକ କାରଣ। ଫାର୍ମରେ କମ୍ ଜାଗାରେ ଓ ଅସ୍ୱାସ୍ଥ୍ୟକର ପରିବେଶରେ ପିଞ୍ଜରା ବା ଜାଲି ଘେରା ଘରେ କ୍ଷମତାଠାରୁ ଅଧିକ କୁକୁଡ଼ାଙ୍କୁ ରଖାଯାଉଛି। ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଉଛି । ବର୍ଜ୍ୟ ପରିଚାଳନ ଗତ ଅବ୍ୟବସ୍ଥା ଯୋଗୁ ବାୟୁ ଓ ଜଳ ପ୍ରଦୂଷିତ ହେଉଛି। କୁକଡ଼ାମାନଙ୍କୁ ଅତ୍ୟଧିକ ଆଣ୍ଟିବାୟୋଟିକ୍ସ ଓ ଗ୍ରୋଥ ହର୍ମୋନ ଦିଆଯାଉଛି। ବହୁତ ଖରାପ ଅବସ୍ଥାରେ ଥିବା ଫାର୍ମଗୁଡ଼ିକ ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି । ଏହାଦ୍ୱାରା ରୋଗ ସୃଷ୍ଟିକାରୀ ଜୀବାଣୁ ଓ ଭୂତାଣୁ ଜନ୍ମ ନେଉଛନ୍ତି।

ଇନଫ୍ଲୁଏଞ୍ଜା ଭାଇରସ ବା ଭୂତାଣୁର ନୂଆ ଷ୍ଟ୍ରେନ୍ ଚିହ୍ନଟ କରିବା ସହ ଏହାକୁ ନିରୀକ୍ଷଣ ଏବଂ ନିୟନ୍ତ୍ରଣ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ)ର ଏପିଡେମିକ୍ ଆଣ୍ଡ ଡିଜିଜ୍ କଣ୍ଟ୍ରୋଲ ଡିପାର୍ଟମେଣ୍ଟ ନିୟମିତ ଭାବେ ଫାର୍ମଗୁଡ଼ିକରୁ କୁକୁଡ଼ାମାନଙ୍କ ନମୁନା ସଂଗ୍ରହ କରେ। ଏହି ଭାଇରସ୍‌ର ସ୍ୱରୂପ,ଶୀଘ୍ର ବଂଶବୃଦ୍ଧି କରିବା ସହ ଭୟଙ୍କର ଫ୍ଲୁ ଇନଫ୍ଲୁଏଞ୍ଜାରେ ପରିଣତ ହେବାର କ୍ଷମତା ଜାଣିବା ଲାଗି ଡବ୍ଲ୍ୟୁଏଚ୍ଓ ଏହା କରିଥାଏ। ବାର୍ଡ ଫ୍ଲୁକୁ ନେଇ ଭାରତ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଛି ତାହା ପର୍ଯ୍ୟାପ୍ତ କି? ଏହି ମହାମାରୀକୁ ରୋକିବା ଲାଗି ମତ୍ସ୍ୟ, ପଶୁପାଳନ ଏବଂ ଡାଇରି ମନ୍ତ୍ରଣାଳୟ ଅଧୀନରେ ଥିବା ଡିପାର୍ଟମେଣ୍ଟ ଅଫ୍ ଆନିମଲ ହଜ୍‌ବାଣ୍ଡ୍ରି ଆଣ୍ଡ ଡାଇରି (ଡିଏଏଚ୍‌ଡି) ବାର୍ଡ ଫ୍ଲୁ ଭୂତାଣୁର ପ୍ରତିକାର, ନିୟନ୍ତ୍ରଣ ଏବଂ ପ୍ରତିରୋଧ ପାଇଁ ଆକ୍ସନ ପ୍ଲାନ୍ ୨୦୨୧ ନେଇ ଆଗକୁ ଆସିଛି। ବାର୍ଡ ଫ୍ଲୁ ବ୍ୟାପୁଥିବା ରାଜ୍ୟଗୁଡ଼ିକରେ ଏହାକୁ ନିୟନ୍ତ୍ରଣ ତଥା ନିରୀକ୍ଷଣ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନ୍ୟାଶନାଲ ସେଣ୍ଟର ଅଫ୍ ଡିଜିଜ୍ କଣ୍ଟ୍ରୋଲର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଶୀଘ୍ର ଏକ ଟିମ୍ ଗଠନ କରିଛି। ରୋଗ ଉପରେ ନିରୀକ୍ଷଣ କରିବା ; ସ୍ୱାସ୍ଥ୍ୟ ଏବଂ ପଶୁପାଳନ ବିଭାଗ, ନଗର ନିଗମ,ଜିଲା ପ୍ରଶାସନର କାର୍ଯ୍ୟରେ ସମନ୍ୱୟ ରକ୍ଷା କରିବା ; ମହାମାରୀ ରୋକିବା ପାଇଁ ମାନକ ସଂଚାଳନ ପ୍ରକ୍ରିୟା ସ୍ଥିର କରିବା ଆଦି ରଣନୀତି ଉପରେ ଏହି କମିଟି ଜୋର ଦେଉଛି। ବାର୍ଡ ଫ୍ଲୁ ବିରୋଧରେ ଲଢିବା ଲାଗି ଏହି ରଣନୀତି ଏବେ ରାଜ୍ୟ, ଜିଲା ଏବଂ ବ୍ଲକ ସ୍ତରରେ ବାସ୍ତବରେ କେତେ କାର୍ଯ୍ୟ କରୁଛି ? ପଶୁପାଳନ କିମ୍ବା କୁକୁଡ଼ା ଫାର୍ମଗୁଡ଼ିକରୁ ବ୍ୟାପୁଥିବା ଉକ୍ତ ମହାମାରୀକୁ ମନୁଷ୍ୟ କୃତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ପଶୁପାଳନ ମନ୍ତ୍ରଣାଳୟ କହୁଛନ୍ତି। ପୁଣି ଥରେ ଏମାନଙ୍କ ବିଫଳତାକୁ ଲକ୍ଷ୍ୟ କଲେ ଆଶ୍ଚର୍ଯ୍ୟ ଲାଗୁଛି। କ୍ଷମତାଶାଳୀ କୁକୁଡ଼ା ଫାର୍ମ ମାଲିକମାନଙ୍କ ଲବି ଭାରତ ସରକାରଙ୍କୁ ପ୍ରଭାବିତ କରିଛି। କୁକୁଡ଼ା ପାଳନ ଶିଳ୍ପରୁ କୋଟି କୋଟି ଟଙ୍କା ଲାଭ ହେଉଛି ଓ ଏହି ଲାଭ ବି ବଢ଼ିଚାଲିଛି। ଏହି ସମୟରେ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ଏହି ଶିଳ୍ପର ସ୍ୱାର୍ଥ ରକ୍ଷା ପାଇଁ ସରକାର ଏବଂ ମାଲିକମାନଙ୍କ ଭିତରେ ଅସାଧୁ ବୁଝାମଣା ରହିବା ସ୍ୱାଭାବିକ। କେବଳ ବାର୍ଡ ଫ୍ଲୁ ନୁହେଁ, ବରଂ କୁକୁଡ଼ାମାନଙ୍କ ଡାଇବେଟିସ ଓ ଯକ୍ଷ୍ମା ରୋଗ ରୋକିବାକୁ ଅମେ ଦୀର୍ଘ ୧୦ ବର୍ଷ ହେବ ଏକ ସାଧାରଣ କଥା ଉପରେ ଲଢ଼େଇ କରିଆସୁଛୁ। କୁକୁଡ଼ାମାନଙ୍କୁ ରଖାଯାଉଥିବା ପିଞ୍ଜରାର ଆକାର ବଢ଼ାଇବା ପାଇଁ କହୁଛୁ, ଯାହାଦ୍ୱାରା ସେମାନେ ସେଥିରେ ମୁକ୍ତ ଭାବେ ବିଚରଣ କରିପାରିବେ। ଛୋଟ ପଦକ୍ଷେପଟିଏ ନେଲେ ସବୁ ଠିକ୍ ହୋଇଯିବ। କିନ୍ତୁ କୁକୁଡ଼ା ଫାର୍ମ ସଂଘ , ରାଜନୈତିକ ନେତା, ପଶୁପାଳନ ମନ୍ତ୍ରଣାଳୟର ପ୍ରଶାସକ, ପରିବେଶ ମନ୍ତ୍ରଣାଳୟ, ଏଫ୍ଏସ୍ଏସ୍ଏଆଇକୁ ଅବଗତ କରାଗଲେ ମଧ୍ୟ ସେମାନେ ଏହାକୁ ବାରମ୍ବାର ଏଡାଇ ଯାଉଛନ୍ତି। ଏବେ ଏହି ଦାବିକୁ କାର୍ଯ୍ୟକାରୀ କରିବା ଲାଗି ଆମେ କୋର୍ଟର ଦ୍ୱାରସ୍ଥ ହୋଇଛୁ। କିନ୍ତୁ କୋର୍ଟ ମଧ୍ୟ ଏହାର ଗୁରୁତ୍ୱ ଉପଲବ୍ଧି କରିପାରିନାହାନ୍ତି। କୁକୁଡ଼ା ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ଚାଲିଥିବା ଅସାଧୁ ବୁଝାମଣା ସରକାରୀ ସ୍ତରରେ ପ୍ରତିଫଳିତ ହୋଇଛି। କୁକୁଡ଼ା ଉତ୍ପାଦଗୁଡ଼ିକର ଚାହିଦା କମିଯିବାର ଆଶଙ୍କା କରି ଡିଏଏଚ୍‌ଡି ଲୋକମାନଙ୍କ ମନ୍ତବ୍ୟକୁ ସାଧାରଣରେ ପ୍ରକାଶ କରିଛି। କହିଛି ଯେ,ଅତ୍ୟଧିକ ତାପମାତ୍ରାରେ କୁକୁଡ଼ା ମାଂସ ରୋଷେଇ କରି ଓ ଅଣ୍ଡା ସିଝାଇ ଖାଇଲେ କୌଣସି କ୍ଷତି ହେବ ନାହିଁ। ଏଭଳି ଡାହା ମିଛକୁ ଅନୁଧ୍ୟାନ କରିବା ପରେ ଲୋକମାନଙ୍କୁ ସେମାନଙ୍କ ସାଧାରଣ ଜ୍ଞାନ ଖଟାଇବାକୁ ମୁଁ କହିପାରେ। ଗୋଟିଏ ସଂକ୍ରମିତ ପ୍ରାଣୀର ମାଂସ କି ଅଣ୍ଡା ଖାଇବା କ'ଣ ସୁରକ୍ଷିତ ? ଏହା ସପକ୍ଷରେ କୌଣସି ଯୁକ୍ତି ନାହିଁ। ଏବେ ଦେଖାଯାଇଥିବା ବାର୍ଡ ଫ୍ଲୁ ଭାଇରସ୍‌ର ପରିବର୍ତ୍ତିତ ରୂପ (ଏଚ୍୫ଏନ୍୮) ଯାହା କୁକୁଡ଼ାରୁ ମଣିଷଙ୍କୁ ବ୍ୟାପୁଛି, ଆଜିଯାଏ ସରକାର ତାହାକୁ ବିପଜ୍ଜନକ ଭାଇରସ ଭାବେ ବର୍ଗୀକୃତ କରିବା ପାଇଁ ଚିନ୍ତା ବି କରିନାହାନ୍ତି। ଏହି ଭୂତାଣୁ ଅତ୍ୟଧିକ ରୋଗବାହକ ଓ ସଂକ୍ରାମକ ଏବଂ କେବଳ ପକ୍ଷୀମାନଙ୍କ ମଧ୍ୟରେ ଏହା ସୀମିତ ବୋଲି ସରକାର କହୁଛନ୍ତି। କିନ୍ତୁ ଏ କ୍ଷେତ୍ରରେ ଭାଇରସ ପ୍ରାଣୀଙ୍କଠାରୁ ଆସୁଛି ଓ ଖୁବ୍ ଶୀଘ୍ର ବଂଶ ବିସ୍ତାର କରି ଅନ୍ୟ ପ୍ରଜାତିର ପ୍ରାଣୀଙ୍କୁ ସଂକ୍ରମିତ କରୁଛି ଏବଂ ଏହା ବିରୋଧରେ ଲଢ଼େଇ କରିବା ପାଇଁ ଲୋକମାନଙ୍କର ପ୍ରତିରୋଧ କ୍ଷମତା ନାହିଁ ବୋଲି ସରକାର ଜଣାଇବା ଦରକାର। ସବୁ ପ୍ରକାର ଇନଫ୍ଲୁଏଞ୍ଜା ଭାଇରସ ବିରୋଧରେ ପ୍ରଭାବଶାଳୀ ଟିକା ପାଇବାରେ ଆମେ ଏବେ ସୁଦ୍ଧା ବିଶ୍ୱ ସ୍ତରରେ ସକ୍ଷମ ହୋଇପାରିନାହୁଁ। ଥରେ ବାର୍ଡ ଫ୍ଲୁ ଭାଇରସ ମଣିଷ ଶରୀରରେ ପ୍ରବେଶ କଲେ ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରେ। ୨୦୧୩ରେ ଚାଇନାରେ ଏଚ୍୭ଏନ୍୯ ବାର୍ଡ ଫ୍ଲୁ ଭାଇରସ ସଂକ୍ରମଣରେ ସଂକ୍ରମିତଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କ ମୃତ୍ୟୁ ଘଟିଥିଲା।

କେରଳ, ହିମାଚଳପ୍ରଦେଶ,ରାଜସ୍ଥାନର ବିଭିନ୍ନ ସ୍ଥାନରେ ଏବେ ଏଚ୍୫ଏନ୍୮ ଭୂତାଣୁର ତୀବ୍ର ସଂକ୍ରମଣକୁ ଦେଖିଲେ ଭୟ ଲାଗୁଛି। ସବୁଠୁ ଚିନ୍ତାଜନକ ହେଉଛି,କୁକୁଡ଼ାମାନଙ୍କ ସହ ଫାର୍ମର ଅନ୍ୟ ପକ୍ଷୀମାନେ ବି ଏଥିରେ ସଂକ୍ରମିତ ହେଉଛନ୍ତି। ଦେଶ କରୋନା ମହାମାରୀ ବିରୋଧରେ ଲଢିବା ବେଳେ ଆମେ କ'ଣ ଆଉ ଏକ ମହାମାରୀର ଝଟକା ଖାଇବାକୁ ଯାଉଛୁ କି? ସରକାର ଏବକାର ଫ୍ୟାକ୍ଟ୍ରି ଫାର୍ମିଂ ବା ପଶୁପାଳନ ଉପରେ ବିଧିବଦ୍ଧ ସମୀକ୍ଷା କରିବା ଉଚିତ। କୁକୁଡ଼ାଙ୍କ ପାଇଁ ୱେଲଫେୟାର ଷ୍ଟାଣ୍ଡାର୍ଡରେ ଉନ୍ନତି ଆଣିବା ସହ କୁକୁଡ଼ା ଶିଳ୍ପ ଉପରେ ପୂରା ଯାଞ୍ଚ କରି ଏହାର ନୀତିନିୟମକୁ ସମ୍ପୂର୍ଣ୍ଣ ବଦଳାଇବା ଦରକାର। ଏପରି କି ୟୁରୋପିଆନ ୟୁନିୟନ ପାର୍ଲାମେଣ୍ଟ ଏବେ ଫ୍ୟାକ୍ଟ୍ରି ଫାର୍ମିଂ ପାଇଁ ଏକ ଉନ୍ନତ ଆଇନ ଏବଂ ଉତ୍ତମ ଆନିମଲ ୱେଲଫେୟାର ଷ୍ଟାଣ୍ଡାର୍ଡ ପାସ୍ କରିଛି।

ପ୍ରାଣୀଙ୍କଠାରୁ ମଣିଷଙ୍କୁ ସଂକ୍ରମିତ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଲକ୍ଷ ଲକ୍ଷ ପ୍ରାଣୀଙ୍କୁ ମାରିଦେବା ଆମ ଦେଶରେ ଏକ ଚିରାଚରିତ କଥା। ଆମର ସାଧାରଣ ସ୍ୱାସ୍ଥ୍ୟ ନୀତି ଫାର୍ମ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଘୋର ପ୍ରଜାତିବାଦୀ, ନୈତିକତା ଏବଂ ଦୂରଦୃଷ୍ଟି ଅଭାବ ଯୋଗୁ ପ୍ରାଣୀମାନଙ୍କ ଜୀବନକୁ ଆମେ ଉପେକ୍ଷା କରିଚାଲିଛୁ। କହିଲେ, କୋଭିଡ୍ ସଂକ୍ରମଣ କରୁଥିବା ମଣିଷଙ୍କୁ ଆମେ ମାରି ପାରିବା କି? ନା। ଆମେ କେବଳ ସଂକ୍ରମଣ ରୋକିବାକୁ ଜନ୍ମ ନେଇଛୁ। କୋଭିଡ୍ ଭଳି ଫ୍ଲୁ ଭାଇରସକୁ ରୋକିବା ଲାଗି ଆମେ କେବଳ ଗୋଟିଏ ଉପାୟ କରୁ। କୁକୁଡ଼ାଙ୍କୁ ମାରି ଦେଉ । ଅନ୍ୟପକ୍ଷରେ ଏହି ମହାମାରୀ ଆରମ୍ଭ କରୁଥିବା କୁକୁଡ଼ା ଫାର୍ମ ମାଲିକମାନଙ୍କୁ କୋଟି କୋଟି ଟଙ୍କା କ୍ଷତିପୂରଣ ଦେଉ। ସେମାନଙ୍କୁ ଏହା ନ ଦେଇ ଜେଲକୁ ପଠାଇଦେବା ଉଚିତ।

Email: gandhim@nic.in

# ସଂକ୍ରାମକ ରୋଗ ଓ ଆଣ୍ଟିବାୟୋଟିକ୍

ଡା. କାନ୍ତୀ ନାୟକ

ମହାମାରୀ କରୋନାକୁ ମୁକାବିଲା କରିବା ପାଇଁ ଭାରତରେ ଟିକାଦାନ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ତେବେ ଏହି ସମୟରେ ସଂକ୍ରମିତ ରୋଗରୁ ଆରୋଗ୍ୟ ପାଇଁ ଆଣ୍ଟିବାୟୋଟିକ୍ ଔଷଧର ଆବଶ୍ୟକତା ଉପରେ ଏକ ପ୍ରକାର ଚର୍ଚ୍ଚା ଆରମ୍ଭ ହେଲାଣି। କରୋନା ସଂକ୍ରମଣବେଳେ ମଣିଷ ଶରୀର ପାଇଁ ରୋଗ ପ୍ରତିରୋଧକ ଶକ୍ତି କିଭଳି ଶତ୍ରୁ ପାଲଟିଯାଏ ସେ ସମ୍ପର୍କୀତ ଏକ ରିପୋର୍ଟ 'ଲାନ୍‌ସେଟ୍' ପତ୍ରିକାରେ ପ୍ରକାଶ ପାଇଛି। ମଣିଷର ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ଥିଲେ ବାହାରର କୌଣସି ରୋଗ ସୃଷ୍ଟିକାରୀ ଅଣୁଜୀବ ବା ଆଣ୍ଟିଜେନ୍ ଶରୀରରେ କିଛି କ୍ଷତି କରିପାରିନଥାଏ। କିନ୍ତୁ ବେଳେବେଳେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଆଣ୍ଟିବଡି ବାହାରର ଅଣୁଜୀବ ସହିତ ଲଢ଼େଇ ନ କରି ନିଜ ଶରୀର ବିରୋଧରେ ଲଢ଼ିଥାଏ। କରୋନା ସଂକ୍ରମଣ କ୍ଷେତ୍ରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଏଥିରେ ଆଣ୍ଟିବଡି ଆଣ୍ଟିଜେନ୍ ସହିତ ମିଶି ଶରୀର ବରୋଧରେ ଲଢ଼ିଥାଏ। ସଂପ୍ରତି ବିଶ୍ୱରେ ଆଣ୍ଟିବାୟୋଟିକ୍ ଔଷଧଗୁଡ଼ିକ ଅନେକ କ୍ଷେତ୍ରରେ କାମ ଦେଉନଥିବାରୁ ଅଧିକାଂଶ ରୋଗ ବିଶେଷତଃ ସଂକ୍ରମିତ ରୋଗର ଚିକିତ୍ସା କିପରି କରାଯିବ, ତାହା ଉଭୟ ଡାକ୍ତର ତଥା ଔଷଧ କମ୍ପାନୀଗୁଡ଼ିକ ଲାଗି ଚିନ୍ତାର ବିଷୟ ହୋଇଛି। ତେବେ ଭାରତ ଅନେକ ଏଲୋପାଥିକ ଔଷଧ ବିକ୍ରି ବନ୍ଦ କରିଦେବା ପଛରେ ଏହି କାରଣ ବି ରହିଛି। ଚିକିତ୍ସା ଜଗତ ଯେଉଁ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ସେଥିରେ ଆଶଙ୍କା ସୃଷ୍ଟି ହୋଇଛି ଯେ ସଂକ୍ରମିତ ରୋଗର ଉପଯୁକ୍ତ ଚିକିତ୍ସା ହେବାର ଯୁଗ ବୋଧହୁଏ ସରିଗଲାଣି। କାରଣ ପେନ୍‌ସିଲିନ୍‌ଠାରୁ ଆରମ୍ଭ କରି ଅନେକ ଜୀବନରକ୍ଷାକାରୀ ଔଷଧ ସହ ଉଭୟ ଚିକିତ୍ସକ ଓ ସାଧାରଣ ଲୋକେ ଅଭ୍ୟସ୍ତ ହୋଇଆସିଛନ୍ତି। ଏବେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି, ତାହା ନୂଆ କଥା ନୁହେଁ। ଗତ କିଛି ବର୍ଷ ଧରି ବୈଜ୍ଞାନିକମାନେ କହିଆସୁଥିଲେ ଯେ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ନ ନିଆଗଲେ, ଜୀବନହାନିକାରୀ ସଂକ୍ରମଣ ମଣିଷ ପାଇଁ ପୁଣି ବଡ଼ ବିପଦ ଭାବେ ଦେଖାଦେବ ; ଯାହାର ଚିକିତ୍ସା କରାଯାଇପାରିବ ନାହିଁ। ଆଣ୍ଟିବାୟୋଟିକ୍ ଉଦ୍ଭାବନ ପରଠାରୁ ଯେଉଁ ଜୀବାଣୁ ବା ବ୍ୟାକ୍ଟେରିଆ ରୋଗର କାରଣ ହେଉଥିଲା, ତାକୁ ମୁକାବିଲା କରିବାର ସାମର୍ଥ୍ୟ ଡାକ୍ତରମାନେ ହାସଲ କରିଥିଲେ। ୧୯୩୦–୪୦ ମସିହାରେ ଜଣାପଡ଼ିଲା ଯେ, ବ୍ୟାକ୍ଟେରିଆଗୁଡ଼ିକ ମଧ୍ୟ ଔଷଧର ଜୀବାଣୁ ଧ୍ୱଂସକାରୀ ସାମର୍ଥ୍ୟକୁ ପ୍ରତିରୋଧ କରିପାରିବେ। ଚୋର ଓ ପୋଲିସ ମଧ୍ୟରେ ଛକାପଞ୍ଝା ପରି ବ୍ୟାକ୍ଟେରିଆ ଓ ଔଷଧ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦଶନ୍ଧି ଦଶନ୍ଧି ଧରି ଚାଲିଆସିଛି। ଗୋଟିଏ ନୂଆ ଔଷଧ କୌଣସି ବ୍ୟାକ୍ଟେରିଆକୁ ଜବତ କରିପାରିଲେ ପରବର୍ତ୍ତୀ ସମୟରେ ଜେନେଟିକ୍ ପରିବର୍ତ୍ତନ ଦ୍ୱାରା ବ୍ୟାକ୍ଟେରିଆ ନୂଆ ସଂକ୍ରମଣକାରୀ ଶକ୍ତି ହାସଲ କରିଆସିଛି। ଫଳରେ ପ୍ରଚଳିତ ଆଣ୍ଟିବାୟୋଟିକ୍ ଔଷଧ ବିଫଳ ହେଉଛି।

ଗତ କେଇ ଦଶନ୍ଧି ମଧ୍ୟରେ ସମଗ୍ର ବିଶ୍ୱରେ ଡାକ୍ତରମାନେ ସାମ୍ନା କରୁଥିବା ଏହି ସମସ୍ୟାକୁ ସମ୍ପୃକ୍ତ ସମସ୍ତଙ୍କ ଦୃଷ୍ଟିକୁ ଆଣିବା ପରେ ଭୟ ସୃଷ୍ଟି ହୋଇଯାଇଛି ଯେ ଆଉ ଆଣ୍ଟିବାୟୋଟିକ୍ ଔଷଧ ମୋଟେ କାମଦେବ ନାହିଁ। ଯଦିଓ ଡାକ୍ତରମାନେ ଅନେକ କ୍ଷେତ୍ରରେ ସେହି ଔଷଧକୁ ପ୍ରେସ୍‌କ୍ରିପସନରେ ଲେଖୁଛନ୍ତି, ତଥାପି ତାହା ରୋଗ ଭଲ କରୁନାହିଁ। ଏଣୁ ଅନେକ ଔଷଧକୁ ମାର୍କେଟ୍‌କୁ ନିଷେଧ କରାଯିବା ଦରକାର। କିନ୍ତୁ ତଦ୍ୱାରା ମୂଳ ସମସ୍ୟାର ସମାଧାନ ହେବନାହିଁ। ଅର୍ଥାତ୍ ରୋଗର ଚିକିତ୍ସା ପାଇଁ ନୂଆ ଔଷଧ ବାହାର କରିବାକୁ ହେବ। ଏଣୁ ନୂଆ ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ କିପରି ଉଦ୍ଭାବନ କରାଯାଇପାରିବ ତାହା ବୈଜ୍ଞାନିକ, ଡାକ୍ତର, ଔଷଧ କମ୍ପାନୀ ଓ ବିଭିନ୍ନ ଦେଶର ସରକାରଙ୍କ ଆଗରେ ଏକ ଚ୍ୟାଲେଞ୍ଜ। ଅବଶ୍ୟ ଆଣ୍ଟିବାୟୋଟିକ୍‌ର ବ୍ୟବହାରରେ ସତର୍କ ମଧ୍ୟ ଲୋଡ଼ା। ଏ କ୍ଷେତ୍ରରେ ଉଭୟ ଡାକ୍ତର ଓ ସାଧାରଣ ଲୋକଙ୍କର ଦାୟିତ୍ୱ ରହିଛି। ମନଇଚ୍ଛା ଆଣ୍ଟିବାୟୋଟିକ୍ ଔଷଧ ଖାଇବାକୁ ରୋଗୀଙ୍କୁ କହିବା ଅନୁଚିତ। ଯେଉଁ ସଂକ୍ରମଣ ଆଣ୍ଟିବାୟୋଟିକ୍ ଦ୍ୱାରା ଭଲ ହେବନାହିଁ, ତାକୁ ରୋଗୀ ଖାଇଲେ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ବରଂ ସଂକ୍ରମଣ ରୋକିବା ଲାଗି କେତେକ ପ୍ରତିଷେଧମୂଳକ ବ୍ୟବସ୍ଥା ସଚେତନତା ଜରିଆରେ ପ୍ରବର୍ତ୍ତନ କରାଯାଇପାରିବ। କମ୍ ଔଷଧରେ ରୋଗୀକୁ ଭଲ କରିବାକୁ ଚେଷ୍ଟା କରନ୍ତୁ। ଏବେକାର ଆଣ୍ଟିବାୟୋଟିକ୍ ସମସ୍ୟା ଓ ଔଷଧ ଶିଳ୍ପର ବ୍ୟବସାୟିକ ଲକ୍ଷ୍ୟ ମଧ୍ୟରେ ସନ୍ତୁଳନ ଦରକାର। ଆଣ୍ଟିବାୟୋଟିକ୍‌ର ବିଶ୍ୱ ସମସ୍ୟାକୁ କେବଳ ଯେ ସବୁ ଦେଶ ସମେତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୁଝୁଛନ୍ତି, ଏଥିପାଇଁ ବିଶ୍ୱସ୍ତରରେ କୌଶଳ ଆବଶ୍ୟକ।

ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ,
ଅର୍ବାନ୍ ସିଏଚ୍‌ସି, ସିଡିଏ, କଟକ

## ଏଇ ଭାରତରେ

ବୟସ କମ୍ ହେଲେ କ'ଣ ହେବ, କାମ କିନ୍ତୁ ପ୍ରଭାବଶାଳୀ। ଏମିତି ଜଣେ ପିଲା ହେଉଛନ୍ତି ତନ୍‌ଭୀ ଅରବିନ୍ଦ। ବୟସ ୧୪। ସେ ୯ମ ଶ୍ରେଣୀରେ ପଢୁଛନ୍ତି। ତନ୍‌ଭୀ ବରିଷ୍ଠ ନାଗରିକମାନଙ୍କୁ ଅନ୍‌ଲାଇନରେ ମେସେଜ ପଠାଇବା, ଆପ୍ କିମ୍ବା ଷ୍ଟ୍ରିମ୍ ଭିଡିଓ ଡାଉନ୍‌ଲୋଡ ଉପରେ ଶିକ୍ଷା ଦେଉଛନ୍ତି। ତନ୍‌ଭୀ ରହୁଛନ୍ତି ଚେନ୍ନାଇରେ। ସେ ଅନ୍‌ଲାଇନରେ ଟେକ୍‌ଇଡିଇନ୍ ମାଧ୍ୟମରେ ଏବେ ସୁଦ୍ଧା ୯୩ ବରିଷ୍ଠ ନାଗରିକଙ୍କୁ ଶିକ୍ଷା ଦେଇସାରିଲେଣି। ୨୦୧୯ରେ ୬୮ ଓ ୨୦୨୦ରେ ୨୫ ଜଣଙ୍କୁ ଟେକ୍‌ନୋଲୋଜିରେ ଦକ୍ଷ କରିପାରିଛନ୍ତି। ତାଙ୍କ ଜେଜେବାପା ଓ ଜେଜେମା ସ୍ମାର୍ଟ ଫୋନ୍‌ରେ ମେସେଜ ପଠାଇବାଠାରୁ ଆରମ୍ଭକରି ବିଭିନ୍ନ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବା ଲକ୍ଷ୍ୟ କରିଥିଲେ ତନ୍‌ଭୀ । ପ୍ରଥମେ ସେମାନଙ୍କୁ ଶିକ୍ଷା ଦେବା ପରେ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ଟେକ୍‌ନୋଲୋଜି ସମ୍ପର୍କିତ ଶିକ୍ଷା ପ୍ରଦାନ କରିବାରେ ତନ୍‌ଭୀଙ୍କୁ ତାଙ୍କ ଭଉଣୀ ମଧ୍ୟ ସହଯୋଗ କରୁଛନ୍ତି। ଆବଶ୍ୟକ ହେଲେ ସେ ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ଶିକ୍ଷା ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜାନୁୟାରୀ ୧୯୯୬

- ଚୀନର ଗୁଝୋଉ ପ୍ରଦେଶର ଏକ ଖଣି ମଧ୍ୟରେ ବିସ୍ଫୋରଣ ଘଟି ୬୫ ମୃତ।
- ପାକିସ୍ତାନକୁ ୩୮୦ ଲକ୍ଷ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଣକୁ ସୁଗମ କରିବା ପାଇଁ ଆମେରିକା ପ୍ରଶାସନର ନୂତନ ଅଧ୍ୟାଦେଶ ଜାରି।
- ତାଞ୍ଜାନିଆର ଗାନ୍ଧିବାଦୀ ନେତା ତଥା ଦେଶର ପୂର୍ବତନ ରାଷ୍ଟ୍ରପତି ଡଃ ଜୁଲିୟସ କେ. ନାୟରେରେଙ୍କୁ ପ୍ରଥମ ଗାନ୍ଧୀ ପୁରସ୍କାର ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | | 7 | | D | | | 8 | | | | A |
| 9 | | | | 1 | | 3 | E | | | C | B | | | 2 |
| | | | | 3 | | | | | | 4 | 5 | | 6 | |
| | 7 | | 5 | | D | | 4 | | | A | | B | | |
| | 5 | E | 9 | 0 | 6 | | | | | | | | 4 | 3 |
| 7 | 4 | A | 2 | | 5 | | | | | | | | C | |
| | 6 | | | | | | | A | | | | | | 8 |
| 2 | | | 4 | 8 | 1 | | | | | | 7 | | | |
| | | | | | | | | | 5 | 2 | 3 | A | | |
| | D | | | | B | 0 | C | 9 | | | | | 7 | |
| B | | 4 | 6 | | | | | 0 | 2 | 9 | | C | | |
| | | D | 3 | B | 0 | | A | | 8 | | | | 9 | |
| 5 | | | A | | | | B | | | | 4 | | | 7 |
| | 1 | | | | | | | | | | | 8 | | |
| | | 2 | | 7 | C | | | | | | D | 3 | 5 | E |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | E | 0 | 8 | D | A | 6 | 7 | B | 3 | 9 | 5 | 4 | C | 2 |
| 9 | 6 | 7 | B | 2 | E | 1 | 0 | C | A | 8 | 4 | 3 | 5 | D |
| B | C | 3 | 1 | 4 | 5 | 8 | 9 | E | 2 | D | 7 | A | 6 | 0 |
| 4 | 2 | D | 0 | 7 | C | 5 | A | 3 | 6 | E | 1 | B | 8 | 9 |
| A | 5 | 8 | 9 | 6 | 3 | D | 2 | 4 | C | B | 0 | 1 | E | 7 |
| 0 | 7 | 6 | E | 5 | 9 | B | C | 8 | 4 | A | 3 | 2 | D | 1 |
| D | 1 | A | C | B | 8 | 0 | 4 | 9 | 7 | 6 | 2 | E | 3 | 5 |
| 8 | 4 | B | A | 0 | 2 | 3 | E | 1 | 9 | 5 | D | 6 | 7 | C |
| 5 | 9 | C | D | 3 | 4 | 7 | 6 | 2 | E | 1 | 8 | 0 | A | B |
| 2 | 3 | E | 7 | 1 | 6 | A | 5 | D | 0 | C | B | 8 | 9 | 4 |
| 3 | B | 9 | 5 | 8 | 0 | 2 | D | 6 | 1 | 7 | A | C | 4 | E |
| 7 | 8 | 4 | 6 | E | B | C | 1 | A | 5 | 2 | 9 | D | 0 | 3 |
| C | A | 1 | 2 | 9 | 7 | E | 3 | 0 | D | 4 | 6 | 5 | B | 8 |
| 6 | 0 | 2 | 4 | C | D | 9 | B | 5 | 8 | 3 | E | 7 | 1 | A |
| E | D | 5 | 3 | A | 1 | 4 | 8 | 7 | B | 0 | C | 9 | 2 | 6 |

ଗତ ମଙ୍ଗଳବାରର ଉତ୍ତର

# ଜୀବନ ମାନ ପ୍ରତି ଧ୍ୟାନ ଦିଆଯାଉ

ଡ. ସନ୍ତୋଷ କୁମାର ମହାପାତ୍ର

ଆସନ୍ତା ଫେବୃୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେନ୍ଦ୍ର ବଜେଟ ଉପସ୍ଥାପନ କରିବେ। ଗତବର୍ଷ ବଜେଟ ଉପସ୍ଥାପନ ବେଳେ ଅର୍ଥନୀତି ମାନ୍ଦାବସ୍ଥା ଓ ମନ୍ଥର ଅଭିବୃଦ୍ଧି ଦ୍ୱାରା ପ୍ରଭାବିତ ହୋଇଥିଲା। ଏବେ କରୋନା ମହାମାରୀ ପ୍ରଭାବରେ ଭାରତୀୟ ଅର୍ଥ ବ୍ୟବସ୍ଥା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ସମୟରେ ବଜେଟ ଉପସ୍ଥାପନ କରିବା ଏକ କଷ୍ଟକର ବ୍ୟାପାର। ପ୍ରତିବର୍ଷ ଆମ ବଜେଟର ବ୍ୟୟବରାଦ ନାମାଙ୍କନ ମୂଲ୍ୟରେ ଆପେ ଆପେ ବୃଦ୍ଧି ପାଉଛି। ଏଣୁ ଯିଏ କ୍ଷମତାରେ ରହିବ, ସେ କିଛି ଯୋଜନା କରିବ। କିନ୍ତୁ ଜନତାଙ୍କ ଜୀବନ ଧାରଣର ମାନରେ ଉନ୍ନତି ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଏହା ସମ୍ଭବ ହେବ, ଯେତେବେଳେ ନିଯୁକ୍ତି ବୃଦ୍ଧି ଘଟିବ, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇବ, କୃଷି କାର୍ଯ୍ୟ ଲାଭଦାୟକ ହେବ। ଗୁରୁତ୍ୱପୂର୍ଣ୍ଣ ହେଉଛି ମହିଳା, କୃଷକ, ଶ୍ରମିକ, ସାଧାରଣ ଜନତାଙ୍କ ସ୍ୱାର୍ଥ ବେଶି ନିର୍ଭର କରୁଛି ଶିକ୍ଷା ସ୍ୱାସ୍ଥ୍ୟ କେତେ ମାଗଣାରେ ଏବଂ ସହଜରେ ଉପଲବ୍ଧ ହେବ ଏବଂ ପ୍ରରୋକ୍ଷ କର କେତେ କମ୍ ହେବ। କିନ୍ତୁ ସରକାର ଠିକ୍ ଓଲଟା କରୁଛନ୍ତି।

ବର୍ତ୍ତମାନ କେନ୍ଦ୍ର ତଥା ବିଭିନ୍ନ ରାଜ୍ୟ ସରକାର ଲୋକଙ୍କ ଜୀବନ ଧାରଣର ମାନର ଉନ୍ନତି, ନିଯୁକ୍ତି ସୃଷ୍ଟି ପ୍ରତି ଧ୍ୟାନ ନ ଦେଇ, ନିର୍ଦ୍ଦିଷ୍ଟ ଶ୍ରେଣୀ ପାଇଁ କିଛି ଯୋଜନା ଘୋଷଣା କରୁଛନ୍ତି । ବିଭିନ୍ନ ଜନହିତକର, ସାମାଜିକ କ୍ଷେତ୍ର ଯଥା ଶିକ୍ଷା, ସ୍ୱାସ୍ଥ୍ୟ ଆଦିରେ ବ୍ୟୟ ହ୍ରାସ କରୁଛନ୍ତି। ଏକ ସରକାରଙ୍କ ସଫଳତା ବା ବିଫଳତା କେବଳ ଯୋଜନାକୁ ଭିତ୍ତିକରି ମୂଲ୍ୟାୟାନ କରାଯାଏ ନାହିଁ, ବରଂ ପୂର୍ବ ସରକାରଙ୍କ ତୁଳନାରେ କ'ଣ ସଫଳ ହାସଲ କରିଛନ୍ତି ଏବଂ ଅନ୍ୟ ଦେଶ ତୁଳନାରେ କେତେ ଅଧିକ ଉନ୍ନତି କରିଛନ୍ତି ତାହା ବିଚାର କରାଯାଏ। ଯେହେତୁ ନାମାଙ୍କନ ମୂଲ୍ୟ (ସଂଖ୍ୟା) ଦୃଷ୍ଟିରୁ ସବୁ ବୃଦ୍ଧି ପାଇଥାଏ, ବିଭିନ୍ନ ବ୍ୟୟବରାଦ ମୁଦ୍ରାସ୍ଫୀତିକୁ ବିଚାରକୁ ନେଇଁ ବିଚାର କରିବା ଉଚିତ, କାରଣ ଟଙ୍କାର ମୂଲ୍ୟ ମୁଦ୍ରାସ୍ଫୀତି ଅନୁସାରେ କମୁଛି। ଏହା ମଧ୍ୟ ଜିଡିପିଅନୁପାତରେ କେତେ ବୃଦ୍ଧିପାଉଛିବିଚାର କରିବା ଉଚିତ। ଏହି ଦୃଷ୍ଟିରୁ ଦେଖିଲେ ଦେଶର ବଜେଟରେ ବ୍ୟୟବରାଦ ଜିଡିପି ଅନୁସାରେ ବୃଦ୍ଧି ପାଉନାହିଁ ବରଂ ନିମ୍ନମୁଖୀ ହୋଇଛି। ସେହିପରି ଜିଡିପି ଅନୁସାରେ ଟିକସ ଯେତିକି ଆଦାୟ ହେଉଛି, ତାହା ୯ରୁ ୧୧% ମଧ୍ୟରେ ରହୁଛି ଏବଂ ବିଶ୍ୱରେ ଏହା ସର୍ବନିମ୍ନ। ପରୋକ୍ଷ କର ବୃଦ୍ଧି, ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ ବା ସେଥିରୁ ପୁଞ୍ଜି ପ୍ରତ୍ୟାହାର ସତ୍ତ୍ୱେ ଏହି ଅନୁପାତ ବୃଦ୍ଧି ପାଉନି। ଅର୍ଥାତ୍ ଧନିକ ଶ୍ରେଣୀ ବେଶି ରିହାତି ପାଉଛନ୍ତି। ଯଦି ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ (ବାସହୀନଙ୍କୁ) ମାଗଣାରେ ବା କମ୍ ମୂଲ୍ୟରେ ଯୋଗାଇ ଦିଅନ୍ତେ ଏବଂ ଅଧିକ ନିଯୁକ୍ତି ସୃଷ୍ଟି କରନ୍ତେ, ଧନିକ ଶ୍ରେଣୀଙ୍କ ଉପରେ ପ୍ରତ୍ୟକ୍ଷ କର ବୃଦ୍ଧି କରି ପରୋକ୍ଷ କର ହ୍ରାସ କରନ୍ତେ, ତେବେ ଅନ୍ୟ ଯୋଜନାର କୌଣସି ଆବଶ୍ୟକତା ପଡ଼ନ୍ତା ନାହିଁ।

ଜିଡିପି ଅନୁସାରେ ଯଦି ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟବିଚାର କରାଯାଏ ଏହା ଭାରତରେ ସର୍ବନିମ୍ନ ଏବଂ ଆମ ସ୍ୱାସ୍ଥ୍ୟକ୍ଷେତ୍ର ସର୍ବାଧିକ ଘରୋଇ କ୍ଷେତ୍ର ଦ୍ୱାରା ନିୟନ୍ତ୍ରତ। ସେହିପରି ଶିକ୍ଷାକ୍ଷେତ୍ର । ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ବ୍ୟାପକ ଘରୋଇକରଣ ଏବଂ ବ୍ୟୟସାପେକ୍ଷ ହେବା ଯୋଗୁ, ନୋବେଲ ବିଜେତା ଅମର୍ତ୍ତ୍ୟ ସେନ ଭାରତ ପଛକୁ ଯାଉଛି ବୋଲି କହିଥିଲେ ଏବଂ ଶିକ୍ଷା ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଯେଉଁସବୁ ଦେଶ ବିଶ୍ୱ ଖୁସି ସୂଚକାଙ୍କ, ଶାନ୍ତି ସୂଚକାଙ୍କ, ମାନବ ଉନ୍ନୟନ ସୂଚକାଙ୍କ ଆଦି ଅନ୍ତର୍ଜାତୀୟ ସୂଚକାଙ୍କ ଆଗରେ ଅଛନ୍ତି, ସେହି ସବୁ ଦେଶରେ ଧନୀକ ଉପରେ ବହୁ ଅଧିକ ହାରରେ ଟିକସ ଆଦାୟ ହୋଇଥାଏ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅଧିକ ବ୍ୟୟବରାଦ ଯାଇଥାଏ। ଚିନ୍ତାର ବିଷୟ ହେଉଛି ଆଗରୁ ଜିଡିପି ଅନୁସାରେ ଯେଉଁ ହାରରେ ନିଯୁକ୍ତି (ଏମ୍ପ୍ଲୟମେଣ୍ଟ ଇଲାଷ୍ଟିସିଟି) ଏବଂ ଟିକସ (ଟାକ୍ସ ବୁୟାନ୍‌ସ) ବୃଦ୍ଧି ପାଉଥିଲା ତାହା ହ୍ରାସ ପାଉଛି। ନିଯୁକ୍ତିବିହୀନ ଅଭିବୃଦ୍ଧି ବର୍ତ୍ତମାନ ନିଯୁକ୍ତିହାନି ଅଭିବୃଦ୍ଧିକୁ ରୂପାନ୍ତରିତ ହୋଇଛି।

ବାସ୍ତବରେ ଅନେକ ବଜେଟରେ ବିଭିନ୍ନ କଥା ଆଶା କରିଥା'ନ୍ତି ; କିନ୍ତୁ ସେଥିପାଇଁ ସମ୍ବଳ ଆବଶ୍ୟକ। ସମ୍ବଳ ଥିଲେ ବଜେଟ ଉପସ୍ଥାପନ କରିବା ଅତ୍ୟନ୍ତ ସହଜ। କରୋନା ମହାମାରୀ ଯୋଗୁ ଯେଉଁ ରାଜସ୍ୱ ହାନି ହୋଇଛି, ତାହା ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଅବଶ୍ୟ ଭାରତରେ ସରକାର ଟିକସଫାଙ୍କି ରୋକିବାରେ ବିଫଳ ହେବା ସହିତ ଧନିକ ଶ୍ରେଣୀ ଏବଂ କର୍ପୋରେଟ୍‌ମାନଙ୍କଠାରୁ ଅଧିକ ଟିକସ ଆଦାୟ କରିବାରେ ବିଫଳ। ନିକଟରେ ପ୍ରଭାବୀ କର୍ପୋରେଟ୍ ଟିକସ ୩୫%ରୁ ୨୫.୧%କୁ ଅର୍ଥମନ୍ତ୍ରୀ ହ୍ରାସକରିବା ସତ୍ତ୍ୱେ କମ୍ପାନୀମାନେ ପୁଣି ଏହାକୁ ୧୫%କୁ ହ୍ରାସ କରିବାକୁ ଦାବି କରୁଛନ୍ତି। ଏପରିକି ଦୀର୍ଘକାଳୀନ ପୁଞ୍ଜିଲାଭ କର, ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ପାଇଁ ଚାହୁଁଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୦–୨୧ ବଜେଟରେ ମୋଟ ବ୍ୟୟବରାଦ ୩୦ ଲକ୍ଷ ୪୧ ହଜାର ୨୩୦ କୋଟି ଟଙ୍କ ଧାର୍ଯ୍ୟ କରାଯାଇଥିଲାବେଳେ ୨୪.୨୩ ଲକ୍ଷ କୋଟି ଟଙ୍କା ରାଜସ୍ୱ ଆଦାୟ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ବାସ୍ତବରେ ରାଜସ୍ୱ ଆଦାୟ ୫ ଲକ୍ଷ କୋଟି ଟଙ୍କା ପାଖାପାଖି କମ ଆଦାୟ ହେବ ବୋଲି ବିଭିନ୍ନ ସଂସ୍ଥାର ଆକଳନରେ କୁହାଯାଇଛି। ୨୦୧୯–୨୦ ବିତ୍ତୀୟ ନିଅଣ୍ଟ ଜିଡିପିର ଯାହା ୩.୩% ଧାର୍ଯ୍ୟ କରାଯାଇଥିଲା, ତାହା ୪.୬% ହୋଇଥିଲା। ୨୦୨୦–୨୧ ରେ ଏହା ୩.୫% ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ୭ରୁ ୮%କୁ ବୃଦ୍ଧି ପାଇବ। ବଜେଟ ବାହାର ନିଅଣ୍ଟ ମିଶାଇଲେ ଏହା ବହୁ ଅଧିକ ହେବ। ବିତ୍ତୀୟ ନିଅଣ୍ଟ ୭.୮ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲାବେଳେ ପରେ ମହାମାରୀ ଯୋଗୁ ୧୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଯାହାଫଳରେ ଋଣ–ଜିଡିପି ଅନୁପାତ ମଧ୍ୟ ୯୦%କୁ ବୃଦ୍ଧି ପାଇବ। ଅବଶ୍ୟ କେଉଁ କ୍ଷେତ୍ରରେ କେତେ ବ୍ୟୟ ହ୍ରାସ ପାଇଛି, ପରିସ୍ଥିତି କ'ଣ ରହିଛି ଆର୍ଥିକ ବର୍ଷ ଶେଷ ପରେ ଜଣାପଡ଼ିବ। ବାସ୍ତବରେ ୨୦୨୦–୨୧ରେ କରୋନା ମହାମାରୀ ଯୋଗୁ ରାଜସ୍ୱ ଆଦାୟ କମ୍ ହୋଇଛି ବୋଲି ସରକାର ତାଙ୍କ ଦୋଷ ଖସେଇ ଦେଉଛନ୍ତି ସିନା ; କିନ୍ତୁ ବିଗତ ଦୁଇ ବର୍ଷରେ ରାଜସ୍ୱ ଆଦାୟ ଯେତିକି ଆକଳନ ହୋଇଥିଲା, ତାହାଠାରୁ କମ୍ ହୋଇଛି।

୨୦୧୮–୧୯ରେ ମୋଟ ରାଜସ୍ୱ ୨୨.୭୧ ଲକ୍ଷ କୋଟି ଟଙ୍କା ଆଦାୟ ହେବ ବୋଲି ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ଏହା ୨୦.୮ ଲକ୍ଷ କୋଟି ଟଙ୍କା ହୋଇଛି। ସେହିପରି ୨୦୧୯–୨୦ରେ ୨୪.୬୧ ଲକ୍ଷ କୋଟିଟଙ୍କା ରାଜସ୍ୱ ଆଦାୟ ହେବ ବୋଲି ଧାର୍ଯ୍ୟ କରାଯାଇଥିଲାବେଳେ ବାସ୍ତବରେ ଏହା ୨୦.୧ ଲକ୍ଷ କୋଟି ଟଙ୍କା ହୋଇଛି। ଏହାର ଅର୍ଥ କରୋନା ମହାମାରୀ ପୂର୍ବରୁ ରାଜସ୍ୱ ଆଦାୟରେ ସରକାର ବିଫଳ ହୋଇଛନ୍ତି। ଯାହା ଫଳରେ ଟିକସ–ଜିଡିପି ଅନୁପାତ ହ୍ରାସ ପାଉଛି। କିନ୍ତୁ ଏଠାରେ ବିରାଟ ପ୍ରଶ୍ନ ହେଉଛିଯେ ଷ୍ଟକ୍ ମାର୍କେଟ୍ ସୂଚକାଙ୍କ ସେନ୍‌ସେକ୍ସ ଗତବର୍ଷ ମାର୍ଚ୍ଚରୁ ୨୦୨୧ ଜାନୁୟାରୀ ୨୧ ମଧ୍ୟରେ ଦୁଇଗୁଣ ବୃଦ୍ଧି ହୋଇ ୫୦,୦୦୦ ଅଙ୍କ ଛୁଇଁଛି। କିନ୍ତୁ, ଏହି ସମ୍ପଦ ବୃଦ୍ଧିରେ ରାଜସ୍ୱ ବୃଦ୍ଧି ପାଉନାହିଁ। ଏଥିପ୍ରତି ସରକାର ଧ୍ୟାନ ଦେବା ଉଚିତ ଏବଂ ନିବେଶକଙ୍କ ଉପରେ ଅଧିକ ହାରରେ ଟିକସ ଧାର୍ଯ୍ୟ କରିବା ଉଚିତ। ସମ୍ପଦ କର ଧାର୍ଯ୍ୟ କରିବା ଉଚିତ।

ମୋ–୯୪୩୭୨୦୮୭୬୨,
skmohapatra67@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ମୂର୍ତ୍ତି ଚୋରଙ୍କୁ ଦଣ୍ଡ ମିଳୁ

ମହାଶୟ,

ଲୋକମାନେ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ବଳରେ ଦେଉଳମାନ ନିର୍ମାଣ କରିଥାନ୍ତି । ଏଥିସହ ଦେଉଳରେ ବିଭିନ୍ନ ଦିଅଁଙ୍କର ମୂର୍ତ୍ତି ସ୍ଥାପନା ପୂର୍ବକ ପୂଜାର୍ଚ୍ଚନା କରିଥାନ୍ତି। ବିପଦ ଆପଦ ବେଳେ ଦିଅଁ ଦେବତାଙ୍କୁ ନିଜର ଦୁଃଖ ଜଣାଇ ସେଥିରୁ ମୁକ୍ତିଲାଭ କରିଥାନ୍ତି। ଦେଉଳରେ କାଠ, ପଥର ଓ ବିଭିନ୍ନ ଧାତୁ ଦ୍ରବ୍ୟରେ ନିର୍ମିତ ଦିବ୍ୟ ମୂର୍ତ୍ତିମାନ ସ୍ଥାପନ କରି ଆନନ୍ଦଲାଭ କରିଥାନ୍ତି। ମାତ୍ର ପରିତାପର ବିଷୟ ଏହି କି କିଛି ନାସ୍ତିକ ଓ ବିଧର୍ମୀ ଲୋକେ ପାପପୁଣ୍ୟ ଫଳ ବିଚାର ନ କରି ମନ୍ଦିର ମଧ୍ୟରେ ପୂଜିତ ମୂର୍ତ୍ତିଗୁଡ଼ିକୁ ଚୋରି କରି ଦଲାଲ ବା ବ୍ୟବସାୟୀଙ୍କୁ ବିକ୍ରି କରିଦେଉଛନ୍ତି। ସେହି ଦଲାଲମାନେ ଚୋରାମୂର୍ତ୍ତିକୁ ଅନ୍ୟତ୍ର ଚଢାଦରରେ ବିକ୍ରି କରି ଦି' ପଇସା ରୋଜଗାର କରୁଛନ୍ତି। ଚୋରଜଣକ ସିନା ଅଭାବଗ୍ରସ୍ତ କିମ୍ବା ବୁଦ୍ଧିହୀନ ହୋଇପାରେ, ହେଲେ ବ୍ୟବସାୟୀମାନେ ଚୋରଙ୍କଠାରୁ ଏହି ଚୋରାମୂର୍ତ୍ତିଗୁଡିକ କ୍ରୟ କରି ଅଶେଷ ପାପର ଭାଗୀଦାର ହେଉଛନ୍ତି। ଯଦି ବ୍ୟବସାୟୀମାନେ ଚୋରଙ୍କଠାରୁ ଚୋରା ମୂର୍ତ୍ତି କ୍ରୟ ନ କରନ୍ତେ ସେମାନେ ମୂର୍ତ୍ତି ଚୋରି କରିବାକୁ ମନ ବଳାନ୍ତେ ନାହିଁ। ଅନ୍ୟପରେ ଏହି ବ୍ୟବସାୟୀମାନେ ମୂର୍ତ୍ତି ଚୋରଙ୍କୁ ପୋଲିସ ଜିମା ଦେବା ଠିକ୍ ହୁଅନ୍ତା। ମୂର୍ତ୍ତି ଚୋରି ଏକ ଜଘନ୍ୟ ଅପରାଧ । ସେହିପରି ଚୋରାମୂର୍ତ୍ତି କ୍ରୟ ବିକ୍ରୟ କରିବା ମଧ୍ୟ ଅପରାଧ। ଚୋରା ମୂର୍ତ୍ତି ବ୍ୟବସାୟୀମାନେ ଏପରି ହୀନ କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ। –(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଭିଜିଲାନ୍ସ ଜାଲରେ ଫାଣ୍ଡି ଏଏସ୍‌ଆଇ

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଝରାଡ଼ିହି ଫାଣ୍ଡି ଏଏସ୍‌ଆଇ ସତ୍ୟବାନ ଗିରି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ବୁଧବାର ରାତି ୧୦ଟାରେ ଯଶିପୁର ଗ୍ରାମର ତମ୍ବୁରାଇ ବେଶ୍ରାଙ୍କ ଠାରୁ ସେ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଫାଣ୍ଡି ଓ ତାଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ଜାରି ରହିଥିଲା।

## ‘ଅନୁଗୋଳ ନାଲ୍‌କୋ ସମ୍ପ୍ରସାରଣ ଲାଗି ପଦକ୍ଷେପ ନିଆଯାଉଛି’

**ଭୁବନେଶ୍ୱର, ୨୭।୧(ବ୍ୟୁରୋ):** ଅନୁଗୋଳ ଜିଲାର ନାଲ୍‌କୋ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଖଣି ଓ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ସବୁ ପଦକ୍ଷେପ ନିଆଯାଉଛି। ଏ ସଂକ୍ରାନ୍ତରେ ଗତ ୪ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଚିଠି ଲେଖି ଜଣାଇଥିଲେ, ଯାହାର ଉତ୍ତର କେନ୍ଦ୍ର କୋଇଲା ମନ୍ତ୍ରୀ ରଖିବା ପରେ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ପୁଞ୍ଜିନିବେଶ ଦ୍ୱାର ଫିଟିଥିବା ଧର୍ମେନ୍ଦ୍ର କହିଛନ୍ତି। ଅନୁଗୋଳ ନାଲ୍‌କୋ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୦.୪୬ ମିଲିୟନ ଟନ୍‌ରୁ ୧ ମିଲିୟନ ଟନ୍‌କୁ ବୃଦ୍ଧି କରାଯାଉ ବୋଲି ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଥିଲେ। ନାଲ୍‌କୋର ଏହି ପ୍ରକଳ୍ପକୁ ଭାରତ ସରକାର ପ୍ରାଥମିକତା ଦେଉଛନ୍ତି। କ୍ଷମତା ସମ୍ପ୍ରସାରଣ ଏହାର ପରିସରଭୁକ୍ତ ବୋଲି ଯୋଶୀ ନିଜ ଉତ୍ତରରେ କହିଛନ୍ତି। ସେ ଆହୁରି ମଧ ଉଲ୍ଲେଖ କରିଛନ୍ତି, ପ୍ରକଳ୍ପର ସବିଶେଷ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟରେ ଖଣି ଓ କୋଇଲା ମନ୍ତ୍ରଣାଳୟ ପଦକ୍ଷେପ ନେଉଛି। ଏହାର ସମ୍ପ୍ରସାରଣ ଦେଶ ଏବଂ ରାଜ୍ୟର ବିକାଶରେ ସହାୟକ ହେବ।

## ଲ୍ୟାମ୍ପସ୍ ଏମ୍‌ଡି ନିଲମ୍ବିତ

**ସଜନାଗଡ଼, ୨୭।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ୨୫ ପଞ୍ଚାୟତ ମଧ୍ୟରୁ ନୀଳଗିରି ସମବାୟ ସମିତି ଅଧୀନରେ ୧୫ ପଞ୍ଚାୟତ ରହିଛି। ଏଥିରେ ୫ କେନ୍ଦ୍ର ରହିଛି। ରାଜ୍ୟ ସରକାର ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଠିକ୍ ଭାବେ ଯୋଗାଇଦେବାକୁ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସହଯୋଗ ନ କରିବା, ମଣ୍ଡିରେ ଧାନକିଣାରେ ଅନିୟମିତତା, ଚାଷୀଙ୍କୁ ଦୁର୍ବ୍ୟବହାର, ଚାଷୀଙ୍କ ନାମ ପଞ୍ଜୀକରଣରେ ଅନିୟମିତତାକୁ ଆଧାର କରି ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଲକ୍ଷ୍ମୀଧର ରାଉତ ନୀଳଗିରି ଲ୍ୟାମ୍ପର ଏମ୍‌ଡି ପ୍ରଶାନ୍ତ କୁମାର ନାୟକଙ୍କୁ ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ମାଟିଆଳି ଲ୍ୟାମ୍ପ ଏମ୍‌ଡି. ସୁବଳ କିଶୋର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି।

# ବିବିଧତା ଆମର ବଡ଼ ଶକ୍ତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଭାରତ ବହୁ ଭାଷା, ବହୁ ଧର୍ମ ଓ ବିଶ୍ୱାସକୁ ନେଇ ଗଠିତ ହୋଇଛି। ବିଭିନ୍ନ ଅଞ୍ଚଳର ଭୂଗୋଳ ମଧ ଭିନ୍ନ ଭିନ୍ନ। ଏହି ବିବିଧତା ହିଁ ଆମର ସବୁଠାରୁ ବଡ଼ ଶକ୍ତି। ଏହା ହିଁ ଆମ ସଂସ୍କୃତି ଓ ସମାଜକୁ ସମୃଦ୍ଧ କରିଛି। ଆମ ସମ୍ବିଧାନରେ ଏହା ସୁନ୍ଦର ଭାବରେ ପ୍ରତିଫଳିତ ହୋଇଛି। ସମସ୍ତଙ୍କ ପାଇଁ ବିକାଶର ସମାନ ସୁଯୋଗ ସୃଷ୍ଟି କରିଛି। ମଙ୍ଗଳବାର ୭୨ତମ ଗଣତନ୍ତ୍ର ଦିବସ ଅବସରରେ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ବିବିଧତାର ସୁରକ୍ଷା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗରେ ସହମତି ପାଇଁ ସମସ୍ତେ କାମ କରିବା ଦରକାର। ଏହା ଆମର ଗଣତନ୍ତ୍ରକୁ ଅଧିକ କ୍ରିୟାଶୀଳ ସହ ଦେଶକୁ ଆହୁରି ଶକ୍ତିଶାଳୀ କରିବ।

ଓଡ଼ିଶା ଆଜି ଦେଶର ବିକାଶ ମାନଚିତ୍ରରେ ନିଜର ସ୍ଥିତି ମଜଭୁତ କରିପାରିଛି। କୃଷି, ଶିଳ୍ପ ଓ ଭିତ୍ତିଭୂମି ପରି ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ଆଜି ଦୃଶ୍ୟମାନ ଉନ୍ନତି କରିପାରିଛି। ରାଜ୍ୟରେ ଜଳସେଚନ କ୍ଷମତା ବଢ଼ିବା ସହ କୃଷି ଉତ୍ପାଦନ ବଢ଼ିଛି। ଚାଷୀର ରୋଜଗାର ବଢ଼ିଛି। ରାଜ୍ୟକୁ ନୂଆ ନୂଆ ପୁଞ୍ଜି ଆସିଛି। ଭିତ୍ତିଭୂମିର ବିକାଶ ଅର୍ଥନୀତିକୁ ଚଳଚଞ୍ଚଳ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଗଣତନ୍ତ୍ର ଦିବସ ଉପଲକ୍ଷେ ସମ୍ବୋଧିତ କରୁଛନ୍ତି।

କରିବାକୁ ସୁଯୋଗ ସୃଷ୍ଟି କରିପାରିଛି। ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର। ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ପର୍ଯ୍ୟନ୍ତ ଆମର ସବୁ କଲ୍ୟାଣ କାର୍ଯ୍ୟକ୍ରମ ଲୋକଙ୍କ ମୁହଁରେ ହସ ଆଣିଛି। ଜନଜାତି ବର୍ଗର ବିକାଶ ଓ କଲ୍ୟାଣ ପାଇଁ ଆମର କାର୍ଯ୍ୟକ୍ରମ ସେମାନଙ୍କୁ ସଫଳ ଭାବରେ ବିକାଶର ମୁଖ୍ୟଧାରାରେ ଯୋଡ଼ି ପାରିଛି। ମାଲକାନଗିରିର ବିଚ୍ଛିନ୍ନାଞ୍ଚଳରେ ବିକାଶର ସୂର୍ଯ୍ୟ ଲୋକଙ୍କ ମନରେ ନୂଆ ଆଶା ସଞ୍ଚାର କରିଛି।

ଗତ ୧୦ମାସ ହେଲା ସାରା ବିଶ୍ୱ କରୋନା ସହ ଲଢୁଛି। ଓଡ଼ିଶା କରୋନା ମହାମାରୀକୁ ସଫଳତାର ସହ ନିୟନ୍ତ୍ରଣ କରିପାରିଛି। ଏହି ଅବସରରେ ଆମର କୋଭିଡ୍ ଯୋଦ୍ଧାମାନଙ୍କର ତ୍ୟାଗ ଓ ସେବାକୁ ମୁଁ ଶ୍ରଦ୍ଧାର ସହ ସ୍ମରଣ କରୁଛି। ଟିକା ଆସିଥିଲେ ମଧ କୋଭିଡ୍ ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି।

ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ନିର୍ମାଣ ପାଇଁ ଆମେ ଦୃଢ ପ୍ରତିବଦ୍ଧତାର ସହ ଆଗକୁ ବଢୁଛୁ। କଠିନ ପରିଶ୍ରମ, ଗଭୀର ନିଷ୍ଠା ଓ ସମସ୍ତଙ୍କ ସହଯୋଗ ହିଁ ଆମକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ। ଏକ ନୂଆ ଓଡ଼ିଶା ଗଠନ ଦିଗରେ ଆମର ଉଦ୍ୟମରେ ମୁଁ ସମସ୍ତଙ୍କର ଆଶୀର୍ବାଦ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପବିତ୍ର ସାଧାରଣତନ୍ତ୍ର ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ବୋଷ, ମୌଲାନା ଆଜାଦ,

### ୭୨ତମ ଗଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

ଡକ୍ଟର ଆମ୍ବେଡକର, ବୀର ସୁରେନ୍ଦ୍ର ସାଏ, ବକ୍ସି ଜଗବନ୍ଧୁ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଶହୀଦ ଲକ୍ଷ୍ମଣ ନାୟକ, ରମାଦେବୀ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଡକ୍ଟର ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକଙ୍କ ଭଳି ମହାନ୍ ସଂଗ୍ରାମୀମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହିତ ଦେଶର ଏକତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ଶହୀଦ ଏବଂ କୋଭିଡ୍ ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଚଳିତ ବର୍ଷ ମହାତ୍ମାଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟଅତିଥି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ। କୋଭିଡ୍ କଟକଣା ଯୋଗୁ ଜନସାଧାରଣଙ୍କୁ ଗଣତନ୍ତ୍ର ଦିବସରେ ସାମିଲ କରାଯାଇ ନ ଥିଲା। ଛାତ୍ରୀଛାତ୍ରମାନଙ୍କୁ ମଧ ପରେଡରୁ ଦୂରେଇ ରଖାଯାଇଥିଲା।

## ଅବହେଳା ବରଦାସ୍ତ କରାଯିବନି: କୃଷିମନ୍ତ୍ରୀ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

କୃଷିକ୍ଷେତ୍ରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନି। କର୍ତ୍ତବ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଚାଷ ସମ୍ପର୍କିତ ସମସ୍ତ ଯୋଜନାରେ ୫-ଟି ଏବଂ ମୋ ସରକାରକୁ କଡ଼ାକଡ଼ି ଅନୁପାଳନ କରାଯିବ ବୋଲି କହିଛନ୍ତି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ। ବୁଧବାର କୃଷି ଭବନଠାରେ ଆୟୋଜିତ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇ ମନ୍ତ୍ରୀ କହିଲେ, ସବୁ ଜିଲାର କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଜିଲାସ୍ତରୀୟ ଅଧିକାରୀଙ୍କୁ ମାର୍ଚ୍ଚ ୩୧ ସୁଦ୍ଧା ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ସହିତ ଆବଣ୍ଟିତ ଅର୍ଥ ଖର୍ଚ୍ଚ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଚାଷୀ ଯେପରି ହଇରାଣ ନ ହୁଏ ସେଥିପ୍ରତି ଦୃଷ୍ଟିଦେଇ ସମୟସୀମା ମଧ୍ୟରେ ଆବେଦନ ଉପରେ ପଦକ୍ଷେପ ନେବା ଆବଶ୍ୟକ। ଜିଲା ଅଧିକାରୀ ସଦର ମହକୁମାରରେ ରହିବା, ନିୟମିତ କ୍ଷେତ୍ର ପରିଦର୍ଶନ କରିବା ଏବଂ ଅଚାନକ ଗସ୍ତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କୋଭିଡ୍-୧୯ ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ସ୍ୱତନ୍ତ୍ର ପ୍ୟାକେଜକୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁସାରେ ମାର୍ଚ୍ଚ ୩୧ ମଧ୍ୟରେ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଓଡ଼ିଶାକୁ ୧,୬୯୩ କୋଟି

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

### ପଞ୍ଚଦଶ ଅର୍ଥ କମିଶନ ଅନୁଦାନ

କେନ୍ଦ୍ର ସରକାର ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଓଡ଼ିଶାକୁ ୧,୬୯୩.୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅର୍ଥ ମନ୍ତ୍ରଣାଳୟ ଦ୍ୱିତୀୟ କିସ୍ତି ବାବଦରେ ୧୮ ରାଜ୍ୟ ପାଇଁ ୧୨,୩୫୧.୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ପ୍ରଥମ କିସ୍ତି ବାବଦ ବିନିଯୋଗ ପ୍ରମାଣପତ୍ର(ୟୁସି) ଦେବା ପରେ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସୁପାରିସ କ୍ରମେ ଏହି ଅର୍ଥ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କଠାରୁ ଅର୍ଥ ପାଇବାର ୧୦ ଦିନ ମଧ୍ୟରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଅନୁଦାନ ପଠାଇବାକୁ ହେବ। ଯଦି ଏହାଠାରୁ ରାଜ୍ୟ ସରକାର ବିଳମ୍ବ କରିବେ ତେବେ କେନ୍ଦ୍ରୀୟ ଅନୁଦାନ ସହିତ ସୁଧ ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଆର୍ଥିକ ଦକ୍ଷତା ବୃଦ୍ଧି କରିବାକୁ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଏହି ଅର୍ଥ ପ୍ରଦାନ କରାଯାଇଛି। ଏହି ଅର୍ଥ ଗ୍ରାମ, ବ୍ଲକ ଓ ଜିଲାସ୍ତରର ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ପାଇଁ ପ୍ରଦାନ କରାଯାଇଛି।

ପଞ୍ଚଦଶ ଅର୍ଥ କମିଶନ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁଇ ପ୍ରକାର ଅନୁଦାନ ଦେଇଥାଆନ୍ତି। ଗୋଟିଏ ଅତ୍ୟାବଶ୍ୟକ ଖର୍ଚ୍ଚ ଏବଂ ଅନ୍ୟଟି ମୌଳିକ ଖର୍ଚ୍ଚ। ଅତ୍ୟାବଶ୍ୟକ ଖର୍ଚ୍ଚ କର୍ମଚାରୀଙ୍କ ଦରମାକୁ ଛାଡ଼ି ଅନ୍ୟ ଖର୍ଚ୍ଚ ତୁଲାଇବାକୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟଟି ପରିମଳ ଏବଂ ଖୋଲାରେ ମଳତ୍ୟାଗ ମୁକ୍ତ ବାବଦ, ପାନୀୟ ଜଳ, ବର୍ଷା ଜଳ ସଂରକ୍ଷଣ ଏବଂ ପାଣି ପୁନଃପ୍ରକ୍ରିୟାକରଣ ଆଦିରେ ଖର୍ଚ୍ଚ କରାଯିବ। ଏଥିସହିତ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନରେ ଖର୍ଚ୍ଚ କରାଯିବ। ସୂଚନାଯୋଗ୍ୟ, ୨୦୨୦ ଜୁନ୍‌ରେ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ ଅନୁଯାୟୀ ଅତ୍ୟାବଶ୍ୟକ ଖର୍ଚ୍ଚ ପ୍ରଥମ କିସ୍ତି ବାବଦରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧୮,୧୯୯ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ମୌଳିକ ଖର୍ଚ୍ଚ ବାବଦରେ ୧୫,୧୮୭.୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି।

**URGENT JOB**
ନିଜ ଜିଲାରେ Office Job, ରହିବା, ଖାଇବା ଦିଆଯିବ।
Salary- 27,000/-.
Qualification- 7th to 10th & above.
Contact: 8144204606

**ଆବଶ୍ୟକ**
ରୋଷେଇ ଆଉ ଘର କାମ ପାଇଁ ଝିଅ ପିଲା ଦରକାର। ରହିବା, ଖାଇବା ମାଗଣା। ଦରମା: କାମ ଦେଖି ଦିଆଯିବ।
7016330321, 6371887781

**SAI AROGYA FAMILY CARE PVT. LTD.**
Required for District, Block, Grampanchayat **Business Development Officer**
QUALIFICATION - 10th to Graduate
SALARY - 8,000 to 25,000
LOCATION - All Odisha
CONTACT - 9090609795 7849010139

**URGENT REQUIRED**
**SALES EXECUTIVE**- 4 Nos. (FMCG) for Bhubaneswar, Cuttack, Rayagada, Jagatsinghpur, Puri, Berhampur. Minimum 2 years experience in same sector.
**CAPSI MULTI TRADE (P) LTD.**
District Centre, Chandrasekharpur-16
0674-2747555, 6372108426

**URGENTLY REQUIRED**
ଦିଲ୍ଲୀରେ ଘରୋଇ କାର୍ଯ୍ୟହେତୁ ମହିଳା ଆବଶ୍ୟକ। ରହିବା ଖାଇବା ସହିତ ଟିକେଟ୍ ଫ୍ରି।
Salary :-
Rs 12000/- to Rs 18000/-
Contact : 6371125735

**PRODUCTION EXECUTIVE**
Required for a Hyderabad based factory, accommodation (including family) and fooding provided. Atleast 5 years experience required in Production Area. Qualification is Min. Std. 12. Age: Upto 60 yrs.
Interested people can send their biodata to
chemico1415@gmail.com



**ମାହାଙ୍ଗା ଡବଲ ମର୍ଡର ଘଟଣା : ଆଉ ଜଣଙ୍କ ଆତ୍ମସମର୍ପଣ**

ମାହାଙ୍ଗା, (ସ୍ୱ.ପ୍ର.) -କଟକ ଜିଲା ମାହାଙ୍ଗା ଥାନା ନୂର୍ତ୍ତାଙ୍ଗ ଗାଁରେ ଜାନୁୟାରୀ ୨ରେ ସାଲେପୁର ନିର୍ବାଚନମଣ୍ଡଳୀ ଭାଜପା ପ୍ରଭାରୀ ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। କଟକ ଗ୍ରାମାଞ୍ଚଳ ପୋଲିସ ୮ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ସାଲେପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ। ବୁଧବାର ଫେରାର ଥିବା ଆଉ ଜଣେ ଅଭିଯୁକ୍ତ କଟକ ଏସ୍‌ସି/ଏସ୍‌ଟି କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ପ୍ରମୋଦ ବିଶ୍ୱାଳ। ଫେରାର ଥିବା ପ୍ରଫୁଲ୍ଲଙ୍କ ସାନ ଭାଇ ହେଉଛନ୍ତି ପ୍ରମୋଦ। ପ୍ରମୋଦଙ୍କ ଆତ୍ମସମର୍ପଣ ପରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୦ରେ ପହଞ୍ଚିଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦୟା ଆରତି ମହୋତ୍ସବ ସମିତି ପକ୍ଷରୁ ମହାଆରତି କାର୍ଯ୍ୟକ୍ରମ, ବୈରାଗେଶ୍ୱର ମହାଦେବ ମନ୍ଦିର ସମ୍ମୁଖ, ଧଉଳି, ଅପରାହ୍ନ ୫ଟା।
- . ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- . ନୃତ୍ୟଧାମ ପକ୍ଷରୁ କ୍ଲାସିକାଲ ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- . ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସମାରୋହ, କୁଶଗାଡ଼ିଆ ମଠ ପରିସର, ଅପରାହ୍ନ ୫ଟା।
- . ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ବଇଚୁଆଁ ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ଅପରାହ୍ନ ୫ଟା।

## ସଂକ୍ଷେପରେ

### ଜାତୀୟ ପତାକାକୁ ଅସମ୍ମାନ

**ସାଲେପୁର,୨୭।୧( ଡି. ଏନ୍.ଏ.):** ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ ଲେଖନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ମଙ୍ଗଳବାର କରାଯାଇଥିଲା। ନିୟମ ଅନୁଯାୟୀ ପତାକାକୁ ସନ୍ଧ୍ୟା ପୂର୍ବରୁ ଅବତରଣ କରାଯିବାର ବିଧି ରହିଛି। କିନ୍ତୁ ବିଦ୍ୟାଳୟ ପକ୍ଷରୁ ପତାକା ଅବତରଣ କରାଯାଇ ନ ଥିଲା। ଫଳରେ ବୁଧବାର ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ବିଦ୍ୟାଳୟରେ ପତାକା ଉଡୁଥିବା ସ୍ଥାନୀୟ ଲୋକେ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ଜପକୁଦ ଫାଣ୍ଡି ପୋଲିସ ପହଞ୍ଚି ପତାକାକୁ ଅବତରଣ କରିଥିଲେ। ଏ ନେଇ ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା ଅସନ୍ତୋଷ ବ୍ୟକ୍ତ କରିବା ସହ ଦୃଢ଼ ପଦକ୍ଷେପ ପାଇଁ ଦାବି କରିଛନ୍ତି।

### ୨ ହାଇୱେ ଲୁଟେରା ଗିରଫ, ପିସ୍ତଲ ଜବତ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଜାତୀୟ ରାଜପଥ ନଂ.୧୬ରେ ପିସ୍ତଲ ଦେଖାଇ ଲୁଟପାଟ୍ କରି ଆତଙ୍କ ଚଳାଇଥିବା ୨ ହାଇୱେ ଲୁଟେରାଙ୍କୁ ବୁଧବାର ଗିରଫ କରିଛି ତମାଣ୍ଡୋ ଥାନା ପୋଲିସ। ତାଙ୍କଠାରୁ ଏକ ପିସ୍ତଲ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆର ବବୁଲ ସାମନ୍ତରାୟ ଓ ଭୁବନେଶ୍ୱର ୟୁନିଟ୍-୩ରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳର ଅଶୋକ ସାହୁ। ଖଣ୍ଡଗିରି ଥାନା ଖାରବେଳ ପାର୍କ ନିକଟ ପ୍ଲଟ ନଂ.୧୫/୨୩୧୭ରେ ରହୁଥିବା ସୁଧୀର ବିଶ୍ୱାଳ(୩୮) ଗତ ୨୪ ତାରିଖ ରାତି ସାଢ଼େ ୧୧ଟାରେ ଏକ ଢାବାକୁ ଖାଇବାକୁ ଯାଇଥିଲେ। ଏହି ସମୟରେ ଗୋଟିଏ ବାଇକରେ ୨ ଜଣ ଯୁବକ ହଠାତ୍ ତାଙ୍କୁ ଆକ୍ରମଣ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଚେନ ଓ ମୋବାଇଲ ଫୋନ୍ ଛଡାଇ ନେଇ ପଳାଇଥିଲେ। ଏ ନେଇ ସୁଧୀର ଥାନାରେ ଅଭିଯୋଗ କରିଥିଲେ।

### ଡ୍ରାଇଭରଙ୍କୁ ହତ୍ୟା କରି ଲୁଟିନେଲେ କାର୍

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଭୁବନେଶ୍ୱର ଜାଗମାରାରୁ ଭଡ଼ାରେ ଯାଇଥିବା ଜଣେ କାର୍ ଡ୍ରାଇଭରଙ୍କୁ କୋରାପୁଟରେ ହତ୍ୟା କରାଯାଇଛି। ମୃତଦେହକୁ ବୋରିଗୁମ୍ମା ଛତରଲା ଗ୍ରାମର ଏକ ଧାନ ବିଲରେ ଫିଙ୍ଗି ଦୁର୍ବୃତ୍ତମାନେ କାର୍ ନେଇ ପଳାଇଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ୨୦/୨୧ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ଡ୍ରାଇଭର ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ନୂଆସାହିର ସୁଧୀର କୁମାର ସାହୁ(୪୨)। ଗତ ୨୪ ତାରିଖରେ ଭୁବନେଶ୍ୱରରୁ ବାଲିଗୁଡା ଅଭିମୁଖେ କାର ଭଡାରେ ବାହାରିଥିଲେ। ୨୫ ତାରିଖରେ ରାୟଗଡାଦେଇ ଯାଉଥିବା ନେଇ ପରିବାର ଓ ସାଙ୍ଗଙ୍କୁ ଜଣାଇଥିଲେ। ବୁଧବାର ଅପରାହ୍ନରେ ବୋରିଗୁମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ତାଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଥିଲେ।

### ଟ୍ରାକ୍ଟର ଓଲଟି ମାଲିକ ମୃତ

**ମାହାଙ୍ଗା, ୨୭।୧ (ସ୍ୱ.ପ୍ର.) :** ମାହାଙ୍ଗା ଥାନା ହଳଦିଆ ଗାଁ କଣ୍ଟେଇଶୁଣୀ ଠାକୁରାଣୀ ପୀଠ ନିକଟ ଏକ ବିଲରେ ଚାଷ କରୁଥିବାବେଳେ ବୁଧବାର ଟ୍ରାକ୍ଟର ଓଲଟି ପଡିବାରୁ ମାଲିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୋତାମରାଇ ପଞ୍ଚାୟତ ସିନ୍ଧୁପୁର ଗାଁର ସୁରେନ୍ଦ୍ର ପ୍ରଧାନ(୪୨)। ସୁରେନ୍ଦ୍ର ଟ୍ରାକ୍ଟରକୁ ପଛକୁ ବ୍ୟାକ୍ କରିବା ବେଳେ ଭାରସାମ୍ୟ ହରାଇବାରୁ ଓଲଟି ପଡିଥିଲା। ସେ ତଳେ ଚାପି ହୋଇଯାଇଥିଲେ। କୁଆଁପାଳ ଦମକଳ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ହୋଇଛି।

# ବାଙ୍କୀରେ ଅବାଧ ବିଦେଶୀ ପକ୍ଷୀ ଶିକାର

**ବାଙ୍କୀ,୨୭।୧(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ କୋଟଦ୍ୱାର ଗାଁରେ ପକ୍ଷୀ ଶିକାର। ବୁଧବାର ସକାଳେ ବାଙ୍କୀ କଲେଜର ଜଣେ ଛାତ୍ର ୩ ପକ୍ଷୀଙ୍କ ମୃତଦେହ ଓ ଆଉ ଏକ ପକ୍ଷୀ ଛଟପଟ ହେଉଥିବା ଦେଖିବାକୁ ପାଇଥିଲେ। ପରେ ଛଟପଟ ହେଉଥିବା ପକ୍ଷୀ ମରିଯିବାରୁ ସେ ଏହାକୁ ବାର୍ଡ ଫ୍ଲୁ ବୋଲି ଆଶଙ୍କା କରିଥିଲେ। ଘଟଣା ସ୍ଥଳରେ ପକ୍ଷୀପ୍ରେମୀ ଲଳିତ ମୋହନ ପଣ୍ଡା ପହଞ୍ଚିବା ପରେ ମୃତପକ୍ଷୀଗୁଡିକ ରୁଡ଼ି ଶେଲ ଡକ୍ ପ୍ରଜାତି (ବିଦେଶୀ)ର ବୋଲି ଚିହ୍ନଟ କରିଥିଲେ। ସ୍ନେକହେଲ୍ପ ଲାଇନର ସଦସ୍ୟ ଦୁର୍ଗାମାଧବ ମହାପାତ୍ର ଏ ସମ୍ପର୍କରେ ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଶିଶୁଆ ସେକ୍ସନର ଫରେଷ୍ଟର ଚିତ୍ତ ମିଶ୍ରଙ୍କୁ ଜଣାଇଥିଲେ। ବାଙ୍କୀରେ ପ୍ରାଣୀ ଚିକିତ୍ସକ ମୃତଦେହଗୁଡ଼ିକୁ ପରୀକ୍ଷା କଲାବେଳେ ସବୁ ପକ୍ଷୀଙ୍କ ଦେହରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ତେଣୁ ପକ୍ଷୀ ଶିକାର ହୋଇଥିବା ପ୍ରାଥମିକ ପର୍ଯ୍ୟାୟରୁ ଜଣାପଡ଼ିଛି। ତଥାପି ବାର୍ଡ ଫ୍ଲୁ ନା ଶିକାରଜନିତ ମୃତ୍ୟୁ ଜାଣିବାକୁ ମୃତ ପକ୍ଷୀଙ୍କ ନମୁନା କଟକ ଜିଲା ଫୁଲନଖରାସ୍ଥିତ ପଶୁ ରୋଗ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ପକ୍ଷୀ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

ସେଣ୍ଟର ଫର୍ ରୁରାଲ ଟୁରିଜମ ଡେଭଲପ୍‌ମେଣ୍ଟ ସଂସ୍ଥାର ଆକଳନ ଅନୁସାରେ ଚଳିତବର୍ଷ ବାଙ୍କୀକୁ ୬୦ହଜାରରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ ଆସିଛନ୍ତି। କିନ୍ତୁ ଖୋର୍ଦ୍ଧା ରେଞ୍ଜ ପକ୍ଷରୁ

**୪ ମୃତ ରୁଡ଼ି ଶେଲ୍ ଡକ୍ ଜବତ**



କେବେ ବି ପକ୍ଷୀଗଣନା ବା ପକ୍ଷୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ। ମୃତ ରୁଡି ଶେଲ ଡକ୍‌ର ଯୋଡ଼ିଙ୍କୁ ଓଡ଼ିଶାରେ ଚକୁଆ ଚକୋଇ ବୋଲି କୁହାଯାଏ। ଏହି ପ୍ରଜାତିର ପକ୍ଷୀ ମାଈ, ଅଣ୍ଡିରା ଯୋଡ଼ି ହୋଇ ସବୁବେଳେ ବିଚରଣ କରନ୍ତି। ଏମାନେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ସିଡ୍ୟୁଲ-୪ ଅନ୍ତର୍ଭୁକ୍ତ। ଏମାନଙ୍କୁ ଶିକାର କରିବା ଦଣ୍ଡନୀୟ ଅପରାଧ। ମୃତ ପକ୍ଷୀଙ୍କ ଭିତରେ ହଳେ ମାଈ ଓ ହଳେ ଅଣ୍ଡିରା ରହିଛନ୍ତି। କେତେକ ସ୍ଥାନରେ ରୁଡ଼ି ଶେଲ ଡକ୍‌ଙ୍କ ପର ମଧ୍ୟ ପଡ଼ିଥିବା ଦେଖିବାକୁ ମିଳିଛି, ଅର୍ଥାତ୍ କିଏ ପକ୍ଷୀ ଶିକାର କରି ପର ପକାଇ ଦେଇଥିବା ଆଶଙ୍କା କରାଯାଉଛି। ତେଣୁ ଖୋର୍ଦ୍ଧା ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପକ୍ଷୀଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ପକ୍ଷୀପ୍ରେମୀ ଲଳିତ ପଣ୍ଡା ଦାବି କରିଛନ୍ତି।



ଓଡ଼ିଶା ହାଇକୋର୍ଟରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

## ଭିଜିଲାନ୍ସ ଜାଲରେ ଭୁବନେଶ୍ୱରର କୋଟିପତି ଯନ୍ତ୍ରୀ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**
- ୩ ସ୍ଥାନରେ ଏକକାଳୀନ ଚଢ଼ାଉ
- ୧ କୋଟି ୨୧ଲକ୍ଷ ୨୭ ହଜାର ସମ୍ପତ୍ତି ଠାବ

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ବ୍ଲକର ଜୁନିୟର ଇଞ୍ଜିନିୟର ଶୁଭେନ୍ଦୁ କୁମାର ପ୍ରଧାନଙ୍କ ବାସଭବନ ସମେତ ୩ ସ୍ଥାନରେ ଚଢାଉ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ୩ ଟିମ୍ ପୃଥକ ଭାବେ ଏକସଙ୍ଗେ ଭୁବନେଶ୍ୱରସ୍ଥିତ ଅଫିସ୍, ଖଣ୍ଡଗିରି ଡୁମୁଡୁମା ହାଉସିଂବୋର୍ଡ କଲୋନୀ ପ୍ଲଟ୍ ନଂ.୧୨୦୦ସ୍ଥିତ ବାସଭବନ ଓ ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ ଶ୍ରୀଚନ୍ଦନପୁରସ୍ଥିତ ପୈତୃକ ଘରେ ଚଢାଉ କରିଥିଲା। ଯାଞ୍ଚବେଳେ ୧ କୋଟି ୨୧ ଲକ୍ଷ ୨୭ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଛି। ଏଥିସହ ଭିଜିଲାନ୍ସ ଅଧିକାରୀମାନେ ବହୁ କାଗଜପତ୍ର ଜବତ କରି ନେଇଥିବାବେଳେ ଯାଞ୍ଚ ଜାରି ରହିଥିବାରୁ ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ଅଧିକାରୀମାନେ ଆଶା କରୁଛନ୍ତି।

ସୂଚନା ମୁତବକ, ଶୁଭେନ୍ଦୁ ବେଆଇନ ଭାବେ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ସୂଚନା ପାଇଥିଲା। ସେ ବିଭିନ୍ନ କାର୍ଯ୍ୟରେ ଠିକାଦାରଙ୍କଠାରୁ ପିସି ନେଉଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଥିଲା। ଭିଜିଲାନ୍ସ ପକ୍ଷରୁ ତାଙ୍କ ଉପରେ କିଛିଦିନ ଧରି ନଜର ରଖାଯିବା ପରେ ଏହି ଚଢ଼ାଉ ଆରମ୍ଭ ହୋଇଥିବା ଜଣାପଡିଛି। ତେବେ ଠାବ ସମ୍ପତ୍ତି ମଧ୍ୟରେ ୧୬ ଲକ୍ଷ ୪୪ ହଜାର ଟଙ୍କା ମୂଲ୍ୟର ଡୁମୁଡୁମାସ୍ଥିତ ତିନି ମହଲା ଘର, ୨୯ ଲକ୍ଷ ୨୧ ହଜାର ଟଙ୍କାର ଭୁବନେଶ୍ୱର ପଳାଶୁଣୀରେ ଏକ ଫ୍ଲାଟ୍, ୨୦ ଲକ୍ଷ ୩୫ ହଜାର ଟଙ୍କାର ଜଟଣୀ କଣ୍ଟିଲୋରେ ଥିବା ଏକ ଆପାର୍ଟମେଣ୍ଟ, କାକଟପୁରସ୍ଥିତ ୧୦ ଲକ୍ଷ ୭୧ ହଜାର ଟଙ୍କାର ଏକ ମହଲା ଘର, ୧୨ ଲକ୍ଷ ଟଙ୍କାର ଭୁବନେଶ୍ୱରରେ ୧୧ ପ୍ଲଟ୍, ୧୨ ଲକ୍ଷ ଟଙ୍କାର ହୁଣ୍ଡାଇ କାର, ୨ ଲକ୍ଷ ଟଙ୍କାର ବାଇକ ଓ ସ୍କୁଟି, ବିଭିନ୍ନ ବ୍ୟାଙ୍କରେ ୨ ଲକ୍ଷ ଟଙ୍କା ଜମା ରାଶି, ଜମି କିଣିବା ନେଇ ଅଗ୍ରିମ ୨ ଲକ୍ଷ ୮୯ ହଜାର ଟଙ୍କା ପଇଠ, ୭୪ ହଜାର ଟଙ୍କାର ସୁନା ଅଳଙ୍କାର ଓ ଘରେ ଥିବା ୧୭ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ରହିଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଶୁଭେନ୍ଦୁଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟରେ ଜେରା ସହ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## ଭାଇ, ଭଉଣୀଙ୍କୁ ଅପହରଣ କରି ହତ୍ୟା ଉଦ୍ୟମ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

**ବନ୍ଦ କୋଠରିରୁ ଉଦ୍ଧାର, ଅଭିଯୁକ୍ତ ଗିରଫ**

ରାଜଧାନୀରେ ଭାଇ ଓ ଭଉଣୀଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ ହୋଇଛି। ସ୍ଥାନୀୟ ଯୁବକଙ୍କ ଯୋଗୁ ଦୁଇଟି ଜୀବନ ଅଳ୍ପକେ ବର୍ତ୍ତି ଯାଇଛି। ଏକ ବନ୍ଦ କୋଠରିରୁ ଉଭୟଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି ଛକ ନିକଟ ମୁଣ୍ଡା ସାହିରେ ମଙ୍ଗଳବାର ଘଟିଛି ଏହି ଘଟଣା। ଅଭିଯୁକ୍ତ ହେଲେ ଉକ୍ତ ବସ୍ତିରେ ରହୁଥିବା ପ୍ରଦ୍ୟୁମ୍ନ ସାହୁ। ପୋଲିସ ତାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ମୁଣ୍ଡା ସାହିରେ ରହୁଥିବା ସ୍ୱର୍ଣ୍ଣଲତା ସାହୁଙ୍କର ୫ ବର୍ଷର ପୁଅ ଓ ୯ ବର୍ଷର ଝିଅ ମଙ୍ଗଳବାର ଘର ନିକଟରେ ଖେଳୁଥିବା ବେଳେ ପ୍ରଦ୍ୟୁମ୍ନ ସେମାନଙ୍କୁ ଅପହରଣ କରି ନିଜ ଘରକୁ ନେଇଯାଇଥିଲେ। ସେଠାରେ ଦୁହିଁଙ୍କୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ଅପହରଣ କରିବା ସମୟରେ ବସ୍ତିର କେତେଜଣ ଯୁବକ ଦେଖି ମା' ସ୍ୱର୍ଣ୍ଣଲତାଙ୍କୁ ଜଣାଇଥିଲେ। ଏଥିସହ ସମ୍ପୃକ୍ତ ଯୁବକମାନେ ସେଠାରେ ପହଞ୍ଚି ଭିତରପଟୁ କବାଟ ବନ୍ଦ ଥିବା ଦେଖି ପାଟି କରିଥିଲେ। ପରେ କବାଡ ଭାଙ୍ଗି ଦୁହିଁଙ୍କୁ ଉଦ୍ଧାର କରିବା ସହ ସମସ୍ତେ ମିଶି ଅଭିଯୁକ୍ତ ପ୍ରଦ୍ୟୁମ୍ନଙ୍କୁ ମାଡ଼ ମାରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିଥିଲା।

### ୩୦ ଜିଲାରେ ହେବ ବେଦ ଯଜ୍ଞ

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ବିଶ୍ୱରେ ଦେଖା ଦେଇଥିବା ପ୍ରକୃତିର କୋପ ଓ ଏହାର ପରିଣାମ ଜୀବନରେ ଆଶାତୀତ ପ୍ରଭାବ ପକାଇଛି। ଏହାର ମୁଖ୍ୟ କାରଣ ହେଉଛି ପଞ୍ଚମହାଭୂତରେ ଅସନ୍ତୁଳନ। ଆନ୍ତର୍ଜାତିକ ସତ୍ୟ ଚେତନା ଆଧାତ୍ମିକ ଅନୁଷ୍ଠାନ ଆନୁକୂଲ୍ୟରେ ଏହାର ପ୍ରତିକାର ପାଇଁ ସମାଜ ଓ ବ୍ୟକ୍ତିର କଲ୍ୟାଣ ନିମନ୍ତେ ଓଡ଼ିଶାର ୩୦ଟି ଜିଲାରେ ବେଦ ଯଜ୍ଞ ଆୟୋଜନ କରାଯିବ। ମଙ୍ଗଳବାର ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଧାତ୍ମିକ ଅନୁଷ୍ଠାନର ପ୍ରତିଷ୍ଠାତା ପରମପୂଜ୍ୟ ସଦ୍‌ଗୁରୁ ସ୍ୱାମୀ ଶ୍ରୀ ଆତ୍ମାନନ୍ଦଜୀ ଯଜ୍ଞ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ପଞ୍ଚମହାଭୂତରେ ସନ୍ତୁଳନ ପାଇଁ ଯଜ୍ଞ ଆୟୋଜନ ଏକମାତ୍ର ବିକଳ୍ପ। ଏଥିନିମନ୍ତେ ବିଭିନ୍ନ ଜିଲାରେ ଆଗ୍ରହୀ ଜନସାଧାରଣଙ୍କର ସହଯୋଗ ଲୋଡ଼ିଛନ୍ତି। ଏଥିରେ ପରିଚାଳନା କମିଟିର ସଭ୍ୟ ନଳିନୀକାନ୍ତ ପଟ୍ଟନାୟକ, ହରିହର କାନୁନ୍‌ଗୋ, ସର୍ବେଶ୍ୱର ମହାପାତ୍ର, ଗୁରୁଦାସ କୁଣ୍ଟ ଉପସ୍ଥିତ ରହି ଏ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଦା ପ୍ରସନ୍ନ ଦାସ ପ୍ରାରମ୍ଭରେ ସୂଚନା ପ୍ରଦାନ କରି ଉକ୍ତ ପବିତ୍ର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ପିଇବା ପାଣି, ଜଳସେଚନ ଉପରେ ଗୁରୁତ୍ୱ

**କଟକ ଅଫିସ, ୨୭।୧**

**ନବମ କଟକ ଜିଲା ପରିଷଦ ବୈଠକ**

କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ବୁଧବାର ନବମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମଗୁଡ଼ିକୁ ପାନୀୟଜଳ ଯୋଗାଣ, ରାସ୍ତା ଓ ଗୃହ ନିର୍ମାଣ ଏବଂ ଜଳସେଚନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପାଇପ ଲାଇନ ଯୋଗେ ଓ ନଳକୂପ ବସାଇ ପାନୀୟଜଳ ଯୋଗାଣ ସହ ନଳକୂପ ମରାମତି ନିମନ୍ତେ ୫୦:୫୦ ପ୍ରତିଶତ ହିସାବରେ ପ୍ରସ୍ତାବ ଦେବାକୁ ଆଲୋଚନା ହୋଇଥିଲା। ବୈଠକରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଗ୍ରାମପଞ୍ଚାୟତଗୁଡ଼ିକରେ ଧାର୍ଯ୍ୟ କାର୍ଯ୍ୟଗୁଡିକ ଚଳିତ ଆର୍ଥିକ ବର୍ଷରେ ସାରିବା ସହ ଆବଶ୍ୟକ ଥିବା କାର୍ଯ୍ୟଗୁଡ଼ିକର ତାଲିକା ପ୍ରସ୍ତୁତ କରି ୭ଦିନ ମଧ୍ୟରେ ଦାଖଲ କରିବାକୁ କହିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅଖତର, ବିଧାୟକ ଡା. ପ୍ରମୋଦ ମଲ୍ଲିକ ଯୋଗଦେଇଥିଲେ। ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକଙ୍କ ଅଧକ୍ଷତାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଫ୍‌ଆଇଆର୍‌କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ

**କଟକ ଅଫିସ,୨୭।୧**

**ପୁରୀ ବାସେଳି ସାହି ଥାନା ହାଜତ ମୃତ୍ୟୁ ମାମଲା**

ପୁରୀ ବାସେଳି ସାହି ଥାନା ହାଜତ ମୃତ୍ୟୁ ଘଟଣାରେ ବୁଧବାର ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଫ୍‌ଆଇଆର୍‌ରେ କିପରି ଦ୍ୱନ୍ଦ୍ୱ ରହିଛି ସେନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଏହି ଆଧାରରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତଦନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ପୋଲିସ ପ୍ରଥମେ ବାସେଳି ସାହି ଥାନା ହାଜତରେ ମୃତ୍ୟୁବରଣ କରିଥିବା କେ.ରମେଶଙ୍କ ନାଁରେ ମାମଲା(ନଂ.୩୧୮/୨୦୨୦)ରୁଜୁ କରିଥିଲା। ଉକ୍ତ ମାମଲା କେ.ରମେଶଙ୍କ ହାଜତ ମୃତ୍ୟୁକୁ ନେଇ କରାଯିବା ପରିବର୍ତ୍ତେ ତାଙ୍କୁ ଜଣେ ଅପରାଧୀ ବୋଲି ଦର୍ଶାଯାଇଥିଲା। ଜଣେ ଅଭିଯୁକ୍ତ ଯଦି ହାଜତରେ ମୃତ୍ୟୁବରଣ କରନ୍ତି, ତେବେ ସିଆରପିସିର ଦଫା ୧୭୪ରେ ପୋଲିସ ତଦନ୍ତ କରିଥାଏ। ପ୍ରଥମେ ଦିଆଯାଇଥିବା ଏତଲାରେ ଏହି ଧାରା ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। କିନ୍ତୁ ଗତ ୧୧ ତାରିଖରେ ହାଇକୋର୍ଟରେ ପୋଲିସ ଯେଉଁ ଏଫ୍‌ଆଇଆରକୁ ମେମୋ ଆକାରରେ ଦାଖଲ କରିଥିଲା ସେଥିରେ ସିଆର୍‌ପିସିର ଏହି ୧୭୪ ଦଫାକୁ ଯୋଡ଼ା ଯାଇଛି। ଏପରିକି ଏହି ଏଫ୍‌ଆଇଆର୍‌ର କିଛି ଅଂଶକୁ ପରିବର୍ତ୍ତନ କରାଯାଇଛି। ପ୍ରଥମେ ପୋଲିସ ଏତଲାରେ ଦର୍ଶାଇଥିଲା କେ. ରମେଶ ବ୍ରହ୍ମଗିରିରୁ ପୁରୀ ଆସୁଥିଲେ। ପରେ ପୁରୀ ଏସ୍‌ପି ଖବରଦାତା ସମ୍ମିଳନୀରେ କେ. ରମେଶ ବାଟଦ୍ୱମଙ୍ଗଳାରୁ ପୁରୀ ଆସୁଥିଲେ ବୋଲି କହିଥିଲେ। ସେହିପରି କେ. ରମେଶଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କ ଶରୀରରେ ୧୫ଟି ଆଘାତ ଚିହ୍ନଥିବା ଉଲ୍ଲେଖ କରାଯାଇଛି। ଦାଖଲ ଇନ୍‌କ୍ୱେଷ୍ଟ ରିପୋର୍ଟରେ କେ. ରମେଶଙ୍କ ମା'ବାପାଙ୍କ ଦସ୍ତଖତରେ ତାଳମେଳ ନାହିଁ। ତେଣୁ ପୁରୀ ପୋଲିସ ସମ୍ପୂର୍ଣ୍ଣ 'ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଛି ବୋଲି ଆବେଦନକାରୀ ସତ୍ୟପାଠରେ ଦର୍ଶାଇଛନ୍ତି।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**କଟକ ଅଫିସ, ୨୭।୧–** ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ୭୨ତମ ସାଧାରଣତନ୍ତ୍ର ଦିବସ ମଙ୍ଗଳବାର ପାଳିତ ହୋଇଛି। ନିର୍ଦ୍ଦେଶାଳୟ ପରିସରରେ ଭିଜିଲାନ୍ସ ଆଇଜି ଘନଶ୍ୟାମ ଉପାଧ୍ୟାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଜି ଭିଜିଲାନ୍ସ ସଞ୍ଜୟ କୁମାର କୌଶଲ, ଆଇନ ପରାମର୍ଶଦାତା ଦିଲ୍ଲୀପ କୁମାର ମିଶ୍ର, ସହକାରୀ ଆଇଜି ଶଶୀଭୂଷଣ ମିଶ୍ର, କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଅଭିରାମ କର, ଏସ୍‌ପି(କୋଅର୍ଡିନେଶନ) ଅଶ୍ୱିନୀ କୁମାର ପଟ୍ଟନାୟକ ଓ ଏସ୍‌ପି(ଲିଙ୍କ୍) ହରେକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପରିସରରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଭାରତୀୟ ଆଇନଜୀବୀ ପରିଷଦର ସଦସ୍ୟ ଦେବୀ ପ୍ରସାଦ ଧଳ ପତାକା ଉତ୍ତୋଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ, ପରିଷଦର କର୍ମଚାରୀ ଉପସ୍ଥିତ ରହି ଜାତୀୟ ସଙ୍ଗୀତ ଗାନ କରିଥିଲେ।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ସ୍ଥାନୀୟ ଚଣ୍ଡୀମନ୍ଦିର ମାର୍ଗସ୍ଥିତ ସଂସ୍କୃତି ଭବନଠାରେ ସଂଘର ପ୍ରଚାରକ ସରୋଜ କୁମାର ମିତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସହପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ଜିଲା ସଂଘ ଚାଳକ ବିପିନ ବିହାରୀ ରାଉତ, ଭାରତୀୟ ସଂସ୍କୃତି ପ୍ରଚାର ସମିତିର ସଭାପତି ଡ. ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗୋପବନ୍ଧୁବାଗଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଘର ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, ମନୋଜ ପଟ୍ଟନାୟକ, ହୃଷୀକେଶ ପଢ଼ିହାରୀ, ହେମନ୍ତ ପଟ୍ଟନାୟକ, ବଂଶୀଧର ବେହେରା, ଉମେଶ ସାହୁ ଓ ନିବାସ ରାଉତ ଉପସ୍ଥିତ ଥିଲେ ।

### 'ଛାତ୍ରୀଛାତ୍ର ନିଷ୍ଠାପର ଭାବେ କର୍ତ୍ତବ୍ୟ କରନ୍ତୁ'




ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ମଙ୍ଗଳବାର ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦେଶର ସମ୍ବିଧାନ ପ୍ରତି ସମ୍ମାନ ପ୍ରଦର୍ଶନ ସହ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ରଥ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ରଥ ଏହି ଅବସରରେ ମୁଖପତ୍ର 'ଡ୍ରିମ୍‌ସ ଡାଇଜେଷ୍ଟ'ର ସ୍ୱତନ୍ତ୍ର ଇ-ସଂସ୍କରଣ, ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ଟ୍ରେନିଂ ମଡ୍ୟୁଲାର, ଡିଗ୍ରୀ ଇଞ୍ଜିନିୟରିଂ ଲିଟେରାରୀ କ୍ଲବର 'ପ୍ରାଚୀର ପତ୍ର' ଏବଂ ଆଇଏସ୍‌ଟିଇ ବେଷ୍ଟ ଷ୍ଟୁଡେଣ୍ଟ ରାପ୍‌ଟର ପ୍ରଶସ୍ତିପତ୍ର ଉନ୍ମୋଚନ କରିବା ସହ ୭୨ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀ ଅମିଷା ସାହୁ ଦେଶଭକ୍ତି ସଙ୍ଗୀତ ଗାନ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳାରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ଭୂଷଣ କର, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ରୁଚି ଉଦ୍ୟୋଗରେ ସାଧାରଣତନ୍ତ୍ର ଦିବସ



ମଧୁପାଟଣାସ୍ଥିତ ମସଲା ଓ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ 'ରୁଚି' ଅନୁଷ୍ଠାନ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ନିର୍ଦ୍ଦେଶକ ଅରବିନ୍ଦ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ନିର୍ଦ୍ଦେଶିକା ସଲିନା ସାହୁ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ସେହିପରି ରୁଚି ପାସ୍ତା ଭିଲେଜ ପରିସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଏବଂ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ରୁଚି ପରିବାର ପକ୍ଷରୁ ୩ ଜଣ ପୂର୍ବତନ ସେନାନୀ ସୁବେଦାର ମେଜର ଅଜୟ କୁମାର ପ୍ରଧାନ, ସବ୍‌ମେଜର ଦୀପକ ବେହେରା ଏବଂ ନାଏକ ମାନସ ରଞ୍ଜନ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମାର୍ଚ୍ଚପାଷ୍ଟରେ ରୁଚିର ସମସ୍ତ ସୁରକ୍ଷାକର୍ମୀ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉଲ୍ଲାସ ଚନ୍ଦ୍ର ବେହୁରା ଉପସ୍ଥାପନା କରିଥିବାବେଳେ ରୁଚିର ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ରୁଚି ଉଦ୍ୟୋଗର ମାର୍କେଟିଂ ବିଭାଗ ମୁଖ୍ୟ ପ୍ରବନ୍ଧକ ଦେବବ୍ରତ ପଟ୍ଟନାୟକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ବିଜିନେସ୍ ଡେଭେଲପମେଣ୍ଟ ଅଫିସର ମାନସ ରଞ୍ଜନ ବେହେରା, ଲକ୍ଷ୍ମୀଧର ବିଶ୍ୱାଳ, ସୂର୍ଯ୍ୟକାନ୍ତ ସାହୁ ଏବଂ ନବକୃଷ୍ଣ ଦାସ ଅଧିକାରୀ ପ୍ରମୁଖ ପରିଚାଳନା କରିଥିଲେ ।

### କଟକର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି



ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର କଟକ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ପତାକା ଉତ୍ତୋଳନ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ। ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, କଟକ ଜିଲାର ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକଳ୍ପ ତଥା ଉନ୍ନତିକରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଏସ୍‌ସିବି ମେଡିକାଲରେ ଏମ୍ସ ପ୍ଲସ ଭିତ୍ତିକ ଚିକିତ୍ସା ସେବା ସହ ଟ୍ରାଫିକ ସମସ୍ୟା ଦୂର ପାଇଁ ୬ଥାକିଆ ରିଂ ରୋଡ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଖାନନଗରରେ ନେତାଜୀ ସୁଭାଷ ବୋଷଙ୍କ ନାମରେ ବସ ଟର୍ମିନାଲର ଶିଳାନ୍ୟାସ କରାଯାଇଛି।ଏହି ଅବସରରେ ୨୪ଜଣ କୋଭିଡ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତାର ୧୩ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ ସିଂ, ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟସଭା ସଦସ୍ୟ ସୁବାସ ସିଂ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍.ପି. ପ୍ରଦୀପ ହେଲେ ଆଇଏନଏସ ଚିଲିକାର ନୂତନ କମୋଡର

ବାଲୁଗାଁ,(ଡି.ଏନ୍.ଏ.): ଆଇଏନଏସ ଚିଲାକର ନୂତନ କମୋଡର ହେଲେ ଏନ୍.ପି. ପ୍ରଦୀପ। ସାଧାରଣତନ୍ତ୍ର ଦିବସ ଅବସରରେ କମୋଡର ଋତୁରାଜ ସାହୁଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଏନଏସ ଚିଲିକାର ଅଧିକାରୀ ଓ ନାବିକମାନେ କମୋଡର ସାହୁଙ୍କୁ ଏକ ପାରମ୍ପରିକ ସମାରୋହରେ ବିଦାୟୀ ଦେବାସହ ନୂଆ କମୋଡର ପ୍ରଦୀପଙ୍କୁ ସ୍ୱାଗତ କରିଥିଲେ। ପ୍ରଦୀପ ଏହା ପୂର୍ବରୁ କେରଳରେ କାର୍ଯ୍ୟରତ ଥିଲେ। ୧୯୯୨ରେ ଭାରତୀୟ ନୌସେନାର ଜାହାଜ ପଥ ପ୍ରଦର୍ଶକ ଏବଂ ଦିଗ ବିଶେଷଜ୍ଞ ଭାବେ ସେ ଯୋଗଦେଇଥିଲେ। ୨୯ବର୍ଷର ନୌସେନା ସେବା ସମୟରେ ପ୍ରଦୀପ ଜାହାଜ ପଥ ପ୍ରଦର୍ଶକ ଓ କମାଣ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦୟା ଆରତି ମହୋତ୍ସବ ସମିତି ପକ୍ଷରୁ ମହାଆରତି କାର୍ଯ୍ୟକ୍ରମ, ବୈରାଗେଶ୍ୱର ମହାଦେବ ମନ୍ଦିର ସମ୍ମୁଖ, ଧଉଳି, ଅପରାହ୍ନ ୫ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟଧାମ ପକ୍ଷରୁ କ୍ଲାସିକାଲ ନୃତ୍ୟ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ଜୟଦେବ ବିହାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଓ ଭଜନ ସମାରୋହ, କୁଶଗାଡ଼ିଆ ମଠ ପରିସର, ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ବଇରୁଆଁ ସିଦ୍ଧେଶ୍ୱର ମହାଦେବଙ୍କ ପୀଠ, ଅପରାହ୍ନ ୫ଟା।



ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ମଙ୍ଗଳବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ପରେ ପରେଡ଼ ସ୍ଥଳରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଆକର୍ଷଣ ସାଜିଛି ଜନଜାତି ସାମଗ୍ରୀ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**




ଆଦିବାସୀ ମେଳାକୁ ଭର୍ଚୁଆଲରେ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ଉଦ୍‌ଘାଟନୀ ସଭାରେ ଉପସ୍ଥିତ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ।

## ଆଦିବାସୀ ମେଳା ଉଦ୍‌ଘାଟିତ

- ପ୍ରବେଶ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ସୁବିଧା
- ଖୋଲିଛି ୯୦ ଷ୍ଟଲ୍, ଅନ୍‌ଲାଇନ୍‌ରେ ବି କିଣିହେବ ସାମଗ୍ରୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଆଦିବାସୀ ମେଳା-୨୦୨୧ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଏହି ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି କଳା, ସଂସ୍କୃତି ଓ ଜୀବନଧାରାକୁ ନେଇ ଆୟୋଜିତ 'ଆଦିବାସୀ ମେଳା' ସମସ୍ତଙ୍କ ପାଇଁ ଏକ ବଡ଼ ଆକର୍ଷଣ। ଏହି ମେଳା ମାଧ୍ୟମରେ ଜନଜାତିଙ୍କ ଉତ୍ପାଦିତ ସାମଗ୍ରୀର ପ୍ରସାର ସହ ସେମାନଙ୍କ ଅଞ୍ଚଳର ପ୍ରଗତିଧାରାକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ସରକାରଙ୍କ ଉଦ୍ୟମ ଜାରି ରହିଥିବା ସେ କହିଛନ୍ତି।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଲେ, ଓଡ଼ିଶାର ସଂସ୍କୃତି, ଜାତୀୟତା ଓ ଅସ୍ମିତା ନିର୍ମାଣରେ ଜନଜାତିଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଲେ, ଆଦିବାସୀ ମେଳା ଜନଜାତିଙ୍କ ଅର୍ଥନୀତି ସହିତ ଜଡ଼ିତ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣବତ୍ତା ଉଚ୍ଚମାନର। ଘରେ ବସି ଇ-ମାର୍କେଟିଂ ଦ୍ୱାରା ଜନଜାତି ସାମଗ୍ରୀ କିଣିପାରିବେ। ଉଭୟ ପ୍ରତ୍ୟକ୍ଷ ଓ ଭର୍ଚୁଆଲ୍ ମୋଡ୍‌ରେ ହେଉଥିବା ଏହି ମେଳା ନୂଆ ଦିଗ୍‌ଦର୍ଶନ ଦେବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ସ୍ୱାଗତ ଭାଷଣ ଦେଇ କହିଲେ, ଲୋକେ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ମୋଡ୍‌ରେ ଉପଭୋଗ କରିପାରିବେ ଓ ଇ-ମାର୍କେଟିଂ ଦ୍ୱାରା ଜନଜାତିଙ୍କ ଗୁଣାତ୍ମକ ସାମଗ୍ରୀ କ୍ରୟ କରିପାରିବେ। ଏଟିଏଲ୍‌ସିର ମେମ୍ବର ସେକ୍ରେଟାରି ପ୍ରଫେସର ଅଖିଳ ବିହାରୀ ଓତା କହିଲେ, ଆଦିବାସୀ ସଂସ୍କୃତି, ଜୀବନଶୈଳୀ, କଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଲଘୁ ବନଜାତ ସାମଗ୍ରୀ ଓ ଜନଜାତିଙ୍କ ଉତ୍ପାଦକୁ ବିପଣନ କରାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ବିଭାଗୀୟ ନିର୍ଦ୍ଦେଶକ (ଏସ୍‌ଟି) ଗୁହା ପୁନମ ତାପସ କୁମାର ଧନ୍ୟବାଦ ଦେଇଥିଲେ। ମେଳାରେ ୯୦ ଷ୍ଟଲ୍ ଖୋଲିଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ତଥା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ବିକ୍ରୟ ବ୍ୟବସ୍ଥା କରାଯାଇଛି। କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଇଚ୍ଛୁକ ପରିଦର୍ଶକ ମେଳା ୱେବ୍‌ସାଇଟ୍ http://adi-vasimela2021.com ମାଧ୍ୟମରେ ପଞ୍ଜୀକରଣ କରୁଛନ୍ତି। ଯେଉଁମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରି ନ ଥିବେ ସେମାନେ ମେଳା ଗେଟ୍ ପାଖରେ ପଞ୍ଜୀକରଣ କରି ପ୍ରବେଶ କରିପାରିବେ। ମେଳା ପରିସରକୁ ୱାଇଫାଇରେ ସଞ୍ଜୁକ୍ତ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ଦର୍ଶକମାନେ ଭର୍ଚୁଆଲ ମୋଡ୍‌ରେ ଜନଜାତିଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିପାରିବେ। ଫେବୃୟାରୀ ୯ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ମେଳା ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ୭ଟା ପର୍ଯ୍ୟନ୍ତ ଖୋଲାରହିବ।

## ୩୦କୁଇଣ୍ଟାଲ ଗୋ'ମାଂସ ଜବତ, ଜଣେ ଗିରଫ

**ବାଲିପାଟଣା,୨୭।୧(ଡି.ଏନ୍.ଏ.):** ବାଲିପାଟଣା ଥାନା ଅଧୀନ ସାହେବନଗର ଗ୍ରାମରୁ ପୋଲିସ ମଙ୍ଗଳବାର ୪୦ପେଟି ଗୋ'ମାଂସ ଜବତ କରିଛି। ଏହାର ଓଜନ ଆନୁମାନିକ ୩୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଏ ସମ୍ପର୍କରେ ପୋଲିସ ମାମଲା(ନଂ.୨୧/୨୧)ରୁଜୁକରି ସାହେବନଗର ବସ୍ତିର ଫିରୋଜ ଖାନ୍ ଓରଫ ଜାପାନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ସାହେବନଗରରେ ଗୋ'ମାଂସ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜାପାନୀଙ୍କ ଘରୁ ୪୦ପେଟି ମାଂସ ଜବତ କରିଥିଲା। ଏନେଇ ଜାପାନୀଙ୍କୁ ପଚରାଉଚରା କରିବାରୁ ସେ ଗୋମାଂସ ଚାଲାଣ କରୁଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଥିଲା। ପୋଲିସ ଜାପାନୀଙ୍କୁ ଥାନାକୁ ନେବା ସହ ମାଂସକୁ ଏକ ଗାତରେ ପୋତା ଯାଇଥିଲା।

## ମାର୍ଚ୍ଚରେ ରାଜ୍ୟ ଚଳଚ୍ଚିତ୍ର, ଟେଲି ପୁରସ୍କାର ଉତ୍ସବ



ପୁରସ୍କାର ଉତ୍ସବ ସମ୍ପର୍କରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ତରଫରୁ ଆସନ୍ତା ମାର୍ଚ୍ଚରେ ୩୧ତମ ରାଜ୍ୟ ଚଳଚ୍ଚିତ୍ର ଓ ୮ମ ଟେଲି ପୁରସ୍କାର ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୂର୍ବରୁ ବିଜ୍ଞାପନ ପ୍ରକାଶ ପାଇଥିବାବେଳେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ଫେବୃୟାରୀ ୨୦ ରଖାଯାଇଛି। କୋଭିଡ୍ ଯୋଗୁ ଗତବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରି ନ ଥିଲା। ଚଳଚ୍ଚିତ୍ରରେ ୨୭ଟିବିଭାଗ ଏବଂ ଟେଲି ପୁରସ୍କାର ପାଇଁ ୨୦ଟି ବିଭାଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଉତ୍ସବ ଆୟୋଜନ ନିମନ୍ତେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମକୁ ଦାୟିତ୍ୱ ଦିଆଯାଇଛି। ଜୁରି ଚୟନ ଓ ପୁରସ୍କାର ଚୂଡ଼ାନ୍ତ କାର୍ଯ୍ୟ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ କରାଯିବ। ପର୍ଯ୍ୟଟନ ବିଭାଗ ଏହି ଉତ୍ସବରୁ କିପରି ପର୍ଯ୍ୟଟନକୁ ଆକୃଷ୍ଟ କରିପାରିବ ସେ ଦିଗରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ତେବେ କେତେକ ଜରୁରୀ ଆନୁଷଙ୍ଗିକ କାର୍ଯ୍ୟ ଯଥାଶୀଘ୍ର ହାତକୁ ନେବାକୁ ଏକାଡେମୀକୁ କୁହାଯାଇଛି।

ବୈଠକରେ ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶିଳ୍ପ ମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ସଚିବ ନୀତିନ ଭାନୁଦାସ ଜାୱେଲ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଯୋଗଦେଇଥିଲେ।

## ପୋଲିସ ଏସ୍‌ଆଇ ଗିରଫ

**ଖୋର୍ଦ୍ଧା ଅଫିସ,୨୭।୧**

ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ପ୍ରେମ କରି ପ୍ରତାରଣା କରିବା ଅଭିଯୋଗରେ ଜଣେ ପୋଲିସ ଏସ୍‌ଆଇ ଗିରଫ ହୋଇଛନ୍ତି। ସେ ହେଲେ ଭୂଷଣ୍ଡପୁର ଅଞ୍ଚଳର ଟାଙ୍ଗୀ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଭାଗୀରଥି ଦାଶ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ତଦନ୍ତ ଅଧିକାରୀ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର କହିଛନ୍ତି। ସୂଚନା ମୁତାବକ, କୋଭିଡ୍ ସମୟରେ ଟ୍ରେନିଂ ପିରିୟଡରେ ଭାଗୀରଥି ଟାଙ୍ଗୀ ଥାନାରେ ଯୋଗଦେଇଥିଲେ। ଏହି ସମୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ତାଙ୍କ ପିଲାଦିନର ସାଙ୍ଗ ଥିବା ଉକ୍ତ ମହିଳାଙ୍କ ସହ ଦେଖା ହୋଇଥିଲା। ପରେ ମୋବାଇଲ ଚାଟିଂରୁ ଏସ୍‌ଆଇ ଭାଗୀରଥି ଓ ସମ୍ପୃକ୍ତ ମହିଳାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳାଜଣକ ଗର୍ଭବତୀ ହେବାପରେ ଏସ୍‌ଆଇ ଗର୍ଭ ନଷ୍ଟ କରିବାକୁ ତାଙ୍କୁ ଧମକ ଦେଉଥିଲେ। ଅଭିଯୋଗପରେ ପୋଲିସ ଏକ ମାମଲା (ନଂ.୧୯/୨୧) ରୁଜୁକରିଥିଲା।

## ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ ଆରମ୍ଭ



ଗୀତିନାଟ୍ୟ 'ଜଳନ୍ଧର ବଧ'ର ଏକ ଦୃଶ୍ୟ।

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର୍ ପକ୍ଷରୁ 'ମହୀରାବଣ ବଧ' ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିବସରେ କଟକର ସଂସ୍କୃତି ବିହାର ପକ୍ଷରୁ 'କର୍ଣ୍ଣ ବଧ' ଓ ତୃତୀୟ ଦିନ ବା ଶେଷ ଦିବସରେ ପୁରୀର ରୂପା ମହାନ୍ତି ଓ ସାଥୀଙ୍କ ଦ୍ୱାରା 'ଜଳନ୍ଧର ବଧ' ଗୀତିନାଟ୍ୟ ପରିବେଷଣ କରାଯିବ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ କହିଛନ୍ତି।

କାର୍ଯ୍ୟକ୍ରମରେ ଅତିଥିଭାବେ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗ ଦେଇଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ ୧୯୯୩ରୁ ଏଯାବତ୍ ସମ୍ବର୍ଦ୍ଧିତ ହୋଇଥିବା ଶିଳ୍ପୀଙ୍କୁ ନେଇ ପ୍ରସ୍ତୁତ ପୁସ୍ତକ 'ସମ୍ବର୍ଦ୍ଧିତ ଶିଳ୍ପୀ ପରିଚୟ' ଉନ୍ମୋଚିତ ହୋଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଶିଷ



@ ଜ୍ୟୋତିରଞ୍ଜନ



@ ଦିବ୍ୟା



@ ଶୁଭଶ୍ରୀ



@ ରଶ୍ମିତା



@ ବିରଞ୍ଚି



@ ସଂଗ୍ରାମ

## ଗୃହ ନିର୍ମାଣ ସଂସ୍ଥାରେ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ମୁଖ୍ୟ କାର୍ଯ୍ୟାଳୟରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସ୍ଥାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରାଧୀନତାର ଶୃଙ୍ଖଳାରୁ ଦେଶ ମାତୃକାକୁ ମୁକ୍ତି ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ସହ କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସା କରିଥିଲେ। ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର, ଆଇଏଏସ୍ ଅଫିସର ପ୍ରଦୀପ କୁମାର ସାମଲ, ଭୂମି ଓ ପ୍ରଶାସନିକ ଅଧିକାରୀ ଆରାଧନା ଦାସ, ଓଏଏସ୍ କର୍ମଚାରୀ ସଙ୍ଗଠନ ସଭାପତି ମନୋଜ କୁମାର ମହାନ୍ତି ଓ ୱାର୍କସ ୟୁନିୟନର ସମ୍ପାଦକ ଶ୍ରୀନିବାସ ମିଶ୍ର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ପତାକା ଉତ୍ତୋଳନ ସ୍ଥଳରେ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଓ ଅନ୍ୟମାନେ।

## ଅଭିପ୍ସା ଟ୍ରଷ୍ଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ

**ବାଲିଅନ୍ତା,୨୭।୧(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମ ୧୮ନଂ. ୱାର୍ଡ ଅଧୀନ ଅଭିପ୍ସା ମହିଳା ସମିତି ଗୃହ ପରିସରରେ ଅଭିପ୍ସା ଟ୍ରଷ୍ଟ ପକ୍ଷରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମ୍ୟାନେଜିଂ ଟ୍ରଷ୍ଟି ମାନସୀ ଶତପଥୀ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ୧୮ ଓ ୧୯ନଂ. ୱାର୍ଡର ବହୁ ବୁଦ୍ଧିଜୀବୀ ମହିଳା ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଟ୍ରଷ୍ଟ ଦ୍ୱାରା ପରିଚାଳିତ ପାଠଶାଳାର ପିଲାମାନଙ୍କୁ ବହି, ଖାତା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ହିଞ୍ଜିଳିକାଟୁ ଆଇଟିଆଇରେ ପ୍ରତିଷ୍ଠା ହେବ ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର, ୨୭।୧(ବ୍ୟୁରୋ)**

### ରାଜ୍ୟ ସରକାର ଓ ଏଲ୍‌ଆଣ୍ଡ୍‌ଟି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ



ବ୍ରହ୍ମପୁରର ହିଞ୍ଜିଳିକାଟୁସ୍ଥିତ ଆଇଟିଆଇରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ୪୦୦ କେଭି ବିଦ୍ୟୁତ୍ ଟାୱାର ପ୍ରତିଷ୍ଠା, ଏହାର ରକ୍ଷଣାବେକ୍ଷଣ ଓ ବିଦ୍ୟୁତ୍ ସରବରାହ ସମ୍ପର୍କିତ ପାଠ୍ୟକ୍ରମ ପ୍ରଚଳନ କ୍ଷେତ୍ରରେ ଏହି ଉତ୍କର୍ଷ କେନ୍ଦ୍ର କାର୍ଯ୍ୟ କରିବ। ଏଥିପାଇଁ ଚେନ୍ନାଇର ଲାର୍ସନ ଆଣ୍ଡ୍ ଟୁବ୍ରୋ ଲିମିଟେଡ୍ (ଏଲ୍‌ଆଣ୍ଡ୍‌ଟି) ଏବଂ ଓଡ଼ିଶା ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ ଓ ଏଲ୍‌ଆଣ୍ଡ୍‌ଟି ପକ୍ଷରୁ ମାନବସମ୍ବଳ ପରିଚାଳନା ମୁଖ୍ୟ ପଦ୍ମନାଭନ୍ ଏସ୍.ଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ପାଠ୍ୟକ୍ରମ ଓ ତାଲିମ କାର୍ଯ୍ୟରେ ଡ୍ରୋନ୍ ଟେକ୍‌ନୋଲୋଜିର ବ୍ୟବହାର କରାଯିବ। ପ୍ରକଳ୍ପର ଆନୁମାନିକ ମୂଲ୍ୟ ୪.୯ କୋଟି ଟଙ୍କା ହୋଇଥିବାବେଳେ ଓଡ଼ିଶା ଖଣି ନିଗମ ଖର୍ଚ୍ଚ ବହନ କରିବ। ଏହାଦ୍ୱାରା ଦକ୍ଷ ଓ କୁଶଳୀ ମାନବସମ୍ବଳର ବିକାଶ ସହ ବିଦ୍ୟୁତ ସରବରାହ କ୍ଷେତ୍ରରେ ଆବଶ୍ୟକ ଏହାର ଚାହିଦା ପୂରଣ ହୋଇପାରିବ। ଏହି ତାଲିମ କାର୍ଯ୍ୟରେ ଡ୍ରୋନ୍ ସହ ଥର୍ମାଲ କ୍ୟାମେରା ଟେକ୍‌ନୋଲୋଜିର ବ୍ୟବହାର ଦ୍ୱାରା ଟ୍ରାନ୍ସମିଶନ ଲାଇନ୍‌ର ରକ୍ଷଣାବେକ୍ଷଣ ଓ ସରବରାହ ମାଧ୍ୟମରେ ହଟ୍‌ସ୍ପଟ୍‌ଗୁଡ଼ିକ ଚିହ୍ନଟ କରିବାରେ ସହାୟକ ହୋଇପାରିବ ବୋଲି କୁହାଯାଇଛି। ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଅବସରରେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି., ଏଲ୍‌ଆଣ୍ଡ୍‌ଟିର ଜେନେରାଲ ମ୍ୟାନେଜର ଆଣ୍ଡ୍ ଟ୍ରାନ୍ସମିଶନ ଲାଇନ୍ ପି. ରାଜେଶ ନାରାୟଣ ଓ ଡେପୁଟି ଜେନେରାଲ ମ୍ୟାନେଜର, ପ୍ରୋଜେକ୍ଟ ଡେଭଲପ୍‌ମେଣ୍ଟ ସୁମିତ ଗାଙ୍ଗୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଜଣେ ଚଣ୍ଡାଳର ଜୀବନ କାହାଣୀ

## ଭାରତ-ଭାରତୀ


ମନୋରଞ୍ଜନ ବ୍ୟାପାରୀ

ଇଏ ହେଉଛନ୍ତି ସେଇ ବିରଳ ଲେଖକ ମନୋରଞ୍ଜନ ବ୍ୟାପାରୀ, ଯିଏ ପିଲାଦିନେ ଗୋରୁ ଚରାଉଥିଲେ, ତା'ପରେ ହୋଟେଲ୍‌ରେ କପ୍‌ପ୍ଲେଟ୍ ଧୋଇବା କାମ କରନ୍ତି। ଟ୍ରକ୍‌ର ଖଲାସି ଭାବରେ କିଶୋର ବୟସରେ କାମ କରନ୍ତି। ଗୋଟିଏ ସ୍କୁଲ୍‌ରେ ସୁଇପର ଭାବେ ନିୟୋଜିତ ହୁଅନ୍ତି କିଛିଦିନ। ଜଙ୍ଗଲରୁ କାଠ କାଟି ସାଇକେଲରେ ବୋଝେଇ କରି ହୋଟେଲରେ ବିକ୍ରି କରନ୍ତି। ଶୈଶବରୁ ଆଦ୍ୟ ଯୌବନ ପର୍ଯ୍ୟନ୍ତ ବିଭିନ୍ନ କାମକରି ବଞ୍ଚିବାର ରାହା ଖୋଜିଛନ୍ତି ମନୋରଞ୍ଜନ। ମଦ ପିଇ ମାତାଲ ହୋଇ ଗୁଣ୍ଡାଗିରି କରି ଅନେକ ଥର ମାଡ଼ ବି ଖାଇଛନ୍ତି, ମରୁମରୁ ବଞ୍ଚିଛନ୍ତି...

ଆଦ୍ୟ ଯୌବନାବସ୍ଥାରେ ନକ୍ସଲ ଆନ୍ଦୋଳନରେ ଯୋଗଦେଇ ବୋମା, ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରନ୍ତି ମନୋରଞ୍ଜନ। ବିଭିନ୍ନ ଅପରାଧରେ ଦଶବର୍ଷ ପାଇଁ ଜେଲ୍‌ଦଣ୍ଡ ଭୋଗ କରନ୍ତି। ଆଦୌ ଅକ୍ଷର ଶିଖି ନ ଥିବା ଏହି ଲୋକ ଜେଲ୍ ଭିତରେ ଜଣେ ମହାନ୍ ବ୍ୟକ୍ତିଙ୍କ ସମ୍ପର୍କରେ ଆସନ୍ତି। ସଦାସର୍ବଦା ଉଦାସ ରହୁଥିବା ଏହି ତରୁଣଙ୍କୁ ସେହି ବ୍ୟକ୍ତି ଦିନେ ଜେଲ୍ କୋଠରିର ଉପର ମହଲା ଝର୍କାରୁ ଦୂରର ଏକ ସୁନ୍ଦର କୋଠା ଉପରେ ବଢ଼ି ଉଠିଥିବା ବରଗଛ ଦେଖାଇ କହନ୍ତି ଯେ ମାଟି ବିନା ସେହି ଗଛଟି ଯଦି କଂକ୍ରିଟ୍ ଭିତରୁ ଜିଇ ରହିବାର ଖାଦ୍ୟ ଯୋଗାଡ଼ କରି ବଞ୍ଚିରହି ପାରୁଛି, ତେବେ ସବୁ ପ୍ରତିକୂଳ ପରିବେଶ ଭିତରେ ବି ଜୀବନକୁ ସୁନ୍ଦର ଭାବେ ଗଢ଼ା ଯାଇପାରେ। ବହି ଏଭଳି ଏକ ବନ୍ଧୁ ଯାହାର ସଂସର୍ଗ ଜୀବନର ସବୁ ଯନ୍ତ୍ରଣା, ସବୁ ଦୁଃଖକୁ ଅତିକ୍ରମ କରିଯିବାର ଶକ୍ତି ପ୍ରଦାନ କରିଥାଏ। ଭଦ୍ରବ୍ୟକ୍ତି ଜଣକ ମନୋରଞ୍ଜନଙ୍କୁ ଲେଖିବା ପଢ଼ିବା ଶିଖାନ୍ତି। ତା'ପରେ ବହି ତାଙ୍କର ପରମ ବନ୍ଧୁ ପାଲଟିଯାଏ।

ଜେଲ୍‌ରୁ ଫେରିବା ପରେ ରିକ୍ସା ଚଳେଇ ପେଟ ପୋଷନ୍ତି ମନୋରଞ୍ଜନ। ଯାହା ଉପାର୍ଜନ ନିଜର ଖାଇବା ବ୍ୟତୀତ ବହି କିଣାରେ ବ୍ୟୟ କରନ୍ତି। ବିଭିନ୍ନ ଲୋକଙ୍କ ପାଖରୁ ବହି ମାଗି ଆଣି ପଢ଼ନ୍ତି। ଦିନେ ତାଙ୍କ ରିକ୍ସାରେ ଜଣେ ଭଦ୍ରମହିଳା ବସନ୍ତି। ମନୋରଞ୍ଜନ ସେହି ଭଦ୍ର ମହିଳାଙ୍କୁ ଜିଜୀବିଷା ଶବ୍ଦର ଅର୍ଥ ପଚାରନ୍ତି। ଜଣେ ରିକ୍ସାବାଲାର ଏହି ଜିଜ୍ଞାସା ଭଦ୍ର ମହିଳାଙ୍କୁ ବିସ୍ମିତ କରେ। ସେ ରିକ୍ସା ଟାଣୁଥିବା ଏହି ବ୍ୟକ୍ତିଙ୍କ ସହିତ ଗପିବା ଆରମ୍ଭ କରି ଜାଣି ପାରନ୍ତି ଯେ, ଯେତକ ବହି ସେ ପଢ଼ିଛନ୍ତି, ତା' ଭିତରେ ତାଙ୍କ ନିଜ ରଚିତ ପାଞ୍ଚୋଟି ବହି ରହିଛି। ରିକ୍ସାରୁ ଓହ୍ଲାଇବା ପରେ ସେହି ଭଦ୍ରମହିଳା ଖଣ୍ଡେ କାଗଜରେ ନିଜର ଠିକଣା ଲେଖି ଆସନ୍ତା କାଲି ତାଙ୍କ ଘରକୁ ଆସିବା ପାଇଁ କହନ୍ତି।

ଠିକଣାରେ ଲେଖାଥିବା ନାମ ଦେଖି ମନୋରଞ୍ଜନଙ୍କ ଦୁଇ ଆଖିରୁ ଝରଝର ଲୁହ ଗଡ଼ିପଡ଼େ। ସେହି ଭଦ୍ର ମହିଳା ହେଉଛନ୍ତି ମହାନ୍ ଲେଖିକା ମହାଶ୍ୱେତା ଦେବୀ। ସେ ମହାଶ୍ୱେତା ଦେବୀଙ୍କ ପାଦ ଛୁଇଁ ପ୍ରଣାମ କରନ୍ତି। ତା'ପରେ ନିୟମିତ ମହାଶ୍ୱେତା ଦେବୀଙ୍କ ଘରକୁ ଯାଆନ୍ତି। ମନୋରଞ୍ଜନଙ୍କ ପାଇଁ ନିଜର ଲାଇବ୍ରେରୀ ଖୋଲି ଦିଅନ୍ତି ମହାଶ୍ୱେତା ଦେବୀ। ମହାଶ୍ୱେତା ଦେବୀ ମନୋରଞ୍ଜନଙ୍କୁ ତାଙ୍କର ଜୀବନ କଥା ନିଜ ଭାଷାରେ ଲେଖି ଆଣିବା ପାଇଁ କହନ୍ତି। କେବେ କିଛି ଲେଖି ନ ଥିବା ରିକ୍ସାବାଲା ମନୋରଞ୍ଜନ ନିଜ ଭାଷାରେ ନିଜର ଜୀବନ କାହାଣୀ ଲେଖନ୍ତି।


ପ୍ରଦୀପ କୁମାର ରାୟ

ମନୋରଞ୍ଜନଙ୍କ ଲେଖକ ଜୀବନର ଶୁଭାରମ୍ଭ ହୁଏ। ମହାଶ୍ୱେତା ଦେବୀ ତାଙ୍କର 'ବର୍ତ୍ତିକା' ପତ୍ରିକାରେ ନିୟମିତ ମନୋରଞ୍ଜନଙ୍କ ଲେଖା ପ୍ରକାଶ କରନ୍ତି। ବିଖ୍ୟାତ ଲେଖକରେ ରୂପାନ୍ତରିତ ହୋଇଯା'ନ୍ତି ମନୋରଞ୍ଜନ। ଏକାଡେମୀ ପୁରସ୍କାର ସହିତ ଅନେକ ଜାତୀୟ ସ୍ତରର ପୁରସ୍କାର ପ୍ରାପ୍ତ ମନୋରଞ୍ଜନଙ୍କର ଏଯାବତ୍ ୧୮ ଖଣ୍ଡ ବହି ପ୍ରକାଶ ପାଇ ଅନେକ ଭାରତୀୟ ଭାଷା ସହିତ କେତୋଟି ବିଦେଶୀ ଭାଷାରେ ମଧ୍ୟ ଅନୂଦିତ ହୋଇସାରିଛି।


ମହାଶ୍ୱେତା ଦେବୀଙ୍କ ସହ ମନୋରଞ୍ଜନ...

ପଶ୍ଚିମବଙ୍ଗରେ ଜୀବିକା ଅଭାବରୁ ମନୋରଞ୍ଜନ ଚାଲିଯାଆନ୍ତି ସୁଦୂର ଛତିଶଗଡ଼ର ଦଣ୍ଡକାରଣ୍ୟ ଅଞ୍ଚଳକୁ। ସେଠି ତାଙ୍କର ପରିଚୟ ହୁଏ ଭାରତର ମହାନ୍ ମାନବବାଦୀ ନେତା ଶଙ୍କର ଗୁହ ନିୟୋଗୀଙ୍କ ସହିତ। ନିୟୋଗୀଙ୍କ ଆଦର୍ଶ ତାଙ୍କ ଜୀବନକୁ ଭିନ୍ନ ଭାବରେ ଗଢ଼ିତୋଳେ। ନିୟୋଗୀଙ୍କ ଅଧୀନରେ ଦଣ୍ଡକାରଣ୍ୟରେ ଦଳିତ ଆଦିବାସୀମାନଙ୍କ ପାଇଁ ସେ କାମ କରନ୍ତି। ଆଦିବାସୀଙ୍କ ପ୍ରିୟ ନେତା ନିୟୋଗୀଙ୍କ ହତ୍ୟା ପରେ, ବିକ୍ଷୁବ୍ଧ ମନ ନେଇ ଫେରି ଆସନ୍ତି କଲକାତା। ନାନା ଧରଣର କାମ କରି ପେଟ ପୋଷୁଥିବା ଏହି ମେହେନତୀ ମଣିଷ ତଥା ବ୍ୟତିକ୍ରମୀ ଲେଖକ ବର୍ତ୍ତମାନ ଏକ ମୂକ ବଧିର ଆବାସିକ ବିଦ୍ୟାଳୟ 'ହେଲେନ୍ କେଲାର୍ ଇନ୍‌ଷ୍ଟିଚ୍ୟୁଟ୍'ରେ ରୋଷେଇଆ କାମ କରି ପେଟ ପୋଷିବା ସହ ସୃଜନ ଭିତରେ ବୁଡ଼ି ରହିଛନ୍ତି।

ତାଙ୍କର ବହୁଚର୍ଚ୍ଚିତ ଆତ୍ମଜୀବନୀ 'ଇତିବୃତ୍ତେ ଚଣ୍ଡାଳ ଜୀବନ' ବଙ୍ଗଳା ଭାଷାରେ ଚହଳ ପକାଇଦିଏ, ଫଳତଃ ବିଭିନ୍ନ ଭାରତୀୟ ଭାଷାରେ ଏହା ଅନୂଦିତ ହେବା ସହ କେତୋଟି ବିଦେଶୀ ଭାଷାରେ ମଧ୍ୟ ଅନୁବାଦ ହୋଇ ସାରିଛି। ଏଇମାତ୍ର ଏକମାସ ତଳେ ପଶ୍ଚିମବଙ୍ଗ ସରକାର ମନୋରଞ୍ଜନଙ୍କୁ 'ବଙ୍ଗଳା ଦଳିତ ସାହିତ୍ୟ ଏକାଡେମୀ'ର ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ମନୋରଞ୍ଜନଙ୍କ ସମ୍ପର୍କରେ ମହାଶ୍ୱେତା ଦେବୀ କହନ୍ତି- ''ମନୋରଞ୍ଜନ ବ୍ୟାପାରୀ ମୋର ଅନେକ ବର୍ଷରୁ ପରିଚିତ ସେହି ଲେଖକ, ଯାହାଙ୍କୁ ମୁଁ ଲେଖକ ହୋଇ ଉଠିବା ବେଳରୁ ହିଁ ଦେଖିଛି। ଜନ୍ମ ସୂତ୍ରେ ବା ପରିବାର ସୂତ୍ରେ ଯାହାଙ୍କର ପରିଚିତି ନାହିଁ,




ତାଙ୍କ ପକ୍ଷେ ନିଜେ ନିଜର ପରିଚୟ ଗଢ଼ିତୋଳିବା ଅସମ୍ଭବ, ମାତ୍ର ମନୋରଞ୍ଜନ ତହିଁରେ ବ୍ୟତିକ୍ରମ।''

ମନୋରଞ୍ଜନଙ୍କ ସମ୍ପର୍କରେ ବଙ୍ଗଳାର ବିଶିଷ୍ଟ କବି ଶଙ୍ଖ ଘୋଷ କହନ୍ତି- 'ଇତିବୃତ୍ତେ ଚଣ୍ଡାଳ ଜୀବନ' ପଢ଼ି ମନ ଭିତରେ ମୋର ବିଦ୍ୟୁତ୍ ଚମକ ଖେଳିଗଲା। ଆଘାତରେ ଓ ଦୀପ୍ତିରେ ପରିପୂର୍ଣ୍ଣ ଏଭଳି ଖଣ୍ଡେ ବହି ଲେଖିଛନ୍ତି ସମାଜର ଜଣେ ଅବହେଳିତ ମଣିଷ, ଲେଖିଛନ୍ତି ନିଜ କଟୁ ଅଥଚ ଅପରାଜେୟ ଅଭିଜ୍ଞତାର କାହାଣୀ। ତଥାକଥିତ ଭଦ୍ର ସମାଜର ପରିଚିତି ବାହାରେ ଯେଉଁ ଅନନ୍ୟ ଶକ୍ତିଶାଳୀ ସାହିତ୍ୟ-ଧାରା ଜନ୍ମ ନେବାକୁ ବସିଛି- ମନୋରଞ୍ଜନ ବ୍ୟାପାରୀ ତହିଁର ଏକ ବଳିଷ୍ଠ ନଜିର।

ମୋ: ୯୪୩୭୫୩୪୭୭୩

## ପୁସ୍ତକ ପରିଚୟ

### ଚନ୍ଦ୍ର ଦର୍ପଣ




**କବି:** ତୁହିନାଂଶୁ ରଥ
**ପ୍ରକାଶକ:** ପ୍ରଗତି, ବାଦାମବାଡ଼ି, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୩୦/-

ମୋଟ ୩୬ଟି କବିତାକୁ ନେଇ 'ଚନ୍ଦ୍ର ଦର୍ପଣ'ର କଳେବର କଳ୍ପିତ ଏବଂ ଶେଷ କବିତାଟି ବହିର ଶିରୋନାମ। ତୁହିନାଂଶୁଙ୍କ କବିତାରେ ଏକ ନିମଜ୍ଜନ ଥାଏ, ଯାହା ପାଠକକୁ ନିଜ ଆତ୍ମୋପଲବ୍ଧି ସହ ଯୋଡ଼ିଦିଏ। ସହଜ ଭାଷାରେ ଜଟିଳତମ ଅନୁଭୂତିକୁ ହୃଦୟବେଦ୍ୟ କରିଦିଏ କବିଙ୍କ କବିତା, ଯାହାର ପ୍ରମାଣ ଆମେ ଆଲୋଚ୍ୟ କାବ୍ୟଗ୍ରନ୍ଥରୁ ପାଇପାରିବା। ୧. ''ଫଗୁଣ ଆସିଲେ/ ଭାରି ହାଲୁକା ଲାଗେ।/ ଲାଗେ, ମୁଁ ଯେମିତି ମୁଠାଏ ଅବିର/ କେଉଁ ମେଳଣର।'' (ଫଗୁଣ ଆସିଲେ, ପୃ: ୬୩), ୨. ''କେତେ ଦିନର ଏ ଜୀବନଯେ/ ସବୁବେଳେ ମପାଚୁପା ସଂସାରର/ ସହରୀ ହିସାବ ଭିତରେ/ ବନ୍ଦୀ ହୋଇ ରହିଥିବି!/ ଏଥର ଫେରିଆସିବି ଗାଁକୁ।'' (ଶ୍ରାବଣରେ ଫେରିବି ଗାଁକୁ, ପୃ: ୮୬)। ବହିରେ ସ୍ଥାନିତ ବହୁ କବିତାରେ ଦୈନନ୍ଦିନତା ଭିତରୁ କବି ଖୋଜିଛଂତି ବଂଚି ରହିବାର ପରମାର୍ଥ। ଏଥିରେ ଅଛି ପୁଣି ଏମିତି ଗୋଟିଏ ଗୋଟିଏ ଧାଡ଼ି, ଯାହାର ଅଢୁଆ ଖୋଲୁଖୋଲୁ ବେଳ ଗଡ଼ିଯାଏ, ତଥାପି ଲାଗେ ବାକି ରହିଗଲା ଆଉ କିଛି ବୁଝିବା। ଯଥା: ''ତୁମେ ତ ସବୁବେଳେ ମୋ' ପାଇଁ/ ଦରବୁଝା ଆକାଶ ଚେନାଏ।'' (ଦେଖାହେଲେ କହିବି ତୁମକୁ)। ଗ୍ରନ୍ଥାରମ୍ଭରେ ଥିବା ନିବନ୍ଧଟି ଉଚ୍ଚକୋଟୀର, ହେଲେ ବହିରେ ଥିବା କବିତା ସହ ତା'ର ସଂପର୍କ ଖୁବ୍ ପରୋକ୍ଷ।

### ଲଲାଟେନ୍ଦୁଙ୍କ ଗଳ୍ପ ଶତକ




**ଲେଖକ:** ଡ. ଲଲାଟେନ୍ଦୁ ସାହୁ
**ପ୍ରକାଶକ:** ତୀର ତରଙ୍ଗ, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/-

ଛୋଟଛୋଟ ଅନେକ ଗଳ୍ପର ଏକ ମନୋହର ଚାଂଗୁଡ଼ି ଏ ବହିଟି। 'ରାଜା ହେବେ ନାହିଁ ତ କରିବେ କ'ଣ', 'ଭଗବାନ୍ ବି କାମରେ ଆସନ୍ତି', 'କରୋନା ପୀଡ଼ିତ ଗଧ', 'ଗଧ ଉପରେ ଆୟକର ଚଢ଼ଉ', 'ଗଧର ଭଗବାନ୍ ଦର୍ଶନ', 'ଲାଫିଙ୍ଗ୍ ବୁଦ୍ଧ କାନ୍ଦିଲେ', 'କଚରାବାଲା', 'ଭଡ଼ାଟିଆ ବାଘ', 'ସ୍ତ୍ରୀ ଅଦଳ-ବଦଳ', 'କାମବାଲି', 'ସର୍ବଗିଳା ମେହେନ୍ତର' ଓ 'ସୌଭାଗ୍ୟ ଆଣୁଥିବା ବିପର୍ଯ୍ୟୟ' ଆଦି ଗଳ୍ପର ଶିରୋନାମରେ ଯେଉଁ ଚମକପ୍ରଦତା ରହିଛି, ତାହା ପାଠକକୁ ଗପଗୁଡ଼ିକ ପଢ଼ିବାକୁ ବିବଶ କରାଏ। ଗଳ୍ପଗୁଡ଼ିକର ପ୍ରସଙ୍ଗ ଅନେକତ୍ର ଲଘୁ ଓ ହାସ୍ୟୋଦ୍ଦୀପକ। ଶିରୋନାମରୁ ଗଳ୍ପର ପ୍ରସଙ୍ଗ ଅନ୍ଦାଜ କରିବା ଭୁଲ୍ ସାବ୍ୟସ୍ତ ହୁଏ ଗପଟି ପଢ଼ି ସାରିବା ପରେ। 'ସ୍ତ୍ରୀ ଅଦଳ-ବଦଳ' ପରି ଗପ ଏହାର ଉଦାହରଣ। ଗଳ୍ପର ଭାଷା ଜୀବନର ଚଳନ୍ତି ଭାଷା। ଓଡ଼ିଆ ଭାଷାରେ ଏପରି ଗଳ୍ପ କ୍ୱଚିତ୍ ସୁଲଭ, ଯାହାକୁ ଛୋଟଛୋଟ ଅବକାଶରେ ପଢ଼ି ଜଂଜାଳ ଭାରାକ୍ରାଂତ ମନକୁ ହାଲୁକା କରିହେବ। ଆଜିକାଲିର ସମୟ ପାଇଁ ଗଳ୍ପଗୁଡ଼ିକର ଉପଯୋଗିତା ରହିଛି। ମଣିଷର ପରିହାସପ୍ରବଣତାକୁ ଯେ ସାହିତ୍ୟର ପୁଞ୍ଜି କରାଯାଇପାରେ, ଏ ପରୀକ୍ଷାରେ ଲଲାଟେନ୍ଦୁଙ୍କ ଗଳ୍ପ ଉତ୍ତୀର୍ଣ୍ଣ ମନେହୁଏ।

## କାଳକାଳକୁ



''ଜଣେ ଜ୍ଞାନୀ ମଣିଷ ପରି ଚିନ୍ତା କର, କିନ୍ତୁ ଲୋକଙ୍କ ଭାଷାରେ ତାକୁ ବ୍ୟକ୍ତ କର।''
- ଡବ୍ଲ୍ୟୁ.ବି. ୟେଟ୍‌ସ

**ଉଇଲିୟମ୍ ବଟ୍‌ଲର ୟେଟ୍‌ସ** (W.B. Yeats)ଙ୍କ ଜନ୍ମ ୧୩ ଜୁନ୍ ୧୮୬୫ରେ ଆୟର୍ଲାଣ୍ଡର ସ୍ୟାଣ୍ଡିମାଉଣ୍ଟରେ ଓ ପରଲୋକ ଫ୍ରାନ୍ସର କ୍ୟାନ୍‌ସରେ ୨୮ ଜାନୁୟାରୀ ୧୯୩୯ରେ । ବିଂଶ ଶତକର ସାହିତ୍ୟରେ ଜଣେ ଛାମୁଆ କବି ଭାବେ ପରିଗଣିତ ୟେଟ୍‌ସଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ ରହିଛି- 'The Second Coming' (୧୯୨୦) - 'A Vision' (୧୯୨୫), 'Sailing to Byzantium' (୧୯୨୮)। ଜଣେ ନାଟ୍ୟକାର ଓ ଗଦ୍ୟ ଲେଖକ ଭାବେ ତାଙ୍କର ଖ୍ୟାତି ଅପରିସୀମ। ତାଙ୍କ ସଦା ପ୍ରଭାବୀ କବିତାରେ ରୂପ ପାଇଥାଏ ସମଗ୍ର ଜାତିର ଆତ୍ମା ଉଚ୍ଚାଙ୍ଗ କଳାତ୍ମକ ଭାଷାରେ, ଯେଉଁଥିପାଇଁ ୧୯୨୩ରେ ସେ ପାଇଥିଲେ ସାହିତ୍ୟର ଶ୍ରେଷ୍ଠତମ ସ୍ୱୀକୃତି ନୋବେଲ ପୁରସ୍କାର। ସେ କହିଥିଲେ- ''ଯାହା ତର୍ଜମାଯୋଗ୍ୟ, ତାହା କବିତା ନୁହେଁ।''

## କବିତା

### ତୋ' ପ୍ରେମରେ ମୁଁ ସାରାକାଳ ମୋ' ଦେଶ

ଦେବଯାନୀ ତ୍ରିପାଠୀ

ତୋତେ ଫରଫର ମୋ' ଛାତିରେ ଉଡ଼େଇଛି ମୋ' ଦେଶ
ମୋ' ଧମନୀରେ ବହୁଥିବା ରକ୍ତରେ ତୁ'
ଦୂରରେ ରହି ବି କେବେ ତୋ'ଠାରୁ ଦୂର ହୋଇପାରିନି ମୁଁ
ଯେତେ ଦୂରରୁ ଦୂରକୁ ଯାଇଛି
ସେତେସେତେ ପାଖରେ ତୋତେ ପାଇଛି

ଏଠି ଆକାଶ ଯେବେ ଟିକେ ବର୍ଷିଯାଏ
ମାଟି ପାଣି ପବନରେ ତୋ' ବାସ୍ନା ଥାଏ
ତୋ' ଦେହର ବାସ୍ନା ଏମିତି ଘାରେ
ମନହୁଏ ଲୁଚି ଯା'ନ୍ତି ଯାଇ ତୋ' କୋଳରେ
ବେଳେବେଳେ ତୁ' ସ୍ୱପ୍ନରେ ଆସୁ
ଛାତି ଭିତରଟା କାଇଁ କେଜାଣି ରକ୍ କରିଯାଏ

ଏଠି ସୁନା ବିଛା ହେଇଛି ରାସ୍ତାରେ
ବଡ଼ବଡ଼ କୋଠାବାଡ଼ି ଶପିଂ ମଲ୍
ବଡ଼ବଡ଼ ଲୋକଙ୍କ ବଡ଼ବଡ଼ ସ୍ୱପ୍ନ
କେତେ ପରପର ଲାଗେ ସବୁ!

ତୋ' ଦୁଃଖ ଦୁର୍ଦ୍ଦିନ କଷ୍ଟରେ ମୁଁ ନ ଥାଏ
ମୋ' ସ୍ୱପ୍ନର ମହଲରେ ମୋ' ସ୍ୱପ୍ନରେ ମୁଁ ବଞ୍ଚୁଥାଏ
କିନ୍ତୁ ଆଖିରେ କାହିଁକି ନିଦ ନ ଥାଏ କହ ତ
କଡ଼ ଲେଉଟିଲେ ତୋ' ମୁହଁ ଇ ଦିଶିଯାଏ

ଜାଣେ ତୁ' ନ ଥାଇ ବି ଥାଉ
ହାତ ଠାରି ଡାକୁଥାଉ ଅନବରତ
ଫେରିବି ଫେରିବି ବୋଲି ଫି' ଥର ମନକୁ ବୁଝାଏ
ନା ମୁଁ ଫେରିପାରେ, ନା ତୋତେ ଭୁଲିହୁଏ
ତୁ' ମୋ' ନିଃଶ୍ୱାସରେ ଅଟକି ରହିଥାଉ ସାରାକାଳ
କହ ତ ଏ ପ୍ରେମ ନୁହେଁ ତ ଆଉ କ'ଣ ?

ସେମାନେ କ'ଣ ବୁଝନ୍ତି
ଯେଉଁମାନେ ମୋତେ ଦେଶପ୍ରେମର ପ୍ରମାଣପତ୍ର ମାଗନ୍ତି!

- ୨୬୩୦, ହାଲନ୍ ଷ୍ଟ୍ରୀଟ୍, ଆଇଡାହୋ
ଯୁକ୍ତରାଷ୍ଟ୍ର ଆମେରିକା

### ମୋହ

ଅଶୋକ କୁମାର ମଲ୍ଲ

ହେ ମୋର ବଂଶୀ! ବିଳାପ ତୁମର
ବାହୁଡ଼ା ବେଳର ବେଡ଼ି
ଶିଆଳି ଶେଯର ଶେଷ ସୁଖ ପାଇଁ
ବେଳ ମାତ୍ର ଦୁଇଘଡ଼ି।
ନୀରବ ହୁଅହେ! ନିଃସ୍ୱ ମୁଁ
ଏକ ନମ୍ର ନେହୁରା ନିଅ
ଆଜି ଏ ବିଦାୟୀ, ଶେଷ ସୂର୍ଯ୍ୟକୁ
ଦେଖିବାକୁ ଟିକେ ଦିଅ!

ସରିନି ବିଳାପ ପ୍ରିୟଙ୍କ ପ୍ରଳାପ
ଶେଷ ଏ ପହଡ଼ ପାଇଁ
ଅଦେଖା ଲୁହର ଲୀଳାବତୀ ଲିପି
ଲଲାଟରୁ ଯିବ କାହିଁ!
ବିଶ୍ୱାସ ଭୂଇଁ ବାଲିଚର ମୋର
ଟିକେ ଯାଇ ବୁଲି ଆସ

### ଗୀତି-କବିତା

ହୁଏତ କେଉଁଠି ଲୁଚି ରହିଥିବ
ବାଲିତଳେ ପୋଷେ ଶ୍ୱାସ!

ଏ ପୃଥିବୀ ଭାରି ପ୍ରିୟତମ ମୋର
ହେଉ ପଛେ ପ୍ରହେଳିକା
ଝଡ଼ ଲେଉଟାଣି ଝୁଣ୍ଟୁଡ଼ି ଝୁରିବ
ଜୀବନ ଯେ ତାଳିପକା।
ଜୀବନ ଜଟିଳ ଗହନ ଗଣିତ
ସମୟର ଛାତି ଚିରି
କେତେ ଯେ କାହାଣୀ ପଉଷ ପତ୍ରର
ପିଠିରେ ଯାଇଛି ଫେରି।

ଶୁଣ ହେ ବଂଶୀ! ବାହୁନା ତୁମର
ବିବଶ ନ କରୁ ମୋତେ
ଆଉଥରେ ଅନ୍ଧ ନଈଟି ପରି ମୁଁ
କୂଳ ଲଂଘିଯା'ନ୍ତି ସତେ!

- ତ୍ରିନାଥ ଛକ, ନୟାଗଡ଼

## ତିନୋଟି ଅଣୁଗଳ୍ପ

ସାଗରିକା ପଟ୍ଟନାୟକ

### ଖାଦ୍ୟ

ଅଧା ଖାଇ ଛାଡ଼ିବାର ଅଭ୍ୟାସ। ଭାତ ବାଢ଼ିବା ପରେ ବୋଉ ଚାହିଁ ରହେ। ମୁଠାଏ ଛାଡ଼ିଲେ ନାନା କଥା କହେ। ଆଜି ରାମ ଚା' ଦୋକାନରୁ ଫୁଟିଟାଏ କିଣି ଅଧା ଫିଙ୍ଗି ଚାଲି ଆସୁଥିଲି। ପାଗଳ ଭିକାରିଟା କୋଉଠି ଥିଲା କେଜାଣି ଚଟ୍‌କରି ଆସି ବଳକାତକ ଶୋଷାଡ଼ି ନେଲା।

### ଗାମୁଛା

ସପ୍ତମରେ ପଢ଼ୁଛି ପୁଅ। ସ୍କୁଲ୍‌ରୁ ଆସି କ'ଣ ଭାବିଲା କେଜାଣି ମୋ' ଗାମୁଛା ଘୋଡ଼ିହୋଇ ଶୋଇପଡ଼ିଲା। ପଚାରିବାରୁ କହିଲା, ବାସ୍ନା ହେଉଛି ବୋଲି। ଆଉ ମୁଁ ଗେଷ୍ଟରୁମ୍‌ରେ ପାରାଲିସିସ୍‌ରେ ପଡ଼ିଥିବା ବାପାଙ୍କ କଥା ଭାବୁଥିଲି। ଦେହ ଗନ୍ଧ ହେଲାଣି ବୋଲି ବହୁତ ଦିନ ହେଲା ବୁଲିଯାଇନି ମୁଁ।

### ଡଲାର

ଆମେରିକାରେ ରୁହେ ବୋଲି ମୋ'ଠାରୁ ଅଧିକ ଗର୍ବ କରନ୍ତି ବାପା। ଯେତେବେଳେ ଆସିଲେ ବିଡ଼ାଏ ଡଲାର ହାତରେ ଗୁଞ୍ଜିଦିଏ। ସେ ଖୁସି ହୋଇ ଯାଆନ୍ତି। ଆଜି ବାପାଙ୍କ ଅବଶ ହାତଟାରେ ଦି' ବିଡ଼ା ଡଲାର ଦେବା ସତ୍ତ୍ୱେ ସେ ନେଲେ ନାହିଁ। ଶାର୍ଟରେ ଭର୍ତ୍ତି କରିଥିଲି। ଜୁଇ ସହ ଟଙ୍କାଗୁଡ଼ା ଜଳିଗଲା। ଦି' ଆଉ କ୍ଷତି।

ମୋ: ୯୮୫୩୭୬୮୨୫୬

## ଗଳ୍ପ

### ନୟନତାରା


ଅନସୂୟା ପଣ୍ଡା

''ତାରା! ତୁମେ, ତୁମେ ଏଠି? ତେବେ କ'ଣ ତୁମେ ପୂଜ୍ୟା ଗାୟତ୍ରୀ ଦେବୀ?'' ଅଜାଣତରେ ଶୁଭେନ୍ଦୁ ଏତକ କହିପକାଇଥିଲେ। ପାରିପାର୍ଶ୍ୱିକ ପରିସ୍ଥିତିକୁ ମଧ୍ୟ ସେ ଭୁଲି ଯାଇଥିଲେ। ଆଶ୍ଚର୍ଯ୍ୟ ହୋଇ ଅନାଇଥିଲେ ଶୁଭେନ୍ଦୁ, ବୟସର ଆଦ୍ୟ ଅପରାହ୍ଣରେ ବି ସେମିତି ତରୁଣୀସୁଲଭ ମୁଖମଣ୍ଡଳ। କିଛି ବି ତ ପରିବର୍ତ୍ତନ ହୋଇନି ତାଙ୍କ 'ତାରା'ର। ଖାଲି ରଙ୍ଗିନ୍ ବସ୍ତ୍ର ପରିବର୍ତ୍ତେ ଗୈରିକ ବସ୍ତ୍ର ଦେହରେ, ଚୁଲବୁଲି ଝରଣା ପରି ଅନର୍ଗଳ କଥା କହୁଥିବା ତାଙ୍କ ପ୍ରେମିକା ଆଜି ଖୁବ୍ ଶାନ୍ତ ସାଧିକା ହୋଇଯାଇଛି।

ଶୁଭେନ୍ଦୁ ଟିକେ ଥମିଗଲେ, ''କେମିତି ଦିଶୁଛି ତାଙ୍କ ମୁହଁଟି? ଦର୍ପଣଟିଏ ପାଖରେ ଥାଆନ୍ତା କି! ଆଗରୁ ଜାଣିଥିଲେ ସେ ନିଶ୍ଚେ ନିଜକୁ ଖୁବ୍ ଯତ୍ନରେ ସଜାଡ଼ି କରି ଆସିଥାଆନ୍ତେ। ହେଲେ ସେ, ସେ ଆଜି ତାଙ୍କ ଯୌବନ ସମୟର ନାୟିକା, ତାଙ୍କ ମନର ମାନସୀ 'ତାରା' ନୁହେଁ, ହରିଦ୍ୱାରରୁ ଆସିଥିବା ପ୍ରବଚିକା ସାଧ୍ୱୀ ଗାୟତ୍ରୀ ଦେବୀଙ୍କ ପାଖକୁ ଆସିଛନ୍ତି, ନିଜ ମାନସିକ ଅଶାନ୍ତିର ସମାଧାନ ଉପାୟ ପାଇଁ।''

ଏକ ପରିପୂର୍ଣ୍ଣ ଜୀବନରେ, ଏତେ ପାଇବା ଭିତରେ କିଛି ହରାଇବାର ଏକ ଅଶାନ୍ତବୋଧ ଶୁଭେନ୍ଦୁଙ୍କୁ ଝୁଣି ଖାଉଥିଲା। ସତେଯେମିତି ସେ କାହାର ଜଣେ ଅପରାଧୀ, କାହାର କିଛି ମୂଲ୍ୟବାନ୍ ଜିନିଷଟି ତାଙ୍କ ପାଖରେ ରହିଯାଇଛି, ସେ ଆଜିଯାଏ ଫେରାଇ ନାହାନ୍ତି।

ଆଜିର 'ଦୈନିକ' ଖବରକାଗଜରୁ ହରିଦ୍ୱାରରୁ ଆସିଥିବା ସାଧିକା ଗାୟତ୍ରୀ ଦେବୀ, ଯିଏ ଜୀବନର ଅନ୍ୟାନ୍ୟ ସମସ୍ୟା ସମାଧାନର ବାଟ ଦେଖାଉଛନ୍ତି, ତା' ସହ ମାନସିକ ଶାନ୍ତିର ଉପାୟ ମଧ୍ୟ ବତାଉଛନ୍ତି, ପଢ଼ି ସେ ଫୋନ୍ ଲଗାଇଥିଲେ। ତାଙ୍କ ସହ ଏକାନ୍ତରେ ଭେଟିବାର ସୁଯୋଗ ମଧ୍ୟ ଖୁବ୍ ଶୀଘ୍ର ପାଇଯାଇଥିଲେ। ଭାବିଲେ ସାକ୍ଷାତ୍‌କାର ପରେ ପ୍ରବଚନ ଶୁଣି ଘରକୁ ଫେରିବେ।

ହୋଟେଲ ପ୍ରକୋଷ୍ଠ ଭିତରେ ଧ୍ୟାନମୁଦ୍ରାରେ ବସିଥିବା ଗାୟତ୍ରୀ ଦେବୀ ହଠାତ୍ ଶୁଭେନ୍ଦୁଙ୍କୁ ଏତେଦିନ ପରେ ସାମ୍ନାରେ ଦେଖି ଟିକେ ବିଚଳିତ ହୋଇଯାଇଥିଲେ। ଯେମିତି ଆଜି ଓ ସେଦିନ ଭିତରର ସମୟ ସବୁ ଖୁବ୍ ଶୀଘ୍ରଶୀଘ୍ର ଚଳଚ୍ଚିତ୍ରର ପରଦା ପରି ପଛକୁ ଫେରି ଚାଲିଥିଲା।

ଏକାଠି ଛୋଟବେଳୁ ସ୍କୁଲ, ତା'ପରେ କଲେଜରେ



ପଢ଼ୁଥିବା, ସାଙ୍ଗ ହୋଇ ପିଲାବେଳୁ ଖେଳୁଥିବା ଶୁଭେନ୍ଦୁ ଓ ତାରା ନିଜ ଅଜାଣତରେ ଭଲ ପାଇ ବସିଥିଲେ। ଭଲପାଇବା ଜିନିଷଟା ଏମିତି, କେତେବେଳେ ହୋଇଯାଏ ଜଣାପଡ଼େନି। ମନ ଗହନର କଥା କ'ଣ ବାହାରକୁ ଶୁଣାଯାଏ? କେବଳ ଚୁପ୍‌ଚାପ୍ ଘଟିଯାଏ। ଶୁଭେନ୍ଦୁ ଓଏଏସ୍ ପାଇ ଟ୍ରେନିଂ ପରେ ନୂଆନୂଆ ଚାକିରିରେ ଯୋଗ ଦେଇଥା'ନ୍ତି। ତାରା ତାଙ୍କ ଗାଁ ପାଖ ସ୍କୁଲରେ ବି.ଏଡ୍. ପରେ ପାଠ ପଢ଼ାଉଥାଏ।

ଝିଅ ବଡ଼ ହୋଇଗଲେ ଯେମିତି ବାପା ମା'ଙ୍କର ଚିନ୍ତାର ବୋଝ ମାଡ଼ିପଡ଼େ। ଝିଅ ଘିଅ, ସମୟ ଥାଇ ବାହା ନ ଦେଲେ କଥାଟା ଦାଣ୍ଡକୁ ଅସୁନ୍ଦର ହୋଇଯାଏ। ତା' ପାଇଁ ଆସୁଥିବା ବାହାଘର ପ୍ରସ୍ତାବକୁ ତାରା କିଛି ନା କିଛି କାରଣ ଦେଖାଇ ଟାଳି ଦେଉଥିଲା। ବାପା ବ୍ୟସ୍ତ ହେଉଥିଲେ। ତାରାର ବୋଉଠାରୁ ଯେଉଁଦିନ ସେ ତାରା ଓ ଶୁଭେନ୍ଦୁଙ୍କ ଭଲପାଇବା ବିଷୟରେ ଜାଣିଲେ, ତା' ବାପା ତାରାକୁ ତାଗିଦ୍ ଦେଇ ବୁଝାଇଥିଲେ, ''ମା'ରେ ବଡ଼ ଲୋକଙ୍କ ପାଇଁ ଭଲ ପାଇବାଟା ଆମ ଗରିବଙ୍କ ପରି ବେଦରଗାର ନୁହେଁ, ଏକ ଖେଳଘର ପରି। ଶୁଭେନ୍ଦୁର ବାହାଘର ଜଣେ ବିତ୍ତଶାଳୀ ବ୍ୟବସାୟୀଙ୍କ ଏକମାତ୍ର ଝିଅ ସହ ଠିକ୍ ହୋଇସାରିଛି। ଏକଥା ବୋଧେ ତୁ ଜାଣିନୁ।''

ବାପାଙ୍କ କଥାକୁ ବିଶ୍ୱାସ କରି ନ ଥିଲା ତାରା। ତା' ଶୁଭେନ୍ଦୁ ତାକୁ କେବେ କିଛି ବି ଲୁଚାଇ ନାହାନ୍ତି। ତାକୁ ନ ପଚାରି କେବେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ''ତେବେ କ'ଣ ବାପା ମିଛ କହୁଛନ୍ତି, ନା ଶୁଭେନ୍ଦୁ ଏକଥା ତାକୁ ଲୁଚାଇଛନ୍ତି?'' ଶୁଭେନ୍ଦୁଙ୍କ ପଦସ୍ଥ ପିତାଙ୍କ ଅଧୀନରେ ତା'ର ବାପା କାମ କରନ୍ତି, ବୋଧହୁଏ ବାପା କିଛି ଭୁଲ ଶୁଣିଥିବେ।

ନା ବାପା ଠିକ୍ କହୁଥିଲେ, ଶୁଭେନ୍ଦୁ ତାକୁ ନ ଜଣାଇ ବିବାହ ମଧ୍ୟ କଲେ। ନିଜ ଭିତରର ସେ ଅସ୍ଥିରତାକୁ ବାହାରେ ପ୍ରକାଶ କରିବାକୁ ନ ଦେଇ ଖୁବ୍ ଚୁପ୍ ହୋଇ ଯାଇଥିଲା ତାରା। ଯେମିତି ଜଣେ ପ୍ରାଣହୀନ ମଣିଷ ଯନ୍ତ୍ରବତ୍ ସବୁ କରୁଛି, ହେଲେ ନିଜ ଭିତରେ ଉତ୍ସାହ ନାହିଁ।

''ସତେ କ'ଣ ଖୁସି ହୋଇ ପାରୁଛନ୍ତି ଶୁଭେନ୍ଦୁ ତା' ବିନା, ଅନ୍ୟ ଏକ ନାରୀକୁ ଜୀବନରେ ପାଇ ସେ କ'ଣ କେବେ ତାକୁ ହରାଇବାର ଅଭାବବୋଧ କରୁନାହାନ୍ତି?''

'ତାରା'ର ବାହାଘର ମଧ୍ୟ ଠିକ୍ ହୋଇ ଯାଇଥିଲା, ମାତ୍ର ତାରା ବାହାଘର ପୂର୍ବରୁ ସବୁକିଛି ଛାଡ଼ିଦେଇ କେଉଁଆଡ଼େ ଉଭାନ୍ ହୋଇଯାଇଥିଲା। ଗୁଜବ ଉଠିଥିଲା ସେ କୁଆଡ଼େ ତା' ପ୍ରେମିକ ସହ ପଳାଇ ଯାଇଥିଲା।

ହରିଦ୍ୱାରରେ ସେ ଅଶାନ୍ତ ତାରାକୁ ଶାନ୍ତ, ସାଧ୍ୱୀ ଗାୟତ୍ରୀ ଦେବୀ ହେବାକୁ ଖୁବ୍ କିଛି ବର୍ଷ ଲାଗିଥିଲା। ସେ ପବିତ୍ର ପରିବେଶରେ, ତାରା ତା' ମନଟାକୁ ମନେଇ ନେଇଥିଲା। ହେଲେ ଆଜି ଏତେବର୍ଷ ପରେ ପୁଣି ସେଇ ହଇଚଇ...। ପାଖରେ ଥିବା ତାଙ୍କ ସହଯୋଗୀମାନଙ୍କୁ ପ୍ରକୋଷ୍ଠ ଛାଡ଼ିବାକୁ ସଙ୍କେତ ଦେଲେ ଗାୟତ୍ରୀ ଦେବୀ।

''ତାରା, ମୁଁ ତୁମର ଦୋଷୀ। ମୋତେ କ୍ଷମାକର। ମୁଁ ବାପା ବୋଉଙ୍କ କଥା ଆଗରେ ସେଦିନ ଚୁପ୍ ରହିଗଲି ସିନା, ହେଲେ ସ୍ତ୍ରୀଙ୍କର ଏତେ ଭଲପାଇବା ପାଇ ମଧ୍ୟ ମୁଁ ତୁମକୁ କେବେ ବି ଭୁଲିପାରିନି, କି ଖୁସି ମଧ୍ୟ ହୋଇପାରିନି।'' ଖୁବ୍ ଭାବପ୍ରବଣ ହୋଇ ଯାଉଥିଲେ ଶୁଭେନ୍ଦୁ।

''ଜୀବନରେ ବ୍ୟକ୍ତି, ପରିସ୍ଥିତି ବିନା କାରଣରେ ନୁହେଁ, କିଛି ନା କିଛି ମହାନ୍ ଉଦ୍ଦେଶ୍ୟ ନେଇ ଆସିଥାଏ। ଆଉ ମୁଁ ସବୁ ପରିସ୍ଥିତି ଓ ବ୍ୟକ୍ତିଙ୍କୁ ସମ୍ମାନ କରେ। ତୁମେ ସୁଖୀ ହୁଅ।'' ନୀରବତା ଭାଙ୍ଗି କହିଲେ ଗାୟତ୍ରୀ ଦେବୀ।

ଏକ ଶାନ୍ତ ବାତାବରଣ ଖେଳିଗଲା ସେ ପ୍ରକୋଷ୍ଠରେ। ସତେଯେମିତି ଏଇ କୁହୁକ କଥା ପଦକ ଶୁଭେନ୍ଦୁଙ୍କର ସବୁ ଅସ୍ଥିର ମନକୁ କୋମଳ ଭାବେ ଛୁଇଁଗଲା, ଯେମିତି ପଚିଶବର୍ଷ ତଳେ ତାଙ୍କ ମନ ଆକାଶର ତାରା, ତାଙ୍କ ନୟନର ତାରା ତାଙ୍କ ହୃଦୟକୁ ଛୁଇଁ ଦେଇଥିଲା।

''ସମୟ ହେଲେ ଘରଆଡ଼େ ଆସିବ?'' ଆଶାୟୀ ହୋଇ ପଚାରିଲେ ଶୁଭେନ୍ଦୁ। ମୃଦୁ ହସରେ ନାସ୍ତିବାଚକ ଉତ୍ତର ଦେଲେ ପୂଜ୍ୟା ଗାୟତ୍ରୀ ଦେବୀ। ଖୁବ୍ ହାଲୁକା ହୋଇ ହୋଟେଲର ସେ ପ୍ରକୋଷ୍ଠ ଭିତରୁ ବାହାରି ଆସିଲେ ଶୁଭେନ୍ଦୁ। ସନ୍ଧ୍ୟାରେ ପ୍ରବଚନ ଶୁଣିବାକୁ ଆଉ ମନ ନ ଥିଲା। ଏକ ଅସୀମ ଶାନ୍ତିର ଢେଉ ଲହଡ଼ି ଭାଙ୍ଗୁଥିଲା ତାଙ୍କ ମନରେ, ସତେ ଯେମିତି ତାଙ୍କ ପ୍ରେମିକାର ମିଠା ପ୍ରେମ ପୁଣି ଥରେ ପାଇ ସେ ଏତେଦିନ ପରେ ଖୁବ୍ ଖୁସି ଜଣାପଡୁଥିଲେ।

ମୋ: ୯୮୪୦୭୦୬୧୪୦

# ‘ପରୀକ୍ଷା ଦର୍ପଣ’ ଉନ୍ମୋଚିତ

ଭୁବନେଶ୍ୱର, ୨୭।୧(ବ୍ୟୁରୋ)


ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ‘ପରୀକ୍ଷା ଦର୍ପଣ’ ଉନ୍ମୋଚନ କରୁଛନ୍ତି।

- ୧୫ ସୁଦ୍ଧା ସବୁ ଦଶମ ଛାତ୍ରୀଛାତ୍ର ପାଇବା ଲକ୍ଷ୍ୟ
- ପୁସ୍ତକ ବଣ୍ଟନ ଦାୟିତ୍ୱ ନେବେ ଜିଲା ଶିକ୍ଷାଧିକାରୀ
- ପ୍ରଥମ ପର୍ଯ୍ୟାୟରେ ୪ ଜିଲାକୁ ଗଲା ପୁସ୍ତକ

ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତୁତ ପୁସ୍ତିକା ‘ପରୀକ୍ଷା ଦର୍ପଣ’ ବୁଧବାର ଉନ୍ମୋଚିତ ହୋଇଛି। ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ଅନୁଷ୍ଠାନ ପରିସରରେ ବୁଧବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହାକୁ ଉନ୍ମୋଚନ କରିଛନ୍ତି। ୭୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତିକା ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାରେ ସହାୟକ ହେବ। ଏଥିରେ ଟେଷ୍ଟପେପର ଭଳି ମାଟ୍ରିକ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଓ ଉତ୍ତର ରହିଛି। କରୋନା ପାଇଁ ଚଳିତ ଶିକ୍ଷାବର୍ଷ ପ୍ରଭାବିତ ହୋଇଛି। ମାଟ୍ରିକ ପରୀକ୍ଷାକୁ ନେଇ ପିଲାଙ୍କ ଶଙ୍କା ଦୂର କରିବା ଲାଗି ଗଣଶିକ୍ଷା ବିଭାଗ ଏହି ପୁସ୍ତିକାକୁ ମାଗଣାରେ ବାଣ୍ଟିବ। କରୋନା ପାଇଁ ଚଳିତ ବର୍ଷ ୭୦ ପ୍ରତିଶତ ସିଲାବସ୍‌ରୁ ପରୀକ୍ଷା ହେଉଥିବାରୁ ସେହି ଅନୁସାରେ ‘ପରୀକ୍ଷା ଦର୍ପଣ’ରେ ପ୍ରତି ବିଷୟରୁ ପ୍ରଶ୍ନୋତ୍ତର ରହିବ। ମାଟ୍ରିକ ପରୀକ୍ଷା ଦେବାକୁ ଥିବା ରାଜ୍ୟର ୬ଲକ୍ଷ ୨୦ ହଜାର ୫୦୮ ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବଣ୍ଟାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ପୁସ୍ତକ କେବଳ ସରକାରୀ ନୁହେଁ, ସମସ୍ତ ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟ ପ୍ରଦାନ କରାଯିବ। ଜିଲା ଶିକ୍ଷା ଅଧିକାରୀମାନେ ବହି ବଣ୍ଟନ କାର୍ଯ୍ୟର ଦାୟିତ୍ୱ ନେବେ। ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ପୁସ୍ତକଗୁଡ଼ିକ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ସେଠାରୁ ଫେବୃଆରୀ ୧୫ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କ ପାଖରେ ପରୀକ୍ଷା ଦର୍ପଣ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

ଜିଲା ଶିକ୍ଷା ଅଧିକାରୀମାନେ ନିଜ ଜିଲାର ଉପାନ୍ତ ବ୍ଲକର ଛାତ୍ରୀଛାତ୍ରଙ୍କୁ ପ୍ରଥମେ ପ୍ରାଥମିକତା ଦେବାକୁ ବ୍ୟବସ୍ଥା କରିବେ ଏବଂ ପୁସ୍ତକ ବଣ୍ଟନରେ ନିଜେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ବୁଧବାର ରାଜ୍ୟର ଉପାନ୍ତ ଜିଲା ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟକୁ ମୋଟ ୫୦ହଜାର ପୁସ୍ତକ ପଠାଯାଇଛି। ଏହି ସମସ୍ତ ପୁସ୍ତକ ପର୍ଯ୍ୟାୟକ୍ରମେ ଫେବୃଆରୀ ୧୨ ମଧ୍ୟରେ ସମସ୍ତ ଜିଲାକୁ ପ୍ରେରଣ କରାଯିବାର ବ୍ୟବସ୍ଥା କରାଯାଇଛି।

## ଯୌନ ନିର୍ଯାତନା ଅଭିଯୋଗରେ ରାସ୍ତାକୁ ଓହ୍ଲାଇଲା ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୨୭।୧(ବ୍ୟୁରୋ):** ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ନିଖିଳ ଉତ୍କଳ ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ମହିଳାଙ୍କୁ ଯୌନ ଶୋଷଣ ପ୍ରସଙ୍ଗରେ ବୁଧବାର ଛାତ୍ର କଂଗ୍ରେସ ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ଇସ୍ତଫା ଦାବି କରିଛି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଦଳ ପକ୍ଷରୁ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ପ୍ରସଙ୍ଗରେ ନୱାଜ କହିଛନ୍ତି, ନବୀନ ନିବାସ ନିକଟରେ ଦିବ୍ୟାଙ୍ଗ ମହିଳାଙ୍କୁ ଯୌନ ଶୋଷଣ କରାଯାଇଛି। ବିଭାଗୀୟ ମନ୍ତ୍ରୀଙ୍କ ଘର ପାଖରେ ଏହି ଘଟଣା ଘଟିଛି। ମନ୍ତ୍ରୀଙ୍କ ଜାଣତରେ ସେଠାରେ ଯୌନ ଶୋଷଣ ହେଉଥିଲା ବୋଲି ନୱାଜ ଅଭିଯୋଗ କରିଛନ୍ତି। ଏହି ଘଟଣାର ଅଭିଯୁକ୍ତ ସୁରେଶ ବେହେରା ଯିଏ ଅନୁଷ୍ଠାନର ସମ୍ପାଦକ ସେ ଦିବ୍ୟାଙ୍ଗ ମହିଳାଙ୍କୁ ଚାକିରି ଓ ଅର୍ଥ ଲୋଭ ଦେଖାଇ ଯୌନ ଶୋଷଣ କରୁଥିଲେ। ତାଙ୍କ ନାଁରେ ଆଗରୁ ସମାନ ଘଟଣାର ୩ ଅଭିଯୋଗ ରହିଛି। ୨ ମାସ ତଳେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ପାରିବା ଅତ୍ୟନ୍ତ ନିନ୍ଦାର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବା ଗୃହ ବିଭାଗ କିପରି ଚାଲୁଛି ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କୁ ମନ୍ତ୍ରୀ ସୁରକ୍ଷା ଦେଉଥିଲେ ବୋଲି ମଧ୍ୟ ଅଭିଯୋଗ ଆସିଛି। ପୀଡ଼ିତା ମହିଳାଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଅଭିଯୁକ୍ତ ସୁରେଶ ବେହେରାଙ୍କୁ ତୁରନ୍ତ ଗିରଫ କରି ଉପଯୁକ୍ତ ଦଣ୍ଡରେ ଦଣ୍ଡିତ କରିବା ପାଇଁ ଛାତ୍ର କଂଗ୍ରେସ ଦାବି କରୁଛି।

## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ, ୫ ଗିରଫ

ଯୋଡ଼ା, ୨୭।୧(ଡି.ଏନ୍.ଏ): କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ବାଂଶପାଣି ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱରେ ଥିବା ଏକ କ୍ରସର ନିକଟରୁ ମଙ୍ଗଳବାର ରାତିରେ ଲୁହାପଥର ଚୋରା ଚାଲାଣ ହେଉଥିବା ୨ଟି ଟ୍ରକ୍‌କୁ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ହୁସେନ ଆଲିଗଜ, ରତନ ସର୍ଦ୍ଦାର, ସୁକୁମାର କର୍ମାକର, ଏସ୍‌କେ ମେସୋଦ୍ଦିନ ଓ ନନ୍ଦିପଦା ଥାନା ଅନ୍ତର୍ଗତ ସର୍ଙ୍ଗଲା ଗ୍ରାମର ସୁଶାନ୍ତ ଜେନା। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଚାରାରେ ଖଣିଜ ବୋଝେଇ ୨ଟି ଟ୍ରକ୍ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଓ ହେଲପର ଫେରାର୍ ହେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସେମାନଙ୍କୁ ଧରିଥିଲା। ଉଭୟ ଟ୍ରକ୍‌ରେ ପ୍ରାୟ ୫୦.୭୮୦ ମେଟ୍ରିକ ଟନ୍ ଉନ୍ନତମାନର ଲୁହାପଥର ଗୁଣ୍ଡ ବୋଝେଇ ହୋଇଥିଲା। ଏ ସମ୍ପର୍କରେ ଯୋଡ଼ା ଯୁଗ୍ମ ଖଣି ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ପଚାରିବାରୁ ବାଂଶପାଣି କ୍ରସରରୁ ଲମ୍ପସ୍ (ବଡ ଲୁହାପଥର) ପରିବହନ ଅନୁମତି ଦିଆଯାଇଛି। ତେବେ ପୋଲିସ୍ ଯଦି ଟ୍ରକ ଓ ଖଣିଜ ଜବତ ସମ୍ପର୍କରେ ଜଣାଇଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ରାଜ୍ୟ କୃଷି ନିଗମ ଅଧ୍ୟକ୍ଷଙ୍କ ପିତୃ ବିୟୋଗ


ହରିଶଚନ୍ଦ୍ର ମହାନ୍ତି।

ବାରିପଦା ଅଫିସ,୨୭।୧: ରାଜ୍ୟ କୃଷି ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ପିତା ହରିଶ୍ଚନ୍ଦ୍ର ମହାନ୍ତି(୮୮)ଙ୍କ ମଙ୍ଗଳବାର ବାରିପଦାସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଭାବେ ସ୍ୱର୍ଗତ ମହାନ୍ତି ବେଶ୍ ଜଣାଶୁଣା ଥିଲେ । ସେ ଜଣେ ଛାତ୍ରବତ୍ସଳ, ସ୍ନେହୀ, ମେଳାପି ଓ ବିଦ୍ୟାନୁରାଗୀ ଶିକ୍ଷକ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ସ୍ଥାନୀୟ ବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବିଧାନସଭାରେ ସ୍ଥାପନ ହେବ ବିରାଟ ଅରଟ

ଭୁବନେଶ୍ୱର,୨୭।୧(ବ୍ୟୁରୋ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଓ ରାଜ୍ୟର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ସୁରକ୍ଷା ପାଇଁ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ଅରୁଣ କୁମାର ସାହୁ, ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ମନ୍ତ୍ରୀ ପଦ୍ମିନୀ ଦିଆନ ପ୍ରମୁଖ ଅଂଶ ଗ୍ରହଣ କରିଛନ୍ତି। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଅବସରରେ ଏହାକୁ ସ୍ମରଣୀୟ କରିବାକୁ ସଂସ୍କୃତି ବିଭାଗ ଦ୍ୱାରା କେତେକ ପ୍ରସ୍ତାବ ରଖାଯାଇଛି। ଏଥିରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ‘ଅହିଂସା’ ଶବ୍ଦକୁ ସ୍ଥାନିତ କରିବା ସର୍ବାଗ୍ରେ ରହିଛି। ଏହାକୁ ବ୍ୟାପକ କରିବାକୁ ଜନ ସହଯୋଗ ନିଆଯିବା ନେଇ ନିଷ୍ପତ୍ତି ହୋଇଛି। ମାର୍ଚ୍ଚ ୨୩ରେ ଗାନ୍ଧୀଙ୍କ ଓଡ଼ିଶା ଆଗମନକୁ ୧୦୦ ବର୍ଷ ପୂରଣ ହେଉଥିବାରୁ ସେହିଦିନଠାରୁ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି। ବିଶେଷଭାବେ ଯେଉଁସବୁ ଗ୍ରାମରେ ଗାନ୍ଧିଜୀ ପଦାର୍ପଣ କରିଥିଲେ, ସେହି ଗ୍ରାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସବୁଠାରୁ ବଡ କଥା ହେଉଛି, ବିଧାନସଭାରେ ଏକ ବିରାଟ କାଠ ତିଆରି ଅରଟ ସ୍ଥାପନ ସହ ୫୦୦ ଫୁଟ୍‌ର ଏକ କାନ୍‌ଭାସ୍‌ରେ ଗାନ୍ଧୀ ଚିତ୍ର ପ୍ରସ୍ତୁତି ଓ ପ୍ରଦର୍ଶନ କରିବାର ପ୍ରସ୍ତାବ ରହିଛି। ରାଜ୍ୟର ବରପୁତ୍ରମାନଙ୍କ ଗ୍ରାମଗୁଡ଼ିକୁ ଆଦର୍ଶ ଗ୍ରାମଭାବେ ରୂପାନ୍ତରିତ କରିବାକୁ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ସମସ୍ତ ଗାନ୍ଧୀ ସ୍ମୃତିପୀଠ, ଗାନ୍ଧୀ ପ୍ରତିମୂର୍ତ୍ତି, ଗାନ୍ଧୀ ସ୍ମାରକୀ ଇତ୍ୟାଦିର ଉପଯୁକ୍ତ ରକ୍ଷଣାବେକ୍ଷଣ, ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହାତକୁ ନିଆଯିବ। ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମରେ ମହାପୁରୁଷଙ୍କ ଲେଖା ପ୍ରସ୍ତୁତ କରି ସିଲାବସ୍‌ରେ ସ୍ଥାନିତ କରିବା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ଯୋଗସୂତ୍ର ରକ୍ଷାକରି ପଦକ୍ଷେପ ନେବା ପାଇଁ କୁହାଯାଇଛି। ସେହିପରି ରାଜ୍ୟ ସଂଗ୍ରହାଳୟ ତରଫରୁ ସଂଗ୍ରହାଳୟରେ ସ୍ୱତନ୍ତ୍ର ଗାନ୍ଧୀ ଗ୍ୟାଲେରି ସ୍ଥାପନ ଓ ଗାନ୍ଧୀଙ୍କ ଓଡ଼ିଶା ଆଗମନର ପ୍ରାସଙ୍ଗିକତା ଉପରେ ଆଲୋଚନାଚକ୍ର ଆୟୋଜନ ହେବ।

## ବ୍ରାଉନସୁଗାର ଜବତ, ୪ ଗିରଫ

ଭଦ୍ରକ ଅଫିସ, ୨୭।୧: ଭଦ୍ରକ ଟାଉନ ଥାନା ପୋଲିସ ବୁଧବାର ବିଭିନ୍ନ ଅଞ୍ଚଳରୁ ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୪ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କମଳାକାନ୍ତ ଦାସ, କୁନା ନନ୍ଦ, ପ୍ରଶାନ୍ତ କୁମାର ବେହେରା ଓ ଗୀତାରାଣୀ ବେହେରା। ସେମାନଙ୍କଠାରୁ ୨୨ ମୋବାଇଲ ସହ ୩ ବାଇକ୍ ଜବତ କରାଯାଇଥିବା ଏସ୍‌ପି ଚରଣ ସିଂ ମୀନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏ ନେଇ (ନଂ.୪୨/୨୧)ରେ ମାମଲା ରୁଜୁ ହୋଇଛି।


### OFFICE OF THE MUNICIPAL COUNCIL, BHAWANIPATNA

Tel. (06670) 230424, email: eobptm@yahoo.com
No. 159 Date: 25.01.21

**TENDER CALL NOTICE**

No. C-337: Sealed tenders are invited from the interested persons/agency/NGO/Contractor for the lease of the following property of Bhawanipatna Municipality for one year. The tender documents/schedule will be available in the district website **http://www.kalahandi.nic.in** from 29.01.2021 to 11.02.2021 upto 5.00 P.M. The tender will be received on or before Dtd.17.02.2021 upto 5.00 P.M. by Registered Post/Speed Post only and same will be opened on 18.02.2021 at 4.00 P.M. in the Office of the undersigned in presence of the agency or their Authorized representatives, if any. If the date of opening happens to be a holiday, then the next working day will be treated as the date of opening at the same time. The authority reserves the right to accept or reject any or all tender without assigning the reason thererof The tender documents can be also downloaded in district website **http://www.kalahandi.nic.in**.

| Sl. No. | Name of the Property | Period | Offset Price |
|---|---|---|---|
| 01 | Parking Zone near S.B.I. Main Branch | 1 (One) Year | Rs.12,000/- |
| 02 | Parking Zone near Bayanika | 1 (One) Year | Rs.10,000/- |
| 03 | Parking Zone Infront of Sadar Thana | 1 (One) Year | Rs.8,000/- |

Sd./- Executive Officer
Bhawanipatna Municipality
OIPR-13100/11/0004/2021

### TENDER CALL NOTICE

No. JJ-33: Odisha Rail Infrastructure Development Ltd. (ORIDL) invites sealed tenders for hiring of passenger cars (03 Nos.) for a period of two years from reputed transport agencies/firms. Tender notice & tender document is available in the website **www.oridl.in/tenders.**
Last date for submission of tender is 22.02.2021, 03.00 P.M.

**Sd./- Director (Project & Planning)**
OIPR-38030/11/0003/2021

### ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1122 Email-hpschiplima@yahoo.in, Fax No. (0663) 2460505
No.-CHEP/TW-18 (Vol.-II)/308 Date: 25.01.2021

TENDER CALL NOTICE NO.-CHEP-37/2020-21

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturer / Authorized Dealers / Channel Partners / Reputed Suppliers for supply of the materials as mentioned below.

| Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|
| Supply of 11KV Resin Cast Dry Type Current Transformer to CHEP, Chiplima | Rs.472/- (Rs.400/- + GST @18%) | 780/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com** **from dtd.29.01.2021 up to 12:30 PM of dtd.11.02.2021.**
OIPR-04006/11/0032/2021 Sd/- Unit Head, CHEP, Chiplima

Your classified advertisement published in Dharitri will be listed free in Dharitri online edition : **www.dharitri.com**

### ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**E-auction Notice (01.02.2021 – 83rd E-auction)**
**Iron Ore CLO**

**No. CAD-1117:-** The Odisha Mining Corporation Ltd. intends to sell various grades of Iron ore CLO produced at different iron ore mines at Daitari, Gandhamardan Region (Block-A & Block–B) & Tiring Pahar Mines of Barbil Region in Keonjhar District and Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 AM to 2.00PM on 01.02.2021.**
For details, please visit the website of MSTC i.e. **www.mstcecommerce.com**
OIPR-30005/11/0151/2021 CGM(Min.)

### GOVT. OF ODISHA — OFFICE OF THE SUPERINTENDING ENGINEER RURAL WORKS CIRCLE, SUNDARGARH

No. O-964
Email ID: serw_sundargarh@gmail.com
**Bid Identification No. Online-PMGSY/RWSESNG-05 of 2020-21**
No. 208 Date: 22.1.21

1. Name of the Work : Construction of Road & CD works alongwith Bridge under PMGSY programme.
2. Total No. of Packages : 1 No. individual packages
3. Estimated Cost of individual packages : Rs.606.56 lakh
4. Period of Completion : 12 Calendar months for works above Rs.5.00 Cr. & 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN.
5. Other details :

| Procurement Officer | Bid Identification No. | No. of Packages | Availability of tender Online for bidding From | To |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Rural Works Circle, Sundargarh | PMGSY / RWSESNG - 05 of 2020-21 | 1 No. | 01.02.2021 at 11.00 A.M. | 17.02.2021 upto 5.00 P.M. |

- Further details can be seen from the website: **www.pmgsytenders.gov.in**.

Sd./- Superintending Engineer, Rural Works Circle, Sundargarh
OIPR-25133/11/0014/2021

### OFFICE OF THE COLLECTOR & DISTRICT MAGISTRATE, KHORDHA (ST & SC DEVELOPMENT SECTION)

Tel. No.-06755-221169 (O), E-mail: dwokhordha@gmail.com
Notification No. 198/ Date: 25.01.2021
Advertisement
**SHORT QUOTATION CALL NOTICE**

**No. V-33:-** Sealed tenders in prescribed format are invited from the Manufactureres/ Authorized Dealers/ Distributor/ Co-operative Societies and Order Suppliers for supply of school uniform both for boys and girls of ST&SC Students reading in Class IX & X in the SSD Deptt. School of Khordha District. The last date of submission of tender paper is 15.02.2021. The details of application form, terms & conditions can be accessed from the District website **www.khordha.nic.in**. The tender paper is to be submitted through Speed Post/ Registered Post only. So as to reach Office of the District Welfare Office, Old Collectorate building Khordha, Pin-752056.

The authority reserves right for cancellation / modification of the tender & procurement process without assigning reasons thereof.

By the order of the Collector, Khordha
OIPR-24013/11/0004/2021 District Welfare Officer, Khordha

### OFFICE OF THE NOTIFIED AREA COUNCIL, PATNAGARH

No. 173/ **QUOTATION CALL NOTICE** Date: 27.01.2021

**No. C-341:-** Sealed quotations are invited from the Regd. Companies/Suppliers/Authorized Dealers having GST & PAN Card for supplying Bleaching Powder, Mosquitoes Oil (Drain Oil) & Sanitary Articles to N.A.C., Patnagarh. The quotation along with price list should reach the undersigned on or before 09.02.2021 up to 1.00 P.M. and which will be opened on the same day at 4.00 P.M. in presence of the quotationers or their authorized representatives. The quotation received after due date & time will not be entertained. The quotations should submit the Xerox copy of the up-to-date Dealership Registration Certificate/GST Clearance Certificate/PAN Card for current financial year. The undersigned reserves the right to reject any or all the quotations without assigning any reason thereof.

**Terms & Conditions:** 1. The rate should be quoted including of all taxes. 2. The materials will be delivered at the office of the undersigned in good condition without hire charges of vehicle. 3. VALIDITY- the validity of the quotation shll be one year i.e. 2021-22.

**DRINKING WATER TANKER DETAILS**

| Sl. No. | Particulars | Quantity | Quoted Rate |
|---|---|---|---|
| 1. | Bleaching Powder (Grade-I) | 1Pkt. (25 Kg) | |
| 2. | Mosquitoes Oil (Drain Oil) | 1 Ltr. | |
| 3. | Mosquitoes Oil (Use for Fogging Machine) | 1 Ltr. | |
| 4. | Black Phenyl | 1 Ltr. | |
| 5. | White Phenyl | 1 Ltr. | |
| 6. | Sanitary Hand Globe | 1 Set | |
| 7. | Gun Boot | 1 Set | |
| 8. | Sanitary Face Mask | 1 No. | |

OIPR-13102/11/0001/2021 Sd./- Executive Officer, N.A.C. Patnagarh

### INSTITUTE OF MATHEMATICS & APPLICATIONS

Bhubaneswar-751029
(Established by the Govt. of Odisha)
Under Science and Technology Department
Ref: No. IMA/79/70/2021 date: 25/01/2021

**ADVERTISEMENT**

**No. CAD-1121:-** In order to promote and encourage meritorious students to pursue Post Graduate studies in Physical Science, Chemical Science, Biological Science, Mathematical Science, Earth & Geological Science, Computer Science and Biotechnology/Bioinformatics Govt. of Odisha have introduced a scholarship programme under the aegis of the State Council on Science & Technology, Science & Technology Department, Odisha.

**1. Eligibility:**
(i) Applicant for the scholarship should be a permanent resident or domicile of Odisha.
(ii) Applicant who has **passed the regular full time Bachelor's Degree Examination** with **first class Honours** or its equivalent from an University/College/Institute recognized by Government, in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/ Bio-Informatics is eligible to apply for the scholarship. **The candidate should be in the 1st year of the concerned P.G. regular course for the session 2020-22.**
(iii) The applicant must be pursuing two years full time/regular mode of Post-Graduation studies in any branch of Physical Science, Chemical Science, Mathematical Science, Earth & Geological Science, Computer Science and Biological Science including Biotechnology/Bio-Informatics in any Government University/College/Institution including Government aided and Autonomous Colleges.
(iv) The scholarship will be the single scholarship which she/he can avail during the Post-Graduate course. Scholarship is not admissible for a candidate who is in receipt of any other financial assistance from any other source.
(v) Applicants admitted to self-financing Post Graduate programs are not eligible.

**2. Number of Scholarships:** Total number of Scholarship is **232**(Two hundred thirty-two).

**3. Amount and tenure of P.G. Scholarship:**
Rupees Rs. 2000/- (Two thousand) per month for a period of two years or till completion of Post Graduate studies, whichever is earlier.

**4. Selection Procedure:**
**(a)** For selection, there shall be a written test comprising of (a) subjects (60%) from Physical Science, Chemical Science, Mathematical Science, Earth & Geological Science, Computer Science, Biological Science including Biotechnology.
**(b)** English comprehension skill (20%) and Reasoning/ Analytical Aptitude (20%).
**(c)** The written test shall be of 2 hours duration. There will be total 60 questions comprising of 36 from subjects, 12 from English Comprehension skill and 12 from reasoning/ analytical aptitudes. Each question shall carry 4 (four) marks. One (1) mark would be deducted for each wrong answer.
**(d)**The criterion for awarding this scholarship shall be strictly on the merit assessed through the written test.

**5. How to apply:**
**(a) Candidates are required to apply in the prescribed application form (Appendix-I to be downloaded by applicant from the website http://www.iomaorissa.ac.in/ or portal of S&T Deptt., Govt. of Odisha). The filled in applications need reach the Director, Institute of Mathematics & Applications, Bhubaneswar-751029 by registered post or speed post (not by courier) at the latest by 10.03.2021.**
**(b) Documents to be attached with the application form:-**
(i) Two passport size self-attested photographs. (ii) Permanent Residential Certificate/ Domicile Certificate from the competent authority. (iii) Self-attested copy of the HSC or equivalent Certificate as an evidence of date of birth, (iv) Selfattested copy of pass certificate and mark sheet of Bachelor's Degree or equivalent, (v) Certificate from the Head of the Institution showing bonafide of studentship in Post Graduate studies. (vi) Two self-addressed unstamped envelope.

**6. Date of Written Test:** The written test will held on **25.04.2021 from 9 A.M. - 11 A.M.** at different Examination Centers.

7. For details of the scheme and to download forms please visit the website **http://www.iomaorissa.ac.in/** or web portal of Sc. & Tech. Deptt., Govt. of Odisha.

OIPR-28006/11/0010/2021 Sd./- DIRECTOR

### GOVERNMENT OF ODISHA — HEALTH & FAMILY WELFARE DEPARTMENT

No. HFW OE-EST3V-0006-2017/2007/H Dated: 22.01.2021

**TENDER CALL NOTICE**

No. E-543: Sealed quotations/tenders are invited from interested reputed travel agencies/tour operators/private individuals having GST registration & GeM registration for providing 08 (Eight) numbers of AC Petrol/Diesel vehicles having sitting capacity of five including driver for official use in Health & F W Department on monthly basis, which shall confirm to the terms & conditions as per Finance Department O.M. No. 30464/H dated 06.09.2019 (Annexure - I).
The vehicles must be in road worthy conditions & shall not be more than three years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution under Control Certificate, valid Contract Carriage Permit, Proof of up-to-date Tax payment etc. which are mandatory for providing vehicle.
The driver of the vehicle must have a valid Driving Licence for driving light transport passenger vehicle & should have sufficient experience in driving transport passenger vehicles. The driver should be well behaved, gentle & obedient in nature.
A sum of Rs.5000/- (Rupees five thousand) only shall be deposited by the intending bidders in shape of Accounts Payee Bank Draft drawn in favour of DDO cum Under Scretary to Government, Health & F W Department & submitted along with the tender as security deposit. After completion of tendering process, the amount will be refunded to un-successful bidders. The monthly rate of hiring charges including GST & consumption of Fuel should be quoted separately.
The quotation completed in all respect should reach the undersigned on or before by **10.02.2021 by 3.00 P.M.** & shall be opened on the same day at 4.00 P.M. in the presnece of the bidders or their authorized representatives.
The application form of quotation/tender containing General Bid Information & terms & conditions for hiring of vehicles etc. will be available in OE selection of Health & F W Department on payment of Rs.100/- (Rupees one hundred) only from 25.01.2021 to 09.02.2021 or can be downloaded from Odisha Government Health & F W Department website (Annexure - II). In case the application form is downloaded from Odisha Govt. website, the applicant shall furnish a Demand Draft for an amount of Rs.100/- (Rupees one hundred) only towards the cost of application along with the application.
The authority reserves the right to cancel any or all of the quotations/tenders received without assigning any reason thereof.

Sd./- Joint Secretary to Government
OIPR-10001/11/0018/2021

### OFFICE OF THE MUNICIPAL COUNCIL, GUNUPUR

Email ID: eomun-gunupur@gov.in
No. 210/ Date: 27.01.2021

**REQUEST FOR PROPOSAL**

**No. C-345:-** Sealed Bids are invited from the intending CAG empanelled Chartered Accountant Firms registered under Institute of Chartered Accountants of India having experience in Odisha e-municipality systems (DEBAS), PAN No, GST registration for "Audit and Preparation of Financial Statement of Municipal Accounts for the Financial Year 2013-14 to 2019-20" for office of the Gunupur Municipality. The Bid may be submitted in person or can be sent through Regd. Post/Speed post/ Courier which must reach the undersigned by 11.30 AM on dated 05.02.2021. The Bids received within stipulated date & same will be opened at 3.30 PM on the 05.02.2021 in the presence of bidders or their authorized representative who may wish to remain present. The Municipality shall not be responsible for receipt of any quotation late due to postal delay or any other reason. The bidder should superscribe "**Bid for Audit & Preparation of Financial Statement of Gunupur Municipality, Gunupur**" on the top of envelop.
The authority reserved the right to cancel any or all bids without assigning any reasons thereof.

| Sl. No. | Description | Bidder Rate/per Year(Rs.) In figure | In words |
|---|---|---|---|
| 1 | 2 | 3 | 4 |
| 1 | Audit & preparation of Financial Statement (Income and Expenditure account, all schedules to income and expenditure & Balance sheet, Receipt and Payments, Trial Balance and Bank reconciliation statement up to 2019-20) submit in both hard and soft copy to the undersigned. | | |

**Terms & Conditions:** I. The firm having more experience in finalisation of Municipal accounts will be preferred. II. Attested copy of Regd. Certificate, PAN Card, GST regd. No, Empanelment No. with CAG, Certificate of experience shall be attached. III. Financial bid is to be submitted for per year wise.

Sd./- Executive Officer,
Gunupur Municipality
OIPR-13104/11/0002/2021

**‘ବ୍ରିଟେନ୍ ଷ୍ଟ୍ରେନ୍‌କୁ ନିଷ୍କ୍ରିୟ କରୁଛି କୋଭାକ୍ସିନ୍’**

ଭାରତର ପ୍ରଥମ ସ୍ୱଦେଶୀ କୋଭିଡ୍ ଟିକା କୋଭାକ୍ସିନ କରୋନା ଭୂତାଣୁର ବ୍ରିଟେନ୍ ଷ୍ଟ୍ରେନ୍‌କୁ ସଫଳତାର ସହ ନିଷ୍କ୍ରିୟ କରୁଥିବା ଏହାର ପ୍ରସ୍ତୁତକାରୀ ଭାରତ ବାୟୋଟେକ୍ ପକ୍ଷରୁ କୁହାଯାଇଛି। ଗବେଷଣାତ୍ମକ ସନ୍ଦର୍ଭ ‘ନ୍ୟୁଟ୍ରାଲାଇଜେଶନ ଅଫ୍ ୟୁକେ-ଭାରିଆଣ୍ଟ ଭିୟୁଆଇ-୨୦୨୦୧୨/-୧ ୱିଥ୍ କୋଭାକ୍ସିନ ଭାକ୍ସିନେଟେଡ୍ ହ୍ୟୁମାନ ସିରମ୍’ରେ ଏହା ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ଜେଲରୁ ମୁକୁଳିଲେ ଶଶିକଳା



**ବେଙ୍ଗାଲୁରୁ, ୨୭।୧(ଆଇଏଏନ୍ଏସ୍):** ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ଘନିଷ୍ଠ ବାନ୍ଧବୀ ଭି.କେ. ଶଶିକଳା ବୁଧବାର ବେଙ୍ଗାଲୁରୁ କେନ୍ଦ୍ରୀୟ ଜେଲ୍‌ରୁ ମୁକ୍ତ ହୋଇଛନ୍ତି। ଜେଲ୍ କର୍ତ୍ତୃପକ୍ଷ ମୁକୁଳିବାର ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସାରିବା ପରେ ସେ ପରାପ୍ପନା ଆଗ୍ରାହାର ଜେଲ୍‌ରୁ ବାହାରିଥିଲେ। ଶଶିକଳା କରୋନା ଆକ୍ରାନ୍ତ ଥିବାରୁ ତାଙ୍କୁ ଭିକ୍ଟୋରିଆ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେଥିପାଇଁ ସେ ହସ୍ପିଟାଲରେ ୪/୫ ଦିନ ରହିବେ ବୋଲି ଜଣାପଡ଼ିଛି।

### ବସ୍-ଟ୍ରକ୍ ଧକ୍କା: ୫୩ ମୃତ

**ୟାଉଣ୍ଡେ,୨୭।୧:** କେନ୍ଦ୍ରୀୟ ଆଫ୍ରିକୀୟ ଦେଶ କାମେରୁନ୍‌ରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୧ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କାମେରୁନ୍‌ର ପଶ୍ଚିମରେ ଥିବା ସାଣ୍ଟଚୋଉ ଗ୍ରାମରେ ଯାତ୍ରୀବାହୀ ବସ୍‌କୁ ଦ୍ରୁତଗତିରେ ମାଡ଼ିଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଉଭୟ ବସ୍ ଓ ଟ୍ରକ୍ ଜଳିଯାଇଥିଲା। ଟ୍ରକ୍ ଡ୍ରାଇଭରଙ୍କ ଗିରଫ ଦାବିରେ ଲୋକେ ବିକ୍ଷୋଭ କରିଥିଲେ।

### ସଡ଼କ ଦୁର୍ଘଟଣାରେ ପରିବାରର ୮ ମୃତ

**ଜୟପୁର, ୨୭।୧(ଆଇଏଏନ୍ଏସ୍):** ରାଜସ୍ଥାନରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ଘର ମଧ୍ୟପ୍ରଦେଶରେ। ଦୁର୍ଘଟଣାରେ ଆହତ ୪ ଜଣଙ୍କୁ ଜୟପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଜଣେ ୩ ବର୍ଷର ଶିଶୁ ଆଶ୍ଚର୍ଯ୍ୟଜନକ ଭାବେ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ଖଟୁ ଶ୍ୟାମଜୀ ମନ୍ଦିର ଦର୍ଶନ ସାରି ଫେରୁଥିବାବେଳେ ଟୋଙ୍କ ଜିଲା ଅନ୍ତର୍ଗତ ଜୟପୁର -କୋଟା ଜାତୀୟ ରାଜପଥରେ ସେମାନଙ୍କ ଜିପ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକଙ୍କ ମଧ୍ୟରେ ୪ ପୁରୁଷ, ୨ ମହିଳା ଓ ୨ ଶିଶୁ ଅଛନ୍ତି।

### ୟୁଏନ୍ଏସ୍‌ସିରେ ନୂଆ ସ୍ଥାୟୀ ସଦସ୍ୟତାକୁ ପାକିସ୍ତାନର ବିରୋଧ

**ଇସ୍‌ଲାମାବାଦ, ୨୭।୧(ଆଇଏଏନ୍ଏସ୍):** ୧୫ ସଦସ୍ୟ ବିଶିଷ୍ଟ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ସଂସ୍କାର ସହ ନୂତନ ସ୍ଥାୟୀ ସଦସ୍ୟ ସଂଖ୍ୟା ବଢ଼ାଇବା ପାଇଁ ଭାରତ, ବ୍ରାଜିଲ୍, ଜର୍ମାନୀ ଓ ଜାପାନ ଉଦ୍ୟମ ଚଳାଇଥିବାବେଳେ ପାକିସ୍ତାନ ଏହାକୁ ବିରୋଧ କରିଛି। ସଦସ୍ୟ ସଂଖ୍ୟା ବଢ଼ିଲେ ୟୁଏନ୍ଏସ୍‌ସିକୁ ଅଧିକ ପ୍ରଭାବଶାଳୀ, ପ୍ରତିନିଧିତ୍ୱ ଓ ଉତ୍ତରଦାୟୀ ହେବା ପାଇଁ ସହମତି ଭିତ୍ତିକ ପ୍ରକ୍ରିୟା ନଷ୍ଟ ହେବ ବୋଲି ଇସ୍‌ଲାମାବାଦ ପକ୍ଷରୁ କୁହାଯାଇଛି। ଆନ୍ତଃସରକାର ବୁଝାମଣା (ଆଇଜିଏନ୍) ପ୍ରକ୍ରିୟାକୁ ଦୁର୍ବଳ କରିବା କିମ୍ବା ଏହାକୁ ପଥଚ୍ୟୁତ କରିବା ପାଇଁ କୌଣସି ଉଦ୍ୟମର ପରିଣାମ ଓଲଟା ହେବ ବୋଲି ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ମୁନିର୍ ଆକ୍ରମ କହିଛନ୍ତି। ଭାରତ, ଜର୍ମାନୀ, ବ୍ରାଜିଲ୍ ଓ ଜାପାନ ଚଳାଇଥିବା ଉଦ୍ୟମକୁ ସେ ସମାଲୋଚନା କରିଛନ୍ତି।

### ଦୋଷୀଙ୍କୁ ଛଡ଼ାଯିବ ନାହିଁ: ଦିଲ୍ଲୀ ପୋଲିସ ମୁଖ୍ୟ

**ନୂଆଦିଲ୍ଲୀ, ୨୭।୧:** କୃଷକ ନେତାମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ଟ୍ରାକ୍ଟର ପରେଡ୍‌ରେ ଭାଗ ନେଇଥିବା ଚାଷୀମାନଙ୍କୁ ହିଂସାକାଣ୍ଡ ଭିଆଇବା ପାଇଁ ଉସୁକାଇଥିଲେ ଓ ହିଂସାରେ ସାମିଲ ହୋଇଥିଲେ। ଏଥିରେ ୩୯୪ ପୋଲିସ ଆହତ ହୋଇଛନ୍ତି। ସାଧାରଣତନ୍ତ୍ର ଦିବସ ହିଂସା ପାଇଁ ଯେଉଁମାନେ ଦୋଷୀ ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି ଦିଲ୍ଲୀ ପୋଲିସ କମିଶନର ଏସ୍.ଏନ୍. ଶ୍ରୀବାସ୍ତବ କହିଛନ୍ତି। ଟାକ୍ଟର ରାଲି ପାଇଁ ଯେଉଁ ସର୍ତ୍ତ ରଖାଯାଇଥିଲା କୃଷକ ସଂଗଠନଗୁଡ଼ିକ ତାହାକୁ ପାଳନ କରି ନ ଥିଲେ। ଏପର୍ଯ୍ୟନ୍ତ ୨୫ ଏତଲା ଦାଏର ହୋଇଛି। ଅଭିଯୁକ୍ତମାନଙ୍କୁ ଠାବ କରିବା ପାଇଁ ସିସିଟିଭି ଓ ଭିଡିଓ ଫୁଟେଜଗୁଡ଼ିକୁ ଯାଞ୍ଚ କରାଯାଉଥିବା ପୋଲିସ ମୁଖ୍ୟ କହିଛନ୍ତି।

# ରାଜପଥରେ ଉପଦ୍ରବ

**ଜାନୁୟାରୀ ୨୬ରେ ଭାରତ ପାଳୁଥିଲା ସାଧାରଣତନ୍ତ୍ର ଦିବସ। ନୂଆଦିଲ୍ଲୀର ରାଜପଥରେ ୩ ସେନାର ପରାକ୍ରମ ଦେଖିଲା ଦେଶ ଓ ବିଶ୍ୱ। ହେଲେ ଏହାର କିଛି ସମୟ ପରେ ଯାହା ଘଟିଗଲା ତାହା ସବୁଦିନ ପାଇଁ ଇତିହାସରେ ସୃଷ୍ଟି କଲା କଳଙ୍କିତ ଅଧ୍ୟାୟ। କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସଂଲଗ୍ନ ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ୪୦ କୃଷକ ସଙ୍ଗଠନର ଲକ୍ଷାଧିକ ଚାଷୀ ଚଳାଇଥିବା ଆନ୍ଦୋଳନ ସୋମବାର ଯାଏ ଶାନ୍ତିପୂର୍ଣ୍ଣ ଓ ଯଥାର୍ଥ ମନେହେଉଥିଲା। ଏହାକୁ ଦେଶବ୍ୟାପୀ ସମର୍ଥନ ମଧ୍ୟ ମିଳୁଥିଲା। ତେବେ କୃଷି ଆଇନ ବିରୋଧୀ ଆନ୍ଦୋଳନ ମଙ୍ଗଳବାର ୬୨ ଦିନରେ ପହଞ୍ଚିଥିବାବେଳେ ପଥଚ୍ୟୁତ ହୋଇଯାଇଥିଲା। ହିଂସା, ଭଙ୍ଗାରୁଜା ଓ ପୋଲିସକୁ ଆକ୍ରମଣ ଅଭାବନୀୟ ସ୍ଥିତି ସୃଷ୍ଟି କଲା। କୃଷକ, ଆନ୍ଦୋଳନକାରୀ ଅଥବା ଉପଦ୍ରବୀ। ଏମାନେ ଯାହା ହୋଇଥାଆନ୍ତୁ ନା କାହିଁକି ଦିଲ୍ଲୀ ସୀମାରୁ ଟ୍ରାକ୍ଟର ରାଲିରେ ଆସି ଜାତୀୟ ରାଜଧାନୀରେ ପ୍ରବେଶ କରିବାବେଳେ ସବୁକିଛି ଅଣାୟତ୍ତ ହୋଇସାରିଥିଲା।**



ଜଣେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି ଚାଷୀ।

**ନୂଆଦିଲ୍ଲୀ,୨୭।୧**

ଦିଲ୍ଲୀ ପୋଲିସର ସର୍ତ୍ତ ମୁତାବକ କୃଷକ ସଙ୍ଗଠନଗୁଡ଼ିକ ମଙ୍ଗଳବାର ପୂର୍ବାହ୍ନରେ ନିର୍ଦ୍ଧାରିତ ରୁଟ୍‌ରେ ଟ୍ରାକ୍ଟର ରାଲି କରିବାକୁ ଥିବାବେଳେ ଏହାର ଯଥେଷ୍ଟ ସମୟ ପୂର୍ବରୁ ଭିନ୍ନ ମାର୍ଗରେ ବାହାରିସାରିଥିଲା ଏକ ସମାନ୍ତରାଳ ଶୋଭାଯାତ୍ରା। ଉପଦ୍ରବୀଙ୍କ ହାତରେ ଖଣ୍ଡା, ଲୁହାରଡ୍, ଲାଠି, ଟେକା ଓ ଅନ୍ୟ ମାରଣାସ୍ତ୍ରର ଦାମ୍ଭିକ ପ୍ରଦର୍ଶନ ସୂଚାଇ ଦେଉଥିଲା ଯେ, କିଛି ଗୋଟିଏ ବଡ଼ଧରଣର କାଣ୍ଡ ଘଟିବାକୁ ଯାଉଛି। ସାଧାରଣତନ୍ତ୍ର ଦିବସରେ କୃଷି ଆଇନ ବିରୋଧୀ ଟ୍ରାକ୍ଟର ରାଲି ପରିପ୍ରେକ୍ଷୀରେ ସାରା ବିଶ୍ୱର ନଜର ଦିଲ୍ଲୀ ଉପରେ ଥିବାବେଳେ ଆନ୍ଦୋଳନକାରୀଙ୍କ ଉତ୍ପାତ, ଉପଦ୍ରବ ଓ ହିଂସା ଯୋଗୁ ଭାରତକୁ ଲଜ୍ଜିତ ହେବାକୁ ପଡ଼ିଲା। ମଧ୍ୟାହ୍ନ ହେବାବେଳକୁ ପ୍ରାୟ ୬୦,୦୦୦ ଚାଷୀ ଟ୍ରାକ୍ଟର ଓ ଅନ୍ୟ ଯାନବାହନଗୁଡ଼ିକରେ ଆସି ତୁମୁଳକାଣ୍ଡ ଭିଆଇଥିଲେ। ଆୟକର କାର୍ଯ୍ୟାଳୟ (ଆଇଟିଓ) ନିକଟରେ ଜଣେ ଚାଷୀ ବ୍ୟାରିକେଡ୍ ଭାଙ୍ଗି ଅଗ୍ରସର ହେବାକୁ ଉଦ୍ୟମ କରୁଥିବାବେଳେ ତାଙ୍କ ଟ୍ରାକ୍ଟର ଓଲଟିଯାଇଥିଲା। ସମ୍ପୃକ୍ତ ଚାଳକଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ଗୁଳିରେ ତାଙ୍କ ଜୀବନ ଯାଇଥିବା ନେଇ ପ୍ରଚାର ଜୋର୍ ଧରିଥିଲା। ଫଳରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ବ୍ୟାରିକେଡ୍ ଦେଇ ପଥ ଅବରୋଧ କରିଥିବାବେଳେ ଚାଷୀମାନେ ତାକୁ ଭାଙ୍ଗିଚାଲିଥିଲେ। ଏପରି କି ରାସ୍ତା ଉପରେ ରଖାଯାଇଥିବା ବସ୍‌ଗୁଡ଼ିକୁ ମଧ୍ୟ ଟ୍ରାକ୍ଟରରେ ଧକ୍କା ଦେଇ ଭାଙ୍ଗିଦେଇଥିଲେ। ଦିଲ୍ଲୀ ପୋଲିସ ମୁଖ୍ୟାଳୟ ଆଗରେ ଟେକାମାଡ଼ କରି ପୋଲିସ ଗାଡ଼ିଗୁଡ଼ିକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ମୁତୟନ ହୋଇଥିବା ପୋଲିସ କର୍ମଚାରୀଙ୍କଠାରୁ ଉପଦ୍ରବକାରୀଙ୍କ ସଂଖ୍ୟା ବହୁଗୁଣିତ ହୋଇଥିଲା। ଫଳରେ ନିରୁପାୟ ପୋଲିସ ପକେଟରେ ହାତ ପୂରାଇ ଦେଖଣାହାରୀ ସାଜିବାକୁ ବାଧ୍ୟ ହୋଇଥିଲା। ଏପରି କି ଭିଡ଼ ଘଉଡ଼ାଇବା ପାଇଁ ଉଦ୍ଦିଷ୍ଟ ଲୁହବୁହା ବାଷ୍ପକୁ ଆନ୍ଦୋଳନକାରୀ ପୋଲିସ ଉପରେ ପ୍ରୟୋଗ କରିଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଆନ୍ଦୋଳନକାରୀମାନେ ପୋଲିସ ଉପରକୁ ଆକ୍ରମଣ କରିବା ପରେ ରାପିଡ୍ ଆକ୍ସନ ଫୋର୍ସ (ଆର୍ଏପି) ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ଏହି ହିଂସାରେ ୮୩ ପୋଲିସ କର୍ମଚାରୀ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।

ସବୁଠୁ ଲଜ୍ଜାଜନକ ଦୃଶ୍ୟ ଦେଖିବାକୁ ମିଳିଥିଲା ଜାତୀୟ ଐତିହ୍ୟ ଲାଲକିଲ୍ଲାରେ। କେତେଜଣ ଉପଦ୍ରବକାରୀ ଲାଲ କିଲ୍ଲାକୁ ଯାଇ ସେଠାରେ ‘ନିଶାନ ସାହିବ’ ଉଡ଼ାଇଥିଲେ। ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ର ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ। କରୋନା ମହାମାରୀରୁ ବଞ୍ଚିବା ପାଇଁ କାହାରି ମୁହଁରେ ମାସ୍କ ନ ଥିଲା। କିନ୍ତୁ ନିଜ ପରିଚୟ ଲୁଚାଇବା ପାଇଁ ଅନେକେ ମୁଖା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଲାଲ କିଲ୍ଲା ପ୍ରାଚୀରରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବାର ପରମ୍ପରା ୧୯୪୭ ମସିହାରୁ ରହିଆସିଛି। ତେଣୁ ଉକ୍ତ ସ୍ଥାନରେ ଆନ୍ଦୋଳନକାରୀ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ପତାକା ଉଡ଼ାଇବାକୁ ଗ୍ରହଣ କରିପାରି ନାହାନ୍ତି ଦେଶବାସୀ। ଜାତୀୟ ଅସ୍ମିତାକୁ କୁଠାରାଘାତ କରିବା ଭଳି ଏହି କାର୍ଯ୍ୟକୁ ସବୁଠି ନିନ୍ଦା କରାଯାଉଛି। ସନ୍ଧ୍ୟାରେ ବ୍ୟାପକ ଭଙ୍ଗାରୁଜା ଓ ହିଂସାକୁ ଦେଖି କୃଷକ ସଙ୍ଗଠନଗୁଡ଼ିକ ଏଥିରୁ ଛଡ଼ାଇ ହେବାକୁ ଉଦ୍ୟମ ଆରମ୍ଭ କରିଥିଲେ। ରାକେଶ ଟିକାଏତ୍ ଓ ଯୋଗେନ୍ଦ୍ର ଯାଦବଙ୍କ ଭଳି କୃଷକ ନେତା ହିଂସାତ୍ମକ କାର୍ଯ୍ୟକୁ ନିନ୍ଦା କରିବା ସହ ଶାନ୍ତି ବଜାୟ ପାଇଁ ଆନ୍ଦୋଳନକାରୀଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସେତେବେଳ ଯାଏ ଆଉ କିଛି ଘଟାଇବା ବାକି ନ ଥିଲା। ରାତିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ପୋଲିସ ପକ୍ଷରୁ ବିବୃତି ଜାରି କରି ହିଂସାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଗଲା। ବୁଧବାର ମାରାଥନ ବୈଠକ ବସିବା ପରେ ଦିଲ୍ଲୀ ପୋଲିସ ପକ୍ଷରୁ ୨୫ଟି ମାମଲା ରୁଜୁ କରାଯାଇଛି। ଅନେକ ଆଗଧାଡ଼ିର କୃଷକ ନେତାଙ୍କ ବିରୋଧରେ ଏଫ୍ଆଇଆର୍ ହୋଇଛି। ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅଟକ ରଖାଯାଇଛି। ପୋଲିସ ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରି ହିଂସା ସୃଷ୍ଟିକାରୀ ଲୋକଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ଇତିମଧ୍ୟରେ ହିଂସା ଯୋଗୁ ଅଭିଯାନ ବାଟବଣା ହୋଇଥିବା ଦର୍ଶାଇ ଦୁଇଟି କୃଷକ ସଙ୍ଗଠନ ଉକ୍ତ ଆନ୍ଦୋଳନରୁ ଓହରିଯାଇଛନ୍ତି। ଠାକୁର ଭାନୁ ପ୍ରତାପ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ କିଷାନ ୟୁନିୟନ (ଭାନୁ) ଏବଂ ଭି.ଏମ୍. ସିଂଙ୍କ ଅଲ୍ ଇଣ୍ଡିଆ କିଷାନ ସଂଘର୍ଷ କୋଅର୍ଡିନେଶନ କମିଟି ଆନ୍ଦୋଳନରୁ ହଟିଯାଇଥିବା ଘୋଷଣା କରିଛନ୍ତି।

### ଆଇନ ଶୃଙ୍ଖଳା ସମୀକ୍ଷା କଲେ ଶାହା

**ନୂଆଦିଲ୍ଲୀ, ୨୭।୧**



ଚାଷୀମାନଙ୍କ ଟ୍ରାକ୍ଟର ରାଲି ହିଂସାତ୍ମକ ସଂଘର୍ଷରେ ପରିଣତ ହେବାର ଦିନକ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୁଧବାର ଏକ ଉଚ୍ଚସ୍ତରୀୟ ବୈଠକରେ ଦିଲ୍ଲୀର ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। ସହରରେ ଶାନ୍ତି ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶାହା ବୁଝିଥିଲେ। ବୈଠକରେ ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା, ମନ୍ତ୍ରଣାଳୟ ଓ ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଶାନ୍ତିପୂର୍ଣ୍ଣ ଟ୍ରାକ୍ଟର ରାଲି ପାଇଁ କୃଷକ ନେତାମାନେ ପୋଲିସ ନିକଟରେ ଚୁକ୍ତି ସ୍ୱାକ୍ଷର କରିଥିଲେ। ସେମାନେ ପ୍ରତିଶ୍ରୁତି ରଖିବାରେ ବିଫଳ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଟ୍ରାକ୍ଟର ରାଲି ଲାଗି ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଦିଲ୍ଲୀ ପୋଲିସ ସହ ୪,୫୦୦ ଅର୍ଦ୍ଧସାମରିକ ଯବାନ ମୁତୟନ ହୋଇଥିଲେ। ହିଂସାପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ୧୨ ଘଣ୍ଟା ପାଇଁ ଇଣ୍ଟରନେଟ ସଂଯୋଗ ବିଚ୍ଛିନ୍ନ କରିଥିଲା।

> ସାଧାରଣତନ୍ତ୍ର ଦିବସରେ ଘଟିଥିବା ହିଂସା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦାୟୀ। ତାଙ୍କୁ କେନ୍ଦ୍ର କ୍ୟାବିନେଟରୁ ତୁରନ୍ତ ବହିଷ୍କାର କରାଯିବା ଉଚିତ।
>
> **– ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**

> ନିର୍ବାଚନ ହାରୁଥିବା କଂଗ୍ରେସ ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ଟ୍ରାକ୍ଟର ରାଲି ବେଳେ ହିଂସା ଉସୁକାଇଛି। ଲାଲକିଲ୍ଲାରେ ଜାତୀୟ ପତାକାର ଅପମାନକୁ ଦେଶ ବରଦାସ୍ତ କରିବ ନାହିଁ।
>
> **–ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ**

### ତଦନ୍ତ କମିଶନ ଗଠନ ପାଇଁ ସୁପ୍ରିମକୋର୍ଟରେ ଆବେଦନ

**ନୂଆଦିଲ୍ଲୀ, ୨୭।୧(ପି.ଟି.)**

କୃଷକମାନଙ୍କ ଟ୍ରାକ୍ଟର ରାଲି ବେଳେ ହିଂସାକାଣ୍ଡର ତଦନ୍ତ ଲାଗି ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ତଦନ୍ତ କମିଶନ ଗଠନ ନିମନ୍ତେ ସୁପ୍ରିମକୋର୍ଟରେ ବୁଧବାର ଆବେଦନ କରାଯାଇଛି। ହିଂସା ସୃଷ୍ଟି ସହ ସାଧାରଣତନ୍ତ୍ର ଦିବସରେ ଜାତୀୟ ପତାକାକୁ ଅସମ୍ମାନିତ କରିବା ଲାଗି ଯେଉଁ ବ୍ୟକ୍ତି ବା ସଂଗଠନ ଦାୟୀ ସେମାନଙ୍କ ବିରୋଧରେ ଏତଲା ଦାଏର ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ନୂତନ କୃଷି ଆଇନ ପ୍ରତ୍ୟାହାର ଦାବିକୁ ଅଧିକ ଦୃଢ଼ କରିବା ପାଇଁ ମଙ୍ଗଳବାର ଟ୍ରାକ୍ଟର ରାଲିର ଆୟୋଜନ କରାଯାଇଥିଲା। ତେବେ ହଜାର ହଜାର ଚାଷୀ ବ୍ୟାରିକେଡ୍ ଭାଙ୍ଗି ପୋଲିସ ସହ ସଂଘର୍ଷ କରିବା, ଗାଡ଼ି ଭଙ୍ଗାରୁଜା କରିବା ସହ ଲାଲ୍‌କିଲ୍ଲାରୁ ଧର୍ମୀୟ ପତାକା ଉଡାଇଥିଲେ। ଫଳରେ ଦିଲ୍ଲୀ ରାଜରାସ୍ତାରେ ଅରାଜକତା ଦେଖାଯାଇଥିଲା। ହିଂସାରେ ୩୦୦ରୁ ଊର୍ଦ୍ଧ୍ୱ ପୋଲିସ ଆହତ ହୋଇଛନ୍ତି। ଏହି ହିଂସାକାଣ୍ଡର ତଦନ୍ତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଦୁଇଜଣ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ନେଇ ଗଠିତ ୩ ଜଣିଆ ତଦନ୍ତ କମିଶନ କରିବା ଲାଗି ନିର୍ଦ୍ଦେଶ ଦେବା ପାଇଁ ଆଇନଜୀବୀ ବିଶାଳ ତିୱାରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି।



କେନ୍ଦ୍ରର କୃଷି ଆଇନ ବିରୋଧରେ ଆନ୍ଦୋଳନରତ ଚାଷୀ ଟ୍ରାକ୍ଟର ରାଲି ବେଳେ ବ୍ୟାରିକେଡ୍ ଭାଙ୍ଗି ଯାଉଥିବା ସମୟରେ ପୋଲିସ ଘଉଡ଼ାଉଛି।



ଟ୍ରାକ୍ଟର ପରେଡ ବେଳେ ଲାଲ୍‌କିଲା ନିକଟରେ ପହଞ୍ଚିଥିବା ଚାଷୀ।

## ଫେବୃୟାରୀ ୧ ପଦଯାତ୍ରା ସ୍ଥଗିତ

**ନୂଆଦିଲ୍ଲୀ, ୨୭।୧**



କେନ୍ଦ୍ର ସରକାରଙ୍କ ୩ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକ ସଂଗଠନଗୁଡ଼ିକ ଫେବୃୟାରୀ ୧ ତାରିଖରେ ପାର୍ଲାମେଣ୍ଟ ଭବନକୁ ପଦଯାତ୍ରାରେ ଯିବା ଲାଗି ପୂର୍ବରୁ ଘୋଷଣା କରିଥିଲେ। ତେବେ ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ହିଂସାକାଣ୍ଡ ପରେ ପ୍ରସ୍ତାବିତ ପଦଯାତ୍ରାକୁ ସ୍ଥଗିତ ରଖିବାକୁ କୃଷକ ନେତାମାନେ ବୁଧବାର ନିଷ୍ପତ୍ତି ନେଇଛନ୍ତି। ଫେବୃୟାରୀ ୧ରେ ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ ହେବାକୁ ଥିବାବେଳେ ଚାଷୀମାନେ ପଦଯାତ୍ରାରେ ସେଠାକୁ ଯିବା ଲାଗି ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଏହା ପରିବର୍ତ୍ତେ ଜାନୁୟାରୀ ୩୦ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ସେମାନେ ବିଭିନ୍ନ ସ୍ଥାନରେ ଜନସଭା କରିବା ସହ ଉପବାସ ପାଳନ କରିବେ। ଗାନ୍ଧୀ ହତ୍ୟାକାରୀ ଶକ୍ତି ବିରୋଧରେ ଏହି ଆନ୍ଦୋଳନ ହେବ ବୋଲି ଚାଷୀ ନେତା କହିଛନ୍ତି। ମଙ୍ଗଳବାର ୯୯.୯ ପ୍ରତିଶତ ଚାଷୀ ଶାନ୍ତିପୂର୍ଣ୍ଣ ଟ୍ରାକ୍ଟର ରାଲିରେ ଯାଇଥିଲେ। ଏହାକୁ ଭଣ୍ଡୁର କରିବା ପାଇଁ ସରକାରଙ୍କ ପକ୍ଷରୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି କୃଷକ ନେତାମାନେ ଅଭିଯୋଗ କରିଛନ୍ତି।

## ଅଭିବ୍ୟକ୍ତି ସ୍ୱାଧୀନତା ନିରଙ୍କୁଶ ନୁହେଁ

**ନୂଆଦିଲ୍ଲୀ, ୨୭।୧**

ଆମାଜନ ପ୍ରାଇମ୍ ୱେବ୍ ସିରିଜ୍ ‘ତାଣ୍ଡବ’ର ନିର୍ମାତା ଓ ଜଣେ ଅଭିନେତା ଗିରଫଦାରିରୁ ସୁରକ୍ଷା ଲାଗି କରିଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ଧର୍ମକୁ ଅପମାନିତ କରିବା ସହ ଲୋକଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବାରୁ ଭାରତୀୟ ଦଣ୍ଡସଂହିତାର ଧାରା ୧୫୩ଏ ଏବଂ ୨୯୫ ଅନୁଯାୟୀ ଉକ୍ତ ୱେବ୍ ସିରିଜ୍ ଅପରାଧ ମାମଲାର ସମ୍ମୁଖୀନ ହୋଇଛି। ତେଣୁ ତାଣ୍ଡବର ନିର୍ଦ୍ଦେଶକ, ଅଭିନେତା ଓ ଆମାଜନ ପ୍ରାଇମ୍ ଇଣ୍ଡିଆ ମୁଖ୍ୟ ଅପର୍ଣ୍ଣା ପୁରୋହିତ ଗିରଫଦାରିରୁ ବର୍ତ୍ତିବା ଲାଗି କରିଥିବା ଆବେଦନକୁ ଜଷ୍ଟିସ୍ ଅଶୋକ୍ ଭୂଷଣ, ଆର୍.ଏସ୍. ରେଡ୍ଡୀ ଏବଂ ଏମ୍.ଆର୍ ଶାହାଙ୍କ ଖଣ୍ଡପୀଠ ଖାରଜ କରିଦେଇଥିଲେ।



### ‘ତାଣ୍ଡବ’ ନିର୍ମାତାଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ଆପଣମାନଙ୍କ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାର ନିରଙ୍କୁଶ ନୁହେଁ। ଗୋଟିଏ ସମ୍ପ୍ରଦାୟର ଭାବାବେଗକୁ ଆଘାତ ଦେବା ଭଳି ଭୂମିକାରେ ଆପଣମାନେ ଅଭିନୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ୱେବ୍ ସିରିଜ୍ ନିର୍ଦ୍ଦେଶକ ଅଲି ଆବ୍ବାସ୍ ଜାଫାର, ନିର୍ମାତା ହିମାଂଶୁ ମେହେର ଏବଂ ୱେବ୍ ସିରିଜ୍ ମୁଖ୍ୟ ପୁରୋହିତଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ମାମଲା ରୁଜୁ ହୋଇଥିଲା।

# ଫୱାଦ୍‌ଙ୍କ ଶତକ: ପାକିସ୍ତାନ ଅଗ୍ରଣୀ

କରାଚୀ,୨୭।୧(ପି.ଟି.)

କରାଚୀ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ମିଡିଲ୍ ଅର୍ଡର ବ୍ୟାଟ୍ସମ୍ୟାନ ଫୱାଦ ଆଲମଙ୍କ ଶତକ, ଆଝାର ଅଲୀ ଓ ଫହିମ ଆଶ୍ରଫ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ପାକିସ୍ତାନ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬୯.୨ ଓଭରରେ ୨୨୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ପାକିସ୍ତାନ ୨୭ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିଥିଲା। ବୁଧବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ପାକିସ୍ତାନ ୧୦୭ ଓଭରରେ ୮ ଉଇକେଟ ହରାଇ ୩୦୮ ରନ ସଂଗ୍ରହ କରିଛି। ୨ ଉଇକେଟ ହାତରେ ରଖି ପାକିସ୍ତାନ ଏବେ ୮୮ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ହାସନ ଅଲୀ ୧୧ ଓ ନୌମାନ ଅଲୀ ୬ ରନକରି ଅପରାଜିତ ରହିଛନ୍ତି।

ଅପରାଜିତ ପ୍ରଥମ ଇନିଂସ ସ୍କୋର ୩୩/୪ରୁ ଖେଳ ଆରମ୍ଭ କରି ପାକିସ୍ତାନ ଦକ୍ଷିଣ ଆଫ୍ରିକା ବୋଲରମାନଙ୍କର ଉଚିତ ମୁକାବିଲା କରିଥିଲା। ଦୁଇ ଓଭରନାଇଟ ବ୍ୟାଟ୍ସମ୍ୟାନ ଆଝାର ଅଲୀ ଓ ଫୱାଦ ଆଲମ ପଞ୍ଚମ ଉଇକେଟରେ ୯୪ ରନକରି ସ୍ଥିତି ସମ୍ଭାଳିଥିଲେ। ୫ ରନରୁ ଖେଳ ଆରମ୍ଭ କରି ଅଲୀ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ଫୱାଦ ମଧ୍ୟ ୫ ରନରୁ ଖେଳ ଆରମ୍ଭ କରି ୧୦୯ ରନର ଲଢୁଆ ଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ରିଜୱାନ ୩୩ ଓ ଫହିମ ଆଶ୍ରଫ୍ ୬୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପ୍ୟାଭିଲିୟନ ଫେରିଥିଲେ। ସପ୍ତମ ଉଇକେଟରେ ଫୱାଦ ଓ ଫହିମ ୧୦୨ରନର ଭାଗୀଦାରି ସ୍ଥାପନ କରିଥିଲେ। ମଙ୍ଗଳବାର ଓପନର ଇମ୍ରାନ ଅଲୀ ଓ ଅବିଦ ଅଲୀ ଯଥାକ୍ରମେ ୯ ଓ ୪ ରନକରି ଆଉଟ ହୋଇଥିଲେ। ସେହିପରି ଅଧିନାୟକ ବାବର ଆଜମ ୭ ରନ କରି ଆଉଟ ହୋଇଥିବା ବେଳେ ନାଇଟ ୱାଚ୍‌ମ୍ୟାନ ଶାହିନ ଶାହା ଆଫ୍ରିଦି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ କାଗିସୋ ରାବାଡ଼ା, ଅନରିଚ୍ ନୋର୍ଜେ, ଲୁନ୍‌ଗି ଏନ୍‌ଗିଡି ଓ କେଶବ ମହାରାଜ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଶତକ ହାସଲ ପରେ ଫୱାଦ ଆଲମ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୬୯.୨ ଓଭରରେ ୨୨୦ ଅଲଆଉଟ।

ପାକିସ୍ତାନ ପ୍ରଥମ ଇନିଂସ: ୧୦୭ ଓଭରରେ ୩୦୮/୮ (ଫୱାଦ ଆଲମ- ୧୦୯, ଫହିମ ଆଶ୍ରଫ- ୬୪, ଆଝାର ଅଲି- ୫୧, ମହମ୍ମଦ ରିଜୱାନ- ୩୩, କାଗିସୋ ରବାଡ଼ା- ୨/୪୫, ଅନରିଜ ନୋର୍ଜେ- ୨/୮୪, ଲୁନ୍‌ଗି ଏନ୍‌ଗିଡି- ୨/୫୫, କେଶବ ମହାରାଜ- ୨/୭୧)।

# କୋହଲିଙ୍କୁ କେରଳ ହାଇକୋର୍ଟଙ୍କ ନୋଟିସ

**କୋଚି,୨୭।୧(ପି.ଟି.):** କେରଳ ହାଇକୋର୍ଟ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟକୁ ନୋଟିସ୍ ଜାରି କରିଛି। ମୁଖ୍ୟ ବିଚାରପତି ଏସ୍. ମନିକୁମାରଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ କୋହଲିଙ୍କ ସମେତ ମାଲାୟାଲମ ଅଭିନେତା ଅଜୁ ଭର୍ଗିସ ଓ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ତମନ୍ନା ଭାଟିଆଙ୍କୁ ମଧ୍ୟ ନୋଟିସ ଜାରି କରାଯାଇଛି। ଏକ ଅନ୍‌ଲାଇନ୍ ଗ୍ୟାମ୍ବଲିଂକୁ ବ୍ୟାନ୍ କରିବା ନେଇ କୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଏହି ସେଲିବ୍ରିଟିମାନେ ତାସକୁ ନେଇ ଖେଳାଯାଉଥିବା ଅନ୍‌ଲାଇନ୍ ଗେମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଥିଲେ। ପାଉଲି ଭାଡକ୍କାନ ନାମକ ଜଣେ ବ୍ୟକ୍ତି ଏହି ଅନ୍‌ଲାଇନ୍ ଗେମ୍‌କୁ ବାତିଲ କରିବାକୁ କୋର୍ଟରେ ପିଟିଶନ ଦାଏର କରିଥିଲେ। ଏହି ଗେମ୍ ଏବେ ରାଜ୍ୟରେ ବିଶୃଙ୍ଖଳା ସୃଷ୍ଟି କରିଛି। ସହଜରେ ଅର୍ଥ ଉପାର୍ଜନ କରିବାକୁ ମଧ୍ୟମରୁ ସ୍ୱଳ୍ପ ଆୟ କରୁଥିବା ଲୋକେ ଏହି ଅନ୍‌ଲାଇନ୍ ଗେମ୍‌ର ଉପଯୋଗ କରୁଛନ୍ତି ଓ ଏମାନେ ଠକାମିର ଶିକାର ହେଉଛନ୍ତି। ଏହି ଠକାମି ପ୍ଲାଟଫର୍ମର ଯାଦୁର ଶିକାର ହୋଇ ଲୋକେ ସେମାନଙ୍କ କଷ୍ଟ ଉପାର୍ଜିତ ଧନର ଅପବ୍ୟବହାର କରୁଛନ୍ତି। ରାଜ୍ୟରେ ଏକାଧିକ ଲୋକ ଏହି ଠକାମିର ଶିକାର ହୋଇଛନ୍ତି ବୋଲି ଭାଡକ୍କାନ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି। କିଛିଦିନ ତଳେ ଏଭଳି ଠକାମିର ଶିକାର ହୋଇ ଥିରୁଭାନନ୍ତପୁରମସ୍ଥିତ କାଟ୍ଟାକାଡ଼ାରେ ରହୁଥିବା ଇସ୍ରୋର ଜଣେ ୨୮ ବର୍ଷୀୟ କର୍ମଚାରୀ ଆତ୍ମହତ୍ୟାର ଶିକାର ହୋଇଛନ୍ତି। ଏହି ଅନଲାଇନ୍ ରୁମି ଗେମ୍‌ର ଜାଲରେ ପଡି ସେ ୨୧ ଲକ୍ଷ ଟଙ୍କା ଋଣ କରିଥିଲେ। ଋଣ ଶୁଝିବାର କୌଣସି ଉପାୟ ନ ପାଇ ଶେଷରେ ଆତ୍ମହତ୍ୟାର ପନ୍ଥା ବାଛିଥିଲେ ବୋଲି ସେ ପିଟିଶନରେ ଉଲ୍ଲେଖ କରିଛନ୍ତି।


ବିରାଟ କୋହଲି

ଏହି ଅନ୍ ଲାଇନ୍ ଗେମ୍ ବା ପ୍ଲାଟର୍ଫମ ପାଇଁ କୋହଲି, ତମନ୍ନା ଓ ବର୍ଗିସଙ୍କ ଭଳି ସେଲିବ୍ରିଟି ନିଜର ଷ୍ଟାରଡମ୍ ମାଧ୍ୟମରେ ପ୍ରଚାର ଓ ପ୍ରସାର କରୁଥିଲେ। ଏଥିରେ ଲୋକମାନେ ମିଥ୍ୟା ପ୍ରତିଶ୍ରୁତିର ଶିକାର ହୋଇ ଶେଷରେ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି। କେରଳ ଗେମିଂ ଆକ୍ଟ ୧୯୬୦ ଅନୁସାରେ ଜୁଆ, ଗ୍ୟାମ୍ବଲିଂ ଓ ବେଟିଂ ଭଳି କାର୍ଯ୍ୟକଳାପକୁ ବେଆଇନ ବୋଲି ଘୋଷଣା କରାଯାଇଛି। ପୂର୍ବରୁ ମଧ୍ୟ ଗୁଜରାଟ, ତାମିଲନାଡୁର ହାଇକୋର୍ଟ ଏଭଳି ଅନ୍‌ଲାଇନ୍ ଗେମ୍ ନେଇ କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ମୋବାଇଲ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ ଓ ଅନ୍ୟାନ୍ୟ କମ୍ୟୁନିକେଶନ ଉପକରଣ ଦ୍ୱାରା ଏଭଳି ଅନ୍‌ଲାଇନ ଗେମ୍‌ର ସଂଚାଳନ କରାଯିବା ଉପରେ ବ୍ୟାନ୍ ଲାଗୁ କରିବାକୁ କିମ୍ବା ଏହି ପ୍ଲାଟଫର୍ମଗୁଡିକ ଉପରେ କଡ଼ା ନଜର ରଖାଯିବାକୁ ଏହି ପିଟିଶନରେ ଉଲ୍ଲେଖ କରାଯାଇଛି।

# ପୁଣି ଡାକ୍ତରଖାନାରେ ସୌରଭ ଗାଙ୍ଗୁଲି



**କୋଲକାତା, ୨୭।୧:** ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ତଥା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ପୁଣି ଥରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ହସ୍ପିଟାଲରେ ତାଙ୍କର ଏକାଧିକ ଟେଷ୍ଟ କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସେଭଳି କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି କୋଲକାତା ଆପୋଲୋ ହସ୍ପିଟାଲ ତରଫରୁ କୁହାଯାଇଛି। ବୁଧବାର ରାତିରେ ସେ ହସ୍ପିଟାଲରେ ରହିବେ। ଗୁରୁବାର ଡାକ୍ତର ତାଙ୍କର ଏନ୍‌ଜିଓଗ୍ରାଫି କରିପାରନ୍ତି। ଜାନୁୟାରୀ ୨ ତାରିଖରେ ସେ ସାମାନ୍ୟ ହୃଦ୍‌ଘାତର ଶିକାର ହୋଇଥିଲେ ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏନ୍‌ଜିଓପ୍ଲାଷ୍ଟି କରାଯାଇଥିଲା। ଚିକିତ୍ସା କରାଯିବା ପରେ ତାଙ୍କୁ ୭ ତାରିଖରେ ରିଲିଜ୍ କରାଯାଇଥିଲା। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ୪୮ ବର୍ଷୀୟ ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଗାଙ୍ଗୁଲି ଡ୍ରାଇଭରଙ୍କ ପାଖ ସିଟ୍‌ରେ ବସି ନିଜ କାରରେ ହସ୍ପିଟାଲ ଆସିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଇମର୍ଜେନ୍ସି ରୁମ୍‌କୁ ନିଆଯାଇଥିଲା।

# ତୋଫାନ, ଅଂଶୁମାନ, ଆଶୁତୋଷଙ୍କ ପ୍ରଭାବୀ ବୋଲିଂ

ଭୁବନେଶ୍ୱର, ୨୭।୧
(କ୍ରୀଡ଼ା ପ୍ରତିନିଧି)


ତୋଫାନ ଗୌଡ଼ା


ଆଶୁତୋଷ ଦାସ


ଧନଞ୍ଜୟ ଯାଦବ


ହେମନ୍ତ ନାୟକ

**ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ପାରାଦୀପ, କିଟ୍, ନୟାଗଡ଼, ରାଉରକେଲା, ଝାରସୁଗୁଡ଼ା ଓ ଗଞ୍ଜାମ ଦଳ ବିଜୟ ହାସଲ କରିଛି।

ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ରାଉରକେଲା ୭ ଉଇକେଟରେ ଖୋର୍ଦ୍ଧାକୁ ହରାଇଛି। ଖୋର୍ଦ୍ଧା ୫୦ ଓଭରରେ ୭ ଉଇକେଟ ହରାଇ ୧୯୭ ରନ କରିଥିଲା। ଜବାବରେ ରାଉରକେଲା ୪୧.୩ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଶତକରୁ ବଞ୍ଚିତ ହୋଇଥିବା ହେମନ୍ତ ନାୟକ ୯୪ ରନ କରି ଦଳକୁ ସହଜ ବିଜୟ ଦେଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୧୧୦ ରନରେ ରାୟଗଡ଼ାକୁ ହରାଇଛି। ଗଞ୍ଜାମ ୪୪.୩ ଓଭରରେ ୨୦୮ ରନକରି ସମସ୍ତ ଉଇକେଟ ହରାଇଥିବାବେଳେ ରାୟଗଡ଼ା ୩୫.୩ ଓଭରରେ ୯୮ ରନକରି ଅଲ୍‌ଆଉଟ ହୋଇଥିଲା। ବିଜୟୀ ଦଳର ତୋଫାନ ଗୌଡ଼ା ଓ ଅଂଶୁମାନ ସାମନ୍ତ ୫ ଉଇକେଟ ସଫଳତା ପାଇଥିଲେ। ବିଡ଼ାନାସୀ ଗ୍ରାଉଣ୍ଡ ମ୍ୟାଚରେ ଝାରସୁଗୁଡ଼ା ୧୨ ରନରେ କେନ୍ଦୁଝରକୁ ହରାଇ ଦେଇଛି। ଝାରସୁଗୁଡ଼ାର ଧନଞ୍ଜୟ ଯାଦବ ୯୦ ରନ କରିଥିଲେ। ନିମପୁର ଗ୍ରାଉଣ୍ଡରେ ନୟାଗଡ଼ ୫ ଉଇକେଟରେ ବୌଦ୍ଧକୁ ପରାସ୍ତ କରିଛି। ବିଜୟୀ ଦଳର ଆଶୁତୋଷ ଦାସ ୬ ଉଇକେଟ ସଫଳତା ପାଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ କିଟ୍ ୧୭ ରନରେ ସୁନ୍ଦରଗଡ଼କୁ ହରାଇଛି। ବିଓଏସ୍‌ଇ ପଡ଼ିଆରେ ପାରାଦୀପ ୧୦୩ ରନରେ ମାଲକାନଗିରିକୁ ହରାଇ ଦେଇଛି।

# ପୁରସ୍କାର ଦୌଡ଼ରେ ପନ୍ତ, ଅଶ୍ୱିନ

**ଦୁବାଇ,୨୭।୧(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏବେ ନୂଆକରି ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଛି। ଏହି ପୁରସ୍କାର ଦୌଡ଼ରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସାମିଲ ହୋଇଛନ୍ତି । ଏହି ଦୁଇ ଖେଳାଳିଙ୍କୁ ବାଦ୍ ଦେଲେ ମହମ୍ମଦ ସିରାଜ ଓ ଟି. ନଟରାଜନ ମଧ୍ୟ ଏହି ପୁରସ୍କାର ଦୌଡ଼ରେ ସାମିଲ ରହିଛନ୍ତି। କିଛି ଦିନ ତଳେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ଐତିହାସିକ ବିଜୟରେ ଏହି ୪ଜଣ ଖେଳାଳି ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟର ସବୁ ଫର୍ମାଟ୍‌ରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଆଇସିସି ତରଫରୁ କୁହାଯାଇଛି। ଜାନୁୟାରୀ ମାସ ପାଇଁ ଏହି ପୁରସ୍କାର ଦୌଡ଼ରେ ସାମିଲ ଥିବା ଅନ୍ୟ ଖେଳାଳିମାନେ ହେଲେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍, ଅଷ୍ଟ୍ରେଲିଆ ତାରକା ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍, ଆଫଗାନିସ୍ତାନର ରାହାମାନୁଲ୍ଲା ଗୁରବାଜ, ଦକ୍ଷିଣ ଆଫ୍ରିକାର ମାରିଜନେ କାପ୍ପ ଓ ନାଡିନ ଡି କ୍ଲର୍କ ଏବଂ ପାକିସ୍ତାନର ନିଦା ଦାର। ପ୍ରତି ମାସରେ ପ୍ରଶଂସକମାନେ ଅନ୍‌ଲାଇନ୍‌ରେ ମତଦାନ କରି ଏହି ପୁରସ୍କାର ପାଇଁ ସେମାନଙ୍କ ପୁରୁଷ ଓ ମହିଳା କ୍ରିକେଟରମାନଙ୍କୁ ଚୟନ କରିବେ। ଏଥିରେ ପ୍ରତି ମାସରେ ସମ୍ପୃକ୍ତ ଖେଳାଳିଙ୍କ ସବୁ ଫର୍ମାଟର ପ୍ରଦର୍ଶନକୁ ବିଚାରକୁ ନିଆଯିବ। ସେହିପରି ବିଶ୍ୱର ପୂର୍ବତନ ଖେଳାଳି, ବ୍ରୋଡ୍‌କାଷ୍ଟର ଓ ଜର୍ନାଲିଷ୍ଟଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଆଇସିସି ଭୋଟିଂ ଏକାଡେମୀ ସହିତ ପ୍ରଶଂସକମାନେ ମତଦାନ ମାଧ୍ୟମରେ ବିଜେତାଙ୍କୁ ଚୟନ କରିବେ। ଏହି ପୁରସ୍କାର ମାଧ୍ୟମରେ ପ୍ରଶଂସକଙ୍କ ସହିତ ଯୋଡି ହୋଇ ରହିବୁ ବୋଲି ଆଇସିସି ଜେନେରାଲ ମ୍ୟାନେଜର- କ୍ରିକେଟ ଜେଫ୍ ଆଲାରଡାଇସ୍ କହିଛନ୍ତି। ଏହା ଦ୍ୱାରା ପୁରୁଷ ଓ ମହିଳା କ୍ରିକେଟରମାନଙ୍କ ବିଶ୍ୱସ୍ତରୀୟ ପ୍ରଦର୍ଶନକୁ ମାନ୍ୟତା ମିଳିବ ବୋଲି ସେ କହିଛନ୍ତି। ପ୍ରତ୍ୟେକ ବର୍ଗ ପାଇଁ ୩ଜଣ ନୋମିନିଙ୍କୁ ଆଇସିସି ଆୱାର୍ଡ ନୋମିନେଶନ କମିଟି ସ୍ଥିର କରିବ। ପ୍ରତ୍ୟେକ ମାସର ପ୍ରଥମରୁ ଶେଷ ଦିନ ପର୍ଯ୍ୟନ୍ତ ଅନ୍- ଫିଲ୍ଡ ପରଫର୍ମାନ୍ସ ଓ ଓଭରଅଲ ପ୍ରଦର୍ଶନକୁ ବିଚାର କରି କମିଟି ନୋମିନି ସ୍ଥିର କରିବ।

# ରେଡ୍, ଭାଓଲେଟ୍ ବିଜୟୀ

ଭୁବନେଶ୍ୱର, ୨୭।୧
(କ୍ରୀଡ଼ା ପ୍ରତିନିଧି)

**ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ ଓଡ଼ିଶା ରେଡ୍ ଓ ଭାଓଲେଟ୍ ଦଳ ବିଜୟ ହାସଲ କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚରେ ରେଡ୍ ୨୮ ରନରେ ପର୍ପଲକୁ ହରାଇଥିବାବେଳେ ଅପରାହ୍ନରେ ଭାଓଲେଟ ୩ ରନରେ ଗ୍ରୀନ୍‌କୁ ପରାସ୍ତ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଡ୍ ୨୦ ଓଭରରେ କୌଣସି ଉଇକେଟ ନ ହରାଇ ୧୨୬ ରନ କରିଥିଲା। ଅଧିନାୟିକା ମାଧୁରୀ ମେହେଟା ୫୮ ବଲ୍‌ରୁ ୬ ଚୌକା ସହ ୬୩ ଏବଂ କାଜଲ ଜେନା ୬୨ ବଲ୍‌ରୁ ୪ ଚୌକା ସହାୟତାରେ ୫୧ ରନକରି ଅପରାଜିତ ରହିଥିଲେ। ଜବାବରେ ପର୍ପଲ ୨୦ ଓଭରରେ ୫ ଉଇକେଟ ହରାଇ ୯୮ ରନ କରି ପାରିଥିଲା। ଅଧିନାୟିକା ସରିତା ମେହେର ସର୍ବାଧିକ ୫୪ ରନ କରିଥିଲେ। ବିଜୟୀ ଦଳର ସ୍ୱର୍ଣ୍ଣଲତା ନାୟକ ଓ ତନ୍ମୟୀ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ମାଧୁରୀ ଓମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ଅମିତ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାଓଲେଟ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୨୨ ରନ କରିଥିଲା। ଅଧିନାୟିକା ଅଞ୍ଜଲି ସିଂ ସର୍ବାଧିକ ୩୦ ରନ କରିଥିଲେ। ବିପକ୍ଷ ଦଳର ସୁଶ୍ରୀ ସିଂ ଓ ରୋସନାରା ପରବିନ ୩ଟି ଲେଖାଏ ଉଇକେଟ ନେଇଥିଲେ। ୧୨୩ ରନ ବିଜୟ ଲକ୍ଷ୍ୟରେ ଗ୍ରୀନ୍ ୨୦ ଓଭରରେ ୫ ଉଇକେଟ ହରାଇ ୧୧୯ ରନରେ ସୀମିତ ରହିଥିଲା। ସରୋଜିନୀ ଗିରି ସର୍ବାଧିକ ୪୦ ଓ ସୁମିତ୍ରା ସାହୁ ୩୪* ରନ କରିଥିଲେ ହେଁ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ଦଳର କଳ୍ପନା ନାୟକ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୮ ରନ ଦେଇ ସର୍ବାଧିକ ୨ଟି ଉଇକେଟ ପାଇଥିଲେ। ସେଥିପାଇଁ ତାଙ୍କୁ ଓମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ସଦସ୍ୟ ଉପେନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ୨୬ ତାରିଖରେ ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍‌କୁ ରେଡ୍ ଏବଂ ୟେଲୋକୁ ପର୍ପଲ ପରାସ୍ତ କରିଥିଲା।

# ଆଇପିଏଲ୍ ନିଲାମ ୧୮ରେ

**ନୂଆଦିଲ୍ଲୀ,୨୭।୧(ପି.ଟି.):** ଆଇପିଏଲ ୨୦୨୧ ପାଇଁ ଫେବୃୟାରୀ ୧୮ରେ ଖେଳାଳି ନିଲାମ ହେବ। ଏହି ହାଇପ୍ରୋଫାଇଲ ଖେଳାଳି ନିଲାମ ଚେନ୍ନାଇରେ ଆୟୋଜନ କରାଯିବ ବୋଲି ଆଇପିଏଲ୍ ଆୟୋଜକମାନେ ସୂଚନା ଦେଇଛନ୍ତି। ଆଇପିଏଲ୍ ଟୁଇଟର ହ୍ୟାଣ୍ଡଲରେ ଏ ନେଇ ଘୋଷଣା କରାଯାଇଛି। ଚେନ୍ନାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଦୁଇଟି ଖେଳାଯିବା ପରେ ଏହି ମିନ ଅକ୍ସନର ଆୟୋଜନ ହେବ। ପ୍ରଥମ ଟେଷ୍ଟ ଫେବୃୟାରୀ ୫ରୁ ଓ ଦ୍ୱିତୀୟ ଟେଷ୍ଟ ୧୩ରୁ ଆରମ୍ଭ ହେବ।

ଏଥର ଆଇପିଏଲ ଭାରତରେ ଆୟୋଜନ ହେବା ନେଇ ଭାରତୀୟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୌଣସି ନିଷ୍ପତ୍ତି ନେଇନାହିଁ।

# ଆଇସିସି ର୍‍ୟାଙ୍କିଙ୍ଗ୍

**ଦୁବାଇ, ୨୭।୧ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ତାରକା ଓପନର ରୋହିତ ଶର୍ମା ୨ ନମ୍ବର ସ୍ଥାନରେ ରହିଛନ୍ତି। ସେହିପରି ବୋଲିଂ ତାଲକାରେ ଯଶପ୍ରୀତ ବୁମ୍‌ରା ପୂର୍ବପରି ତୃତୀୟ ସ୍ଥାନରେ ରହିଛନ୍ତି। କୋହଲି ତାଙ୍କ ଶେଷ ଦୁଇଟି ଦିନିକିଆରେ ୮୯ ଓ ୬୩ ରନ ସଂଗ୍ରହ କରି ୮୭୦ ପଏଣ୍ଟ ହାସଲ କରିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**



ସାଈସିଦ୍ଧି ମହାନ୍ତି (ସିପ୍ରା)
ଆଜି ତୋର ପ୍ରଥମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା, ଶୁଭକାମନା ଓ ଶୁଭାଶୀର୍ବାଦ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହ ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ: ମମି, ବାବା, ମାମା, ପାପା, ଗଣେଶ, କାର୍ତ୍ତିକ ଓ ମହାନ୍ତି ପରିବାର ।
ଧ-୧୯୭୫୧

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ
ସ୍ୱ ହାଲୁରି ପ୍ରଧାନ
ଗୋପାଳପୁର, ନୟାଗଡ଼
ଆବିର୍ଭାବ: ୨୩।୦୧।୧୯୨୨
ତିରୋଧାନ: ୧୦।୦୧।୨୦୨୦
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାରବିନ୍ଦରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ: ବଡ଼ପୁଅ: ରବୀନ୍ଦ୍ର, ଲକ୍ଷ୍ମୀଧର, ପୁତ୍ରବଧୂ: ନିରୁପମା, ସଂଯୁକ୍ତା, ନାତି, ନାତୁଣୀ ଓ ବୋହୂ
ଧ-୭୦୪୧୮

ଦ୍ୱାଦଶାହ ଉପଲକ୍ଷେ
ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି



ସ୍ୱ ଅନସୂୟା ମହାପାତ୍ର
ସ୍ୱାମୀ: ଲିଙ୍ଗରାଜ ମହାପାତ୍ର
୨୧୩୨/୨୩୦୧, ନାଗେଶ୍ୱର ଟାଙ୍ଗୀ
ତିରୋଧାନ: ୧୭।୦୧।୨୦୨୧ (ରବିବାର)
ବୋଉ, ତୋର ମମତା, କର୍ମ, ତ୍ୟାଗ, ଆତ୍ମୀୟତା ଆମ୍ଭମାନଙ୍କର ଚିରଦିନ ମନେରହିବ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ରିନା, ନୀତା, ପରିବାରବର୍ଗ, ବନ୍ଧୁ ଏବଂ କୁଟୁମ୍ବ ସମସ୍ତେ
ଧ-୧୯୭୩୫

୧୨ତମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଡାକ୍ତର ବ୍ରହ୍ମାନନ୍ଦ ସାବତ
ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ
ଆବିର୍ଭାବ : ୧୯୪୧ ଫେବୃୟାରୀ ୨୧ ତାରିଖ (ଗୁରୁବାର)
ତିରୋଧାନ : ୨୦୦୯ ଜାନୁଆରୀ ୨୮ ତାରିଖ (ବୁଧବାର)
ତୁମର ଅତୁଟ ସ୍ନେହ, ପ୍ରେମ, ଧର୍ମନିଷ୍ଠା, ସେବାପରାୟଣତା ଏବଂ କର୍ତ୍ତବ୍ୟନିଷ୍ଠା ଯୋଗୁଁ ତୁମେ ଚିରଦିନ ଆମ ପାଖରେ ଅମର ହୋଇ ରହିଅଛ ଓ ରହିଥିବ । ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଅମର ଆତ୍ମାକୁ ଚିରଦିନ ସଦ୍‌ଗତି ଓ ଶାନ୍ତି ଦିଅନ୍ତୁ । ଏତିକି ତାଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ ।
ଚିରଦୁଃଖୀ ତୁମର ସ୍ତ୍ରୀ ଓ ପିଲାମାନେ
ଧ-୬୯୩୬୭

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱ ଅନୁପମା ସାହୁ (ଝୁନୁ)
(ଉପର ବାଘଲୁଣ୍ଡା, ଧଳପୁର, ଢେଙ୍କାନାଳ)
ଆବିର୍ଭାବ: ୧୩।୦୬।୧୯୬୯
ତିରୋଧାନ: ୧୮।୦୧।୨୦୨୧
ଚାହିଁ ଚାହିଁ ଏଗାର ଦିନ ବିତିଗଲା। କଥା ଦେଇ ମୋର ହାତଧରି ଜୀବନ ସାରା ଚାଲିବାକୁ କହି, ଅଧାବାଟେ ତୁମର ଦୁଇଟି ଅମୂଲ୍ୟ ରତ୍ନକୁ ଦେଇ କୁଆଡ଼େ ଚାଲିଗଲ, ଆଉ ଫେରୁନାହଁ, ଚାହିଁରହିଛି। ମୋତେ ହରାଇ ତୁମେ ଜିତିଗଲ, ତୁମର ସେହି ସ୍ନେହ, ଆଦର ଭଲପାଇବାର ସ୍ମୃତିକୁ ପାଥେୟ କରି ବାକି ଜୀବନ ବିତାଇବି। ହେ ପ୍ରଭୁ ଜଗନ୍ନାଥ, ମୋର ଜୀବନ ସାଥୀର ଆତ୍ମାର ସଦ୍‌ଗତି କରନ୍ତୁ। (ଜୟ ଜଗନ୍ନାଥ) ।
ତୁମର: ନରୋତ୍ତମ, ଅନି, ସୁନୀ, ମାମୁନି, ଦମୟନ୍ତୀ, ମୃଷା, ସଞ୍ଜୁ, ନିରଞ୍ଜନ ତଥା ଅନ୍ୟାନ୍ୟ ଶୋକାକୁଳ ପରିବାର ବର୍ଗ ।
ଧ-୭୦୩୧୧

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

New Year Dhamaka
BUSINESS
Lucky Draw
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ ।
CONTACT
8226999000

M (GROUP)
Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହଲିଉଡ୍‌ରେ ଜ୍ୟାକ୍‌ଲିନ୍



ଜ୍ୟାକ୍‌ଲିନ୍ ଫର୍ନାଡିସ୍‌ଙ୍କ ଖୁସି କହିଲେ ନ ସରେ। କାରଣ କ’ଣ ଜାଣନ୍ତି? ସେ ଏବେ ଆଉ ଏକ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଅର୍ଥାତ୍, ବଲିଉଡ୍ ପରେ ସେ ହଲିଉଡ୍‌ରେ ପାଦ ଦେଇଛନ୍ତି। ଏକ ନାରୀକୈନ୍ଦ୍ରିକ ହଲିଉଡ୍ ଫିଲ୍ମରେ ଅଭିନୟ କରିବାକୁ ସେ ଚୁକ୍ତିବଦ୍ଧ ହୋଇଛନ୍ତି। ଏହାର ଟାଇଟଲ୍ ରହିଛି ‘ଶେୟାରିଂ ଏ ରାଇଡ୍’। ଏଥିରେ ଜ୍ୟାକ୍‌ଲିନ୍‌ଙ୍କ ବ୍ୟତୀତ କାରା ଡେଭିଲେଞ୍ଜୋ, ଇଭା ଲୋଙ୍ଗିରା, ମାରିକା ଗେ ହାର୍ଡେନ, ଲିନୋର ଭେରିଲା ମଧ୍ୟ ଅଭିନୟ କରିବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଲିନା ଯାଦବ। ଏ ସମ୍ପର୍କରେ ଜ୍ୟାକ୍‌ଲିନ୍ କହନ୍ତି, ‘ଯେତେବେଳେ ଏହି ଅଫରଟି ମୋତେ ମିଳିଲା ମୋର ଖୁସିର ସୀମା ରହି ନ ଥିଲା। କାରଣ ଏହାର କାହାଣୀ ମୋ ମନକୁ ଛୁଇଁଥିଲା। ଏଭଳି କାହାଣୀକୁ ଆଧାର କରି ପ୍ରସ୍ତୁତ ସିନେମାରେ ଅଭିନୟ କଲେ ତାହା ମୋ କ୍ୟାରିୟରକୁ ଆହୁରି ମାଇଲେଜ୍ ଦେବ।’ ବଲିଉଡ୍‌ରେ ଏଣ୍ଟ୍ରି କରିବା ପରେ ଜ୍ୟାକ୍‌ଲିନ୍ କାହିଁ କେତେ ସ୍ୱପ୍ନ ଦେଖିଥିଲେ। ହେଲେ ସେ ନାୟିକା ଦୌଡ଼ରେ ବେଶ୍ ପଛରେ ପଡ଼ିଯାଇଛନ୍ତି। ତେବେ ହଲିଉଡ୍‌ରେ ଜ୍ୟାକ୍‌ଲିନ୍ କି କମାଲ କରୁଛନ୍ତି ଦେଖିବାକୁ ବାକି ରହିଲା।



ସମ୍ବିତ୍–ଦେବଯାନୀ

## ଯାହା ଚାହୁଁଥିଲେ ସମ୍ବିତ୍

ମଣିଷର ଆଶା ତ ଅସୁମାରି! ହେଲେ ବେଳେବେଳେ ଜଣେ ଯାହା ଚାହୁଁଥାଏ, ତାହା ହାତପାହାନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଭୂମିକାରେ ଅଭିନୟ କରିବା ପରେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି କେମିତି ଆଶା ରଖିଛନ୍ତି ସମ୍ବିତ୍ ଆଚାର୍ଯ୍ୟ। ହଁ, ସିନେମାଟି ହେଲା ‘ଇନ୍ଦ୍ରଜାଲ’। ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ବେଳେବେଳେ ସେହି ଘଟଣା ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟିକରେ। ଆଉ ତାହାର ଆଶାତୀତ ଦଣ୍ଡ ଭୋଗିବାକୁ ମଧ୍ୟ ପଡ଼ିଥାଏ। ସେପରି ଏକ ରହସ୍ୟମୟ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଏହି ନୂଆ ଓଡ଼ିଆ ସିନେମା। ଆର.ଆର. ଇଭେଣ୍ଟ୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ରମେଶ ବାରିକ। ‘ଜୋର୍ କା ଝଟକା’ ପରେ ପିନ୍ନୁ ନାୟକ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମଦାର। ‘ଇନ୍ଦ୍ରଜାଲ’ର ମୁଖ୍ୟ ଭୂମିକାରେ ସମ୍ବିତ୍ ଆଚାର୍ଯ୍ୟ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦେବଯାନୀ।

## ଅନୁଶୋଚନାର ସମୟ ଆସିଛି

“ଦିନ ଥିଲା, ଓଡ଼ିଆ ଉପନ୍ୟାସ ହେଉ କି ନିଛକ ଓଡ଼ିଆ ବାସ୍ନା ଥିବା କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଉଥିଲା; ଆଉ ତାହାକୁ ଦର୍ଶକ ପସନ୍ଦ କରୁଥିଲେ। ଗୋଟିଏ ସିନେମାରୁ ମନଲାଖି ରିଟର୍ନ ପାଇବା ପରେ ଜଣେ ପ୍ରଯୋଜକ ଆଉ ଗୋଟିଏ ସିନେମା ପାଇଁ ମନ ବଳାଉଥିଲା। ହେଲେ ଏବେ କପି ଭାଇରସ୍ ଓଡ଼ିଆ କାହାଣୀକୁ ଗ୍ରାସ କରିଛି।”



ଓଡ଼ିଆ ସିନେମାକୁ ନେଇ ଗତ କିଛିବର୍ଷ ହେଲା ବେଶ୍ ଆଲୋଚନା ହେଉଛି। ନିଛକ ଓଡ଼ିଆ କାହାଣୀଠାରୁ ଆମ ସିନେମା ଦୂରେଇ ଯାଇଛି। ଅଧିକାଂଶ ଓଡ଼ିଆ ସିନେମାକୁ ଅନ୍ୟ ଭାଷାରେ ନିର୍ମିତ ଫିଲ୍ମରୁ ଉତରାଯାଉଛି। ପୁଣି କେତେଜଣ ବାହାବା ନେବାକୁ ଓଡ଼ିଆ ସିନେମା ନିର୍ମାଣ କରୁଛନ୍ତି। ଏ ବିଷୟରେ ଆଦୌ ଜ୍ଞାନ ନ ଥାଇ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଲମ୍ବା ଚଉଡ଼ା ଭାଷଣ ଦେବାକୁ କେତେକ ପ୍ରଯୋଜକ ପଛାଉ ନାହାନ୍ତି। ଆଉ ଯେତେବେଳେ ସିନେମା ପରଦା ଉପରକୁ ଆସୁଛି, ସେତେବେଳେ ଅବସ୍ଥା କ’ଣ ହେଉଛି ତାହା କହିବା ବାହୁଲ୍ୟ। ଗୋଟିଏ ପଟେ ଓଡ଼ିଆ ସିନେମା ଦେଖିବାକୁ ଦର୍ଶକଙ୍କ ଆଗ୍ରହ ଦିନକୁଦିନ କମିଯାଉଛି। ଏପରି କି ପ୍ରିମିୟର ଶୋ’ରେ ହାଉସ୍‌ଫୁଲ ନ ହେବା ନଜିର କିଛି କମ୍ ନୁହେଁ। ତେବେ କ’ଣ ପାଇଁ ଆମ ସିନେମାର ଅବସ୍ଥା ଏପରି ହେଉଛି– ଏହା ଚିନ୍ତା କରିବାର ସମୟ ଆସିଛି।

ପ୍ରଥମ କଥା ହେଲା, ଓଡ଼ିଆ ସିନେମା ନିର୍ମାଣ କରିବା ମାନସିକତା। ଚଳଚ୍ଚିତ୍ରଟିଏ ନିର୍ମାଣ କରିବା ପୂର୍ବରୁ ଏ ସମ୍ପର୍କିତ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। କିନ୍ତୁ ଏବେ ପ୍ରଯୋଜକ ସାଜିବାକୁ ମଇଦାନକୁ ଓହ୍ଲାଉଥିବା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଏ ସମ୍ପର୍କରେ ଟିକିଏ ହେଲେ ଜ୍ଞାନ ନାହିଁ। କେମିତି ନିଜ ନାମ ପଛରେ ପ୍ରଯୋଜକ ଯୋଡ଼ି ଦେଲେ ଆମେ ଚର୍ଚ୍ଚାର ପରିସରକୁ ଆସିବୁ। ତେଣିକି ସିନେମା ନିର୍ମାଣ ଚୁଲିକୁ ଯାଉ। ଏଭଳି ଧାରା ଯଦି ଏମିତି ଜାରି ରହେ, ତେବେ ଓଡ଼ିଆ ସିନେମା କେଉଁ ସ୍ତରକୁ ଖସିଯିବ ତାହା ସହଜେ ଅନୁମେୟ। ଦ୍ୱିତୀୟ କଥା ହେଲା– କାହାଣୀ ଚୟନ। ଦିନ ଥିଲା, ଓଡ଼ିଆ ଉପନ୍ୟାସ ହେଉ କି ନିଛକ ଓଡ଼ିଆ ବାସ୍ନା ଥିବା କାହାଣୀକୁ ଆଧାର କରି ଚଳଚ୍ଚିତ୍ରଟିଏ ନିର୍ମାଣ କରାଯାଉଥିଲା, ଆଉ ତାହାକୁ ଦର୍ଶକ ମଧ୍ୟ ପସନ୍ଦ କରୁଥିଲେ। ଗୋଟିଏ ସିନେମାରୁ ମନଲାଖି ରିଟର୍ନ ପାଇବା ପରେ ଜଣେ ପ୍ରଯୋଜକ ଆଉ ଗୋଟିଏ ସିନେମା ପାଇଁ ମନ ବଳାଉଥିଲା। ହେଲେ ଏବେ କପି ଭାଇରସ୍ ଓଡ଼ିଆ କାହାଣୀକୁ ଗ୍ରାସ କରିଛି। ଏମିତି ଅନେକ ଓଡ଼ିଆ ସିନେମା ଅଛି, ଯାହାର କିଛି ଅଂଶ ଦେଖିବା ପରେ ଜଣେ ସଚେତନ ଦର୍ଶକ ‘ଏହା ଅମୁକ ତାମିଲ, ତେଲୁଗୁ କିମ୍ବା ହିନ୍ଦୀ ସିନେମାରୁ କପି ହୋଇଛି’ ବୋଲି ନିର୍ଭୀକତାର ସହ ମତ ଦେଇପାରୁଛି। ତେଣୁ କୌଣସି ଅନ୍ୟ ଭାଷାରେ ନିର୍ମିତ ଫିଲ୍ମର ଓଡ଼ିଆ ଅନୁବାଦ ଦେଖିବାକୁ ବହୁ ଦର୍ଶକ ପଶ୍ଚାଦ୍‌ପଦ ହେଉଛନ୍ତି। ଆଉ ଏକ କଥା ହେଲା– କଳାକାର ଚୟନ। କେତେକ ସିନେମାର କଳାକାର ଚୟନ ଏପରି ହେଉଛି, ଯାହା ଚଳଚ୍ଚିତ୍ରକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଉଛି।

ଗତ କିଛିବର୍ଷ ହେବ ପ୍ରତିବର୍ଷ ପାଖାପାଖି ୩୦ କିମ୍ବା ତା’ଠାରୁ ଅଧିକ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି। ହେଲେ ହାତଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳୁଛି। ପାଖାପାଖି ୯୦–୯୫% ଚଳଚ୍ଚିତ୍ର ଫ୍ଲପ୍ ହେଉଛି। ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ବଢ଼ୁଛି– ଏହା ନିଶ୍ଚୟ ଭଲ କଥା। ପରିସଂଖ୍ୟାନ ଦୃଷ୍ଟିକୋଣରୁ ଆମେ ଉଲ୍ଲସିତ ହେଉଛେ, ହେଲେ ଦର୍ଶକଙ୍କୁ ପୂରାଦମ୍‌ରେ ପ୍ରଭାବିତ କରିବା ଭଳି ସିନେମାଟିଏ ଦେଖିବା ସାତସପନ ହୋଇଗଲାଣି। ଯେଉଁ ସିନେମାରୁ କପି କରୁଛନ୍ତି ତାହାର ନିର୍ମାଣ ଶୈଳୀ, ବଜେଟ ବିଷୟରେ ଭଲ ଭାବରେ ଅବଗତ ହେବା ଦରକାର। ଆମର ଏଠି ବଜେଟ ସୀମିତ। ତେଣୁ ବିଗ୍ ବଜେଟ ଫିଲ୍ମକୁ କପି କରି ଏଠାରେ ଲୋକହସା ହେବା ସାର। ତେଣୁ ଏବେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଚିନ୍ତା କରିବାର ଉପଯୁକ୍ତ ସମୟ ଆସିଛି। ଏକ ନିର୍ଦ୍ଦିଷ୍ଟ ଯୋଜନା ସହ ସିନେମାଟିଏ ନିର୍ମାଣ କଲେ, ତାହା ଦର୍ଶକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ନ ହେଲେ ସିନେମା ସଂଖ୍ୟା ସିନା ବଢ଼ି ଚାଲିବ, ହେଲେ ଚଳଚ୍ଚିତ୍ରଗୁଡ଼ିକର ଗୁଣାତ୍ମକ ମାନ କମିଯିବାର ଯଥେଷ୍ଟ ଆଶଙ୍କା ରହିଛି।

– ଶୁଭ୍ର ମହାପାତ୍ର

## ଟେନସନ୍‌ରେ ଜାହ୍ନବୀ



ଜାହ୍ନବୀ କପୁରଙ୍କ ଟେନସନ୍ ଏବେ ବଢ଼ିଯାଇଛି। କାରଣ ସେ ଆକ୍ଟିଂକୁ ବାଦ୍ ଦେଇ ଆଉ ଏକ କାମରେ ନିଜକୁ ନିୟୋଜିତ ରଖିଛନ୍ତି। ପୁଣି ସୀମିତ ସମୟ ଭିତରେ ଏହି କାମଟିକୁ ଶେଷ କରିବାକୁ ପଡ଼ିବ। ଅସଲ କଥା ହେଲା, ପାପା ବୋନିଙ୍କ ପରାମର୍ଶ ଅନୁସାରେ ସେ ଏକ କାହାଣୀ ଖୋଜିବାରେ ବ୍ୟସ୍ତ ଅଛନ୍ତି। ନିକଟରେ ବୋନି ନିଜ ହୋମ୍ ବ୍ୟାନରରେ ଏକ ସିନେମା ପ୍ରଯୋଜନା କରିବାକୁ ଯୋଜନା କରୁଛନ୍ତି। ଏହି ଫିଲ୍ମରେ ନାୟିକା ସାଜିବେ ତାଙ୍କର ତନୟା ଜାହ୍ନବୀ। ତା’ସହ ଏହାର କାହାଣୀ ଚୟନ ଦାୟିତ୍ୱ ଜାହ୍ନବୀଙ୍କ ଉପରେ ଅର୍ପଣ କରିଛନ୍ତି ବୋନି। ତେଣୁ ଏହାକୁ ନେଇ ସେ ଏବେ ବ୍ୟସ୍ତ। ଏ ବିଷୟରେ ଜାହ୍ନବୀ କହନ୍ତି, “ପାପା ମୋତେ ଏ ନେଇ ସୂଚନା ଦେବା ପରେ ମୋର ଟେନସନ୍ ଟିକେ ବଢ଼ିଯାଇଛି। ତଥାପି ଯାହା ହେଲେ ବି ମୁଁ ଏକ ଭଲ କାହାଣୀଟିଏ ନିଶ୍ଚୟ ଖୋଜିପାଇବି ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।” ତେବେ ଜାହ୍ନବୀଙ୍କ କାହାଣୀ ମିଶନ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଏଥର ସୁପାରିକିଲର

ଅଂଶୁମାନ୍ ସାମନ୍ତରାୟ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ରିଲିଜ୍ ଅପେକ୍ଷାରେ ଥିବା ହରିଶ ଶର୍ମାଙ୍କ ହିନ୍ଦୀ ସିନେମା ‘ମାୟରା’ରେ ତାଙ୍କୁ ଏକ ସୁପାରିକିଲର ଭୂମିକାରେ ଦେଖିବାକୁ ମିଳିବ। ଏ ନେଇ ଅଂଶୁମାନ୍



ଅଂଶୁମାନ୍

କହନ୍ତି, “ଏହି ଭୂମିକାରେ କେତେ ଦମ୍ ଅଛି ତାହା ମୁଁ ଜାଣିଛି। ଯେଉଁଭଳି ଭୂମିକାଟିଏ ଚାହୁଁଥିଲି ତାହା ମୋତେ ମିଳିଯାଇଛି। ଏହାବ୍ୟତୀତ ‘ଏହସାସ୍’ ନାମକ ଆଉ ଏକ ସିନେମା ରିଲିଜ୍ ଅପେକ୍ଷାରେ ରହିଛି। କେବଳ ସେତିକିନୁହେଁ, ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ‘ତୁ ମୋର ନିହାତି ଦରକାର’ର ମୁଖ୍ୟ ଖଳନାୟକ ଭୂମିକାରେ ମୁଁ ଅଭିନୟ କରିଛି। ଏହି ଫିଲ୍ମରେ ପାଣି ଭିତରେ ଏକ ଫାଇଟ୍ ଶଟ୍ ଶୁଟିଂ କରାଯାଇଛି, ଯାହା ଫିଲ୍ମର ମୁଖ୍ୟ ଆକର୍ଷଣ।” ତେବେ ଦୁଇଟି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ତାଙ୍କ ହାତରେ ୨–୩ଟି ବଲିଉଡ୍ ଅଫର ରହିଛି। ଏହାବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏକ ଭୋଜପୁରୀ ଫିଲ୍ମରେ ସେ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରିବେ। ସେପଟେ ଭଲ ଭୂମିକାକୁ ସବୁବେଳେ ଗୁରୁତ୍ୱ ଦେବି ବୋଲି କହନ୍ତି ଏହି ଅଭିନେତା।

## ଦୋଛକିରେ କ୍ରିତି

କ୍ରିତି ସାନନ ଏବେ ଦୋଛକିରେ ପଡ଼ିଯାଇଛନ୍ତି। କାରଣ ତାଙ୍କୁ ମିଳିଥିବା ଏକ ନୂଆ ଅଫରରେ ସେ ଦୁଇଟି ଭୂମିକାରେ ଅଭିନୟ କରିବେ। ସେଥିରେ ପୁଣି ଗୋଟିଏ ଭୂମିକା ଦିବ୍ୟାଙ୍ଗ। ତେଣୁ ଏଭଳି ଭୂମିକା ଦ୍ୱୟକୁ କିପରି ତୁଲାଇବେ ସେ ନେଇ ଅଡୁଆରେ ପଡ଼ିଯାଇଛନ୍ତି। “ମୋତେ ଯେତେବେଳେ ଏହି ଅଫର ମିଳିଲା ଏବଂ ନିଜ ଭୂମିକା ବିଷୟରେ ପ୍ରଯୋଜକ ମୋତେ ଅବଗତ କଲେ, ଏ ନେଇ କି ନିଷ୍ପତ୍ତି ନେବି ଅଡୁଆରେ ପଡ଼ିଯାଇଥିଲି। ତଥାପି ଏଥିପାଇଁ ପ୍ରଯୋଜକ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଭୂମିକା ଦ୍ୱୟକୁ ତୁଲାଇବା ଏତେ ସହଜ ନୁହେଁ। ତଥାପି ଭାବୁଛି ଯଦି ମୁଁ ରିସ୍କ ନିଏ, ତେବେ ସଫଳ ହେବି। ହେଲେ ଏ ନେଇ ମାନସିକ ସ୍ତରରେ ମୋତେ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହିଛନ୍ତି କ୍ରିତି।” ଏହି ଅଫରକୁ ବାଦ୍ ଦେଲେ ଆଉ ଦୁଇଟି ସିନେମାରେ ଅଭିନୟ କରିବାକୁ କଥାବାର୍ତ୍ତା ଚାଲିଛି ବୋଲି ସୂଚନା ଦେଇଛନ୍ତି।



## ଶିବ୍‌ଙ୍କ ନୂଆ ଅବତାର

କଥାରେ ଅଛି– ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। କଥା କ’ଣ କି ଅଭିନେତା ଶିବ୍‌ଙ୍କୁ ମିଳିଛି ତାଙ୍କର ମନଲାଖି ଭୂମିକାଟିଏ। ଚଳଚ୍ଚିତ୍ରଟି ହେଲା ‘ଗୁରୁଦେବ’। ଏ ସମ୍ପର୍କରେ ଶିବ୍ କହନ୍ତି, ‘ମୋତେ ମିଳୁଥିବା ଯେକୌଣସି ଭୂମିକାକୁ ନେଇ ମୁଁ ପରୀକ୍ଷାନିରୀକ୍ଷା କରିଥାଏ। ‘ଗୁରୁଦେବ’ ଚଳଚ୍ଚିତ୍ରରେ ଯେଉଁ ରୋଲ୍‌ଟି ମିଳିଛି, ତାହା ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।’ ଅନ୍ୟପକ୍ଷରେ ଏହି ଫିଲ୍ମରୁ ଦର୍ଶକ ସ୍ପେଶାଲ ଚାର୍ମ ପାଇବେ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ ସତ୍ୟଜିତ ତ୍ରିପାଠୀ। ଏସ୍.ଡି. ଫିଲ୍ମସ୍ ବ୍ୟାନରରେ ଏହାର ଶୁଟିଂ ଆରମ୍ଭ ହୋଇଯାଇଛି। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ସରୋଜ କାନ୍ତ। ଏହି ଫିଲ୍ମର ନାୟକ ସାଜୁଛନ୍ତି ଥିଏଟର ଅଭିନେତା ଦେବାନନ୍ଦ। ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ପିୟାଲି। ଉକ୍ତ ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡ଼ନାୟକ।



ଶିବ୍

# ଫୁଟ୍‌ବଲର ବିକାଶ ପାଇଁ ଆଉ ଏକ ପଦକ୍ଷେପ


କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଏଆଇଏଫ୍ଏଫ୍ ଇ-ସାର୍ଟିଫିକେଟ କୋର୍ସ ଆରମ୍ଭ ଅବସରରେ ଅଂଶଗ୍ରହଣକାରୀଙ୍କ ସହ ଅତିଥିମାନେ।

### ଏଆଇଏଫ୍ଏଫ୍ ଇ-ସାର୍ଟିଫିକେଟ କୋର୍ସ ଆରମ୍ଭ

**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟରେ ଫୁଟବଲର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆଉ ଏକ ପଦକ୍ଷେପ ନିଆ ଯାଇଛି। ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଇ-ସାର୍ଟିଫିକେଟ କୋର୍ସ ବୁଧବାର ଆରମ୍ଭ ହୋଇଛି। ତୃଣମୂଳ ସ୍ତରରୁ ଫୁଟବଲକୁ ଉଚ୍ଚସ୍ତରରେ ପହଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ। ୩ଟି ବ୍ୟାଚ୍‌ରେ ଏହା ଦୁଇ ସପ୍ତାହ ଧରି ଚାଲିବ। ପ୍ରତି ବ୍ୟାଚ୍‌ରେ ୨୪ ଜଣ ଲେଖାଏ ଅଂଶଗ୍ରହଣକାରୀ ରହିବେ। ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା କୋଚ୍‌ମାନଙ୍କର ଦକ୍ଷତାରେ ଉନ୍ନତି ଆଣିବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। କୋଚ୍‌ମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ କହିଲେ ଯେ, ଓଡ଼ିଶାରେ ଫୁଟ୍‌ବଲ ଇକୋସିଷ୍ଟମ୍‌ରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଏଆଇଏଫ୍ଏଫ୍ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। କେବଳ ଓଡ଼ିଶାର ନୁହେଁ ଦେଶର ସବୁସ୍ଥାନରେ ଯେପରି ବାଳିକା ବାଳକମାନେ କ୍ୱାଲିଟି ଟ୍ରେନିଂ ପାଇପାରିବେ ତା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷ କରି ୬ରୁ ୧୨ ବର୍ଷର ପିଲାଙ୍କୁ ଯେପରି ଉପଯୁକ୍ତ ଟ୍ରେନିଂ ଦିଆଯାଇ ପାରିବ ତାକୁ ଲକ୍ଷ୍ୟକରି କୋଚ୍‌ମାନଙ୍କ ଲାଗି ଇ-ସାର୍ଟିଫିକେଟ କୋର୍ସର ଆୟୋଜନ କରାଯାଇଛି। କୋଚ୍‌ମାନେ ଦକ୍ଷହେଲେ ଉନ୍ନତ ମାନର ଟ୍ରେନିଂ ଦେଇପାରିବେ। ଏହି ଅବସରରେ ସେ ଅଭିଜ୍ଞ କୋଚ୍ ଶୁଭେନ୍ଦୁ ପଣ୍ଡାଙ୍କୁ ଉଦାହରଣ ଭାବେ ନେଇଛନ୍ତି। କ୍ରୀଡ଼ା ଛାତ୍ରାବାସଗୁଡ଼ିକ ଡେ' ବୋର୍ଡିଂ ପ୍ରୋଗ୍ରାମରେ ଆରମ୍ଭ ହେବ ବୋଲି ନିକଟରେ ଘୋଷଣା କରାଯାଇଛି। ତେଣୁ ୬ରୁ ୧୨ ବର୍ଷର ପିଲାମାନଙ୍କ ଉପରେ ଅଧିକ ଫୋକସ କରାଯାଉଛି। ତୃଣମୂଳ ସ୍ତରରେ ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହେବ। ଫଳରେ ରାଜ୍ୟରେ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କର ଏକ ପୁଲ୍ ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଛନ୍ତି। ରାଜ୍ୟରେ ଫୁଟ୍‌ବଲକୁ ପ୍ରୋତ୍ସାହନ ପାଇଁ କ୍ରୀଡ଼ା ବିଭାଗର ଉଦ୍ୟମକୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରଶଂସା କରିଛନ୍ତି। ରାଜ୍ୟରେ କ୍ରୀଡ଼ାକୁ ବିଶେଷ କରି ଫୁଟ୍‌ବଲକୁ ସହଯୋଗର ହାତ ବଢ଼ାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ମୁଁ କୃତଜ୍ଞ ବୋଲି ଆଶୀର୍ବାଦ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଫାଓର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ଟେନିସ୍: ପ୍ରିଶା ରନର୍ସ ଅପ୍

**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)**

ଛତିଶଗଡ଼ ରାଜ୍ୟ ଟେନିସ ଆସୋସିଏଶନ (ସିଏସ୍‌ଟିଏ) ଆନୁକୂଲ୍ୟରେ ରାୟପୁରର ୟୁନିୟନ କ୍ଲବ ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ଟେନିସ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରିଶା ଦାସ ରନର୍ସ ଅପ୍ ହୋଇଛନ୍ତି। ଚଳିତ ମାସ ୨୫ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରିଶା ପ୍ରିକ୍ୱାର୍ଟରରେ ଛତିଶଗଡ଼ର ତନିଷ୍କା ଭଟନାଗରଙ୍କୁ ୮-୨, କ୍ୱାର୍ଟର ଫାଇନାଲରେ ସେହି ରାଜ୍ୟର ନନ୍ଦିକା ଅଗ୍ରୱାଲଙ୍କୁ ୯-୩ ଏବଂ ସେମିଫାଇନାଲରେ ଚଣ୍ଡିଗଡ଼ର ଅଶପ୍ରୀତ ହନ୍ସ କୌରଙ୍କୁ ୯-୨ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଫାଇନାଲରେ ସେ ମହାରାଷ୍ଟ୍ରର ସେଜାଲ ଭୁତାଦାଙ୍କଠାରୁ ୩-୬, ୪-୬ ସେଟ୍‌ରେ ହାରି ଯାଇଥିଲେ। ପ୍ରିଶା ପଟିଆସ୍ଥିତ ଫାରାନ ଅଲୀ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି।



ସେଜାଲ ଭୁତାଦାଙ୍କ ସହ ପ୍ରିଶା ଦାସ (ବାମ)।




# ମୟୂରୀ, ଈଶ୍ୱର ଚାମ୍ପିୟନ



ଚାମ୍ପିୟନ ଏମ୍. ଈଶ୍ୱର ରାଓ ଓ ମୟୂରୀ ଚାଟାର୍ଜୀ ଟ୍ରଫି ସହ।

### ରାଜ୍ୟ ଟେବୁଲ ଟେନିସ

**ଭୁବନେଶ୍ୱର, ୨୭।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୨୬ତମ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ ଭଦ୍ରକର ମୟୂରୀ ଚାଟାର୍ଜୀ ଓ ପୁରୁଷରେ କଟକର ଏମ୍. ଈଶ୍ୱର ରାଓ ଚାମ୍ପିୟନ ହୋଇଛନ୍ତି।

ମହିଳା ଫାଇନାଲରେ ମୟୂରୀ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇଙ୍କୁ ୪-୦(୧୧-୯, ୧୧-୮, ୧୧-୭, ୧୧-୯)ରେ ପରାସ୍ତ କରିଥିଲେ। ସେହିପରି ପୁରୁଷ ଫାଇନାଲରେ ଈଶ୍ୱର କଟକର କେ. କାର୍ତ୍ତିକଙ୍କୁ ୪-୦(୧୧-୪, ୧୧-୪, ୧୩-୧୧, ୧୨-୧୦)ରେ ହରାଇ ଦେଇଥିଲେ। କ୍ୟାଡେଟ୍ ବାଳିକା ଫାଇନାଲରେ ସାଧିକା ସଦାବରମଙ୍କୁ ୩-୦ରେ ଉର୍ଜା ବର୍ମା, କ୍ୟାଡେଟ ବାଳକ ଫାଇନାଲରେ ଜିଜ୍ଞାସୁ ସାହୁ ୩-୧ରେ ଅନିନ୍ଦ୍ୟ ଦାସଙ୍କୁ ହରାଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସବ୍‌ଜୁନିୟର ବାଳିକାରେ ଶ୍ୱେତପଦ୍ମା ସୁପର ଗ୍ରୁପ୍ ଲିଗ୍‌ରେ ସାନିଆ ମିଶ୍ରଙ୍କୁ ପଛରେ ପକାଇ ଚାମ୍ପିୟନ ହୋଇଥିବାବେଳେ ବାଳକରେ ଜିଜ୍ଞାସୁ ୪-୦ରେ ଅନିନ୍ଦ୍ୟଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ। ଜୁନିୟର ବାଳିକାରେ ଶ୍ୱେତପଦ୍ମା ୪-୦ରେ ନନ୍ଦିନୀ ବିଶ୍ୱାଳଙ୍କୁ ଏବଂ ବାଳକରେ ମୋହିତ ବେହୁରେ ୪-୧ରେ ତୁହିନ ବାରିକଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଯୁଥ୍ ବାଳକ ସିଙ୍ଗଲ୍ସରେ ଏମ୍. ଈଶ୍ୱର ରାଓ ୪-୦ରେ ମୋହିତଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସିଏମ୍‌ସି କମିଶନର ଅନନ୍ୟା ଦାସ ମୁଖ୍ୟ ଅତିଥି, ମୋନିକା ନାୟାର ପଟ୍ଟନାୟକ ସମ୍ମାନିତ ଅତିଥି ଏବଂ ରବୀନ୍ଦ୍ର ପରିଡ଼ା, ଚିତ୍ତରଞ୍ଜନ ମହାନ୍ତି, ନିହାର ରଞ୍ଜନ ମିଶ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




# ଚେନ୍ନାଇରେ ପହଞ୍ଚିଲେ ଇଂଲଣ୍ଡ ଖେଳାଳି

**ଚେନ୍ନାଇ,୨୭।୧(ପି.ଟି.):** ଭାରତ ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଅଧିନାୟକ ଜୋ ରୁଟ୍‌ଙ୍କ ସମେତ ଇଂଲଣ୍ଡ କ୍ରିକେଟ ଦଳର କେତେକ ସଦସ୍ୟ ବୁଧବାର ଚେନ୍ନାଇରେ ଆସି ପହଞ୍ଚିଛନ୍ତି। ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟ ଚେନ୍ନାଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ସପୋର୍ଟ ଷ୍ଟାଫ୍‌ର କେତେଜଣ ସଦସ୍ୟଙ୍କ ସମେତ କେତେଜଣ ଭାରତୀୟ ଖେଳାଳି ମଧ୍ୟ ଏଠାରେ ପହଞ୍ଚିଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରୁଟ୍ ଓ ତାଙ୍କ ସାଥୀ ଖେଳାଳି ସକାଳ ୧୦.୩୦ରେ ଶ୍ରୀଲଙ୍କାରୁ ଭାରତ ଗସ୍ତ କରିଥିଲେ। ଏଠାରେ ପହଞ୍ଚିବା ପରେ ଖେଳାଳିମାନେ ସିଧା ଟିମ୍ ହୋଟେଲକୁ ଯାଇଥିଲେ। ହୋଟେଲରେ ଦୁଇ ଦଳର ସଦସ୍ୟ ବାୟୋ ବବଲ୍ ଅର୍ଥାତ ଜୈବ ସୁରକ୍ଷିତ ପରିବେଶରେ ରହିବେ ବୋଲି ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ)ର ଜଣେ ଅଧିକାରୀ କହିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଭ୍ରମଣକାରୀ ଇଂଲଣ୍ଡ ୨-୦ରେ କ୍ଲିନ୍ ସୁଇପ୍ କରିଥିଲା। ଅଧିନାୟକ ରୁଟ୍ ଦୁଇଟି ବୃହତ୍ ଶତକ ଅର୍ଜନ କରିଥିଲେ। ପୂର୍ବରୁ ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ରବିବାର ଏଠାରେ ଆସି ପହଞ୍ଚି କ୍ୱାରାଣ୍ଟାଇନରେ ରହିଥିଲେ। ସେହିପରି ରୋହିତ ଶର୍ମା, ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ମଙ୍ଗଳବାର ରାତିରେ ଆସି ପହଞ୍ଚିଥିଲେ। ଚେତେଶ୍ୱର ପୂଜାରା, ଯଶପ୍ରୀତ ବୁମ୍‌ରା ଓ ରିଷଭ ପନ୍ତ ବୁଧବାର ସକାଳେ ଏଠାରେ ଆସି ପହଞ୍ଚିଛନ୍ତି। ଟିମ୍ କୋଚ୍ ରବି ଶାସ୍ତ୍ରୀ ମୁମ୍ବାଇରୁ ସିଧା ଆସିଥିବା ବେଳେ ଅନ୍ୟ ଖେଳାଳିମାନେ ମଧ୍ୟ ଦେଶର ବିଭିନ୍ନ ସ୍ଥାନରୁ ଏଠାରେ ଆସି ପହଞ୍ଚିଛନ୍ତି। ଅଧିନାୟକ ବିରାଟ କୋହଲି ମଧ୍ୟ ବୁଧବାର ଏଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିଲା। ଦୁଇ ଦଳର ଖେଳାଳି ହୋଟେଲ ଲିଲା ପ୍ୟାଲେସ୍‌ରେ ରହିବେ। କୋଭିଡ୍-୧୯ ପ୍ରୋଟୋକଲ୍ସ ଅନୁଯାୟୀ ଖେଳାଳିମାନେ କ୍ୱାରାଣ୍ଟାଇନ୍‌ରେ ରହିବେ ଓ ସେମାନଙ୍କର କରୋନା ଟେଷ୍ଟ ମଧ୍ୟ ହେବ। ଖେଳାଳିମାନେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ଓ ଫେବୃୟାରୀ ୨ ତାରିଖରୁ ଅଭ୍ୟାସ କରିବେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଚିଲିକା ମତ୍ସ୍ୟଜୀବୀ ସଂଘର ସମାବେଶ

**କଣାସ,(ସ୍ୱ.ପ୍ର.):** କଣାସ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର କଉଡିଖିଣି ଗ୍ରାମରେ ଚିଲିକା ମତ୍ସ୍ୟଜୀବୀ ସଂଘର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ମାଧବ ବେହେରା ସଭାପତିତ୍ୱ କରିଥିଲେ। ଚିଲିକାରେ ମଶାରି ଜାଲ ବ୍ୟବହାରର ପ୍ରତିବାଦ କରାଯିବା ସହ ମାଟିବନ୍ଧ ଘେରି ଉଚ୍ଛେଦ ପାଇଁ ଦାବି କରାଯାଇଥିଲା। ଗାଦିବ୍ରହ୍ମ ସମବାୟ ସମିତି, ଉତ୍ତର ଚିଲିକା ସମବାୟ ସମିତି, ମା' ଜାଗେଶ୍ୱରୀ ସମବାୟ ସମିତିକୁ ସୁଭଦ୍ରାପୁର ମୌଜାରେ ଥିବା ମତ୍ସ୍ୟଦିଆ ସୌରତକୁ ଲିଜ୍ ଦେବା ସହ ବିଭିନ୍ନ ଦାବି ଆଲୋଚନା ହୋଇଥିଲା। ବୈଠକରେ ଦଣ୍ଡପାଣି ବେହେରା ଭାମସେନ ବେହେରା, ମାଗା ବେହେରା, କୁବେର ବେହେରା, ବିରଞ୍ଚି ବେହେରା, ଅନାମ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ସେବାୟତଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ

**ସଂକ୍ରମଣ ଆଶଙ୍କାରେ ପଦକ୍ଷେପ**

- ଏକ ମାସ ପର୍ଯ୍ୟନ୍ତ ଚାଲିବ
- ଦିନକୁ ୫୦ ଜଣଙ୍କ ସ୍ୱାବ୍ ସଂଗ୍ରହ



ମହାସୁଆର ନିଯୋଗର ଜଣେ ସେବାୟତଙ୍କ ସ୍ୱାବ୍ ସଂଗ୍ରହ କରାଯାଉଛି।

**ପୁରୀ ଅଫିସ,୨୭।୧**

ଶ୍ରୀମନ୍ଦିର ସେବାୟତ ମାନଙ୍କର ବୁଧବାର ଠାରୁ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ଏହା ଆସନ୍ତା ମାର୍ଚ୍ଚ ୧ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ୫୦ଜଣଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇ ସ୍ୱାବ୍ ସଂଗ୍ରହ ହେବ। ଏଥିଲାଗି ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉତ୍କଳ ହିନ୍ଦୀ ବିଦ୍ୟାପୀଠ ପରିସରରେ କ୍ୟାମ୍ପ ଖୋଲାଯାଇଛି। ସମସ୍ତ ନିଯୋଗର ସେବାୟତ, ଶ୍ରୀମନ୍ଦିର କାର୍ଯ୍ୟାଳୟ କର୍ମଚାରୀ ଏବଂ ଭକ୍ତନିବାସର କର୍ମଚାରୀମାନେ ଏହି ଟେଷ୍ଟ ପ୍ରକ୍ରିୟାରେ ସାମିଲ ହେବେ।

ବୁଧବାରଠାରୁ ସୁଆର-ମହାସୁଆର ନିଯୋଗର ସେବାୟତମାନଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ଏହା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଫେବୃୟାରୀ ୧ରୁ ପୁଷ୍ପାଳକ ନିଯୋଗ ଓ ୩ ତାରିଖରେ ପୂଜାପଣ୍ଡା ନିଯୋଗର ପାଳି ପଡ଼ିବ। ସେହିଭଳି ସେବାୟତଙ୍କ ପାଳି ସରିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀ, ସାନିଟାଇଜ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ଭକ୍ତନିବାସ କର୍ମଚାରୀଙ୍କ ଟେଷ୍ଟ ହେବ। ଶେଷରେ ଧାର୍ଯ୍ୟ ଦିନରେ ଟେଷ୍ଟ କରିପାରି ନ ଥିବା ସେବାୟତଙ୍କୁ ପୁଣି ଥରେ ସୁଯୋଗ ମିଳିବ। କେଉଁ ତାରିଖରେ କେଉଁ ସେବାୟତଙ୍କ କୋଭିଡ୍ ଟେଷ୍ଟ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ଏକ ତାଲିକା ପ୍ରକାଶ କରିଛି। ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସେବାୟତଙ୍କ ମଧ୍ୟରେ କୋଭିଡ୍ ସଂକ୍ରମଣ ନେଇ ଆଶଙ୍କା ମଧ ବଢ଼ିଛି। ଏଣୁ ସେବାୟତମାନଙ୍କ କୋଭିଡ୍ ଟେଷ୍ଟ କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ବୁଧବାର ପ୍ରଥମ ଦିନରେ ସୁଆର-ମହାସୁଆର ନିଯୋଗର ସେବାୟତମାନେ ଉତ୍କଳ ହିନ୍ଦୀ ବିଦ୍ୟାପୀଠରେ ପହଞ୍ଚି ନିଜର କୋଭିଡ୍ ଟେଷ୍ଟ କରାଇଛନ୍ତି। କୋଭିଡ୍ ଟେଷ୍ଟ କ୍ୟାମ୍ପ ଦାୟିତ୍ୱରେ ଥିବା ନୋଡାଲ୍ ଅଫିସରଙ୍କ କହିବା ଅନୁଯାୟୀ, ଆର୍‌ଟିପିସିଆର୍ ଟେଷ୍ଟ ପ୍ରକ୍ରିୟା ଚାଲୁ ରହିବ। ସଂକ୍ରମିତ ଚିହ୍ନଟ ହେବା ପରେ ଏମାନଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯିବ। ସୂଚନାଯୋଗ୍ୟ, ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଟିକାକରଣ ପାଇଁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲା। ଏହି ସୁପାରିସ ଉପରେ କୌଣସି ନିଷ୍ପତ୍ତି ହୋଇ ନ ଥିବା ବେଳେ ସେବାୟତମାନଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କୋଭିଡ୍ ଟେଷ୍ଟ ଆରମ୍ଭ ହୋଇଥିଲେ ମଧ ସେବାୟତଙ୍କୁ ଆଇସୋଲେସନରେ ରଖିବା ନେଇ ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ...

### ଡ୍ରାଇଭରଙ୍କୁ ହତ୍ୟା କରି ଲୁଟିନେଲେ କାର୍

**ଭୁବନେଶ୍ୱର,୨୭।୧(ବ୍ୟୁରୋ) :** ଭୁବନେଶ୍ୱର ଜାଗମରାରୁ ଭଡ଼ାରେ ଯାଇଥିବା ଜଣେ କାର୍ ଡ୍ରାଇଭରଙ୍କୁ କୋରାପୁଟରେ ହତ୍ୟା କରାଯାଇଛି। ମୃତଦେହକୁ ବୋରିଗୁମ୍ମା ଛତରଲା ଗ୍ରାମର ଏକ ଧାନ ବିଲରେ ଫିଙ୍ଗି ଦୁର୍ବୃତ୍ତମାନେ କାର୍ ନେଇ ପଳାଇଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ୨୦/୨୧ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ଡ୍ରାଇଭର ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ନୂଆସାହିର ସୁଧିର କୁମାର ସାହୁ(୪୨)। ଗତ ୨୪ ତାରିଖରେ ଭୁବନେଶ୍ୱରରୁ ବାଲିଗୁଡା ଅଭିମୁଖେ କାର ଭଡାରେ ବାହାରିଥିଲେ। ୨୫ ତାରିଖରେ ରାୟଗଡାଦେଇ ଯାଉଥିବା ନେଇ ପରିବାର ଓ ସାଙ୍ଗଙ୍କୁ ଜଣାଇଥିଲେ। ମାତ୍ର ତା'ପରେ ତାଙ୍କର ଫୋନ ଆଉ ଲାଗି ନ ଥିଲା। ବୁଧବାର ଅପରାହ୍ନରେ ବୋରିଗୁମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

### ଆଜି ଅଲାରନାଥଙ୍କ ପୁଷ୍ପାଭିଷେକ

**ବ୍ରହ୍ମଗିରି,୨୭।୧(ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ଭଳି ଗୁରୁବାର ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥଙ୍କ ମଧ ହେବ ପୁଷ୍ପାଭିଷେକ। ଏ ନେଇ ବୁଧବାର ସେବାୟତମାନଙ୍କ ଦ୍ୱାରା ପଞ୍ଚତୀର୍ଥ ଜଳ ସଂଗୃହିତ ହୋଇଛି। ବୁଧବାର ମନ୍ଦିରର ସମସ୍ତ ନୀତିକାନ୍ତି ଶେଷ କରି ସେବାୟତମାନେ ଏହି ପଞ୍ଚ ତିର୍ଥ ଜଳ ସଂଗ୍ରହରେ ବାହାରି ପଡ଼ିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ପଞ୍ଚତୀର୍ଥ ଅର୍ଥାତ ମହୋଦଧି, ଅର୍ଜୁନଙ୍କ ଶରପୋଖରୀ ଏବଂ ତ୍ରିବେଣୀ ଘାଟକୁ ଯାଇ ଏହି ଜଳ ସଂଗ୍ରହ କରାଯାଇ ମନ୍ଦିର ମଧରେ ରଖାଯାଇଛି। ଗୁରୁବାର ସକାଳୁ ମହାପ୍ରଭୁଙ୍କ ୧୦୮ କଳସ ଜଳରେ ମହାସ୍ନାନ କରାଯିବା ପରେ ପୁଷ୍ପାଭିଷେକ ଲାଗି ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ସରିଥିବା ମନ୍ଦିରର ବରିଷ୍ଠ ସେବାୟତ ନାରାୟଣ ପୂଜା ପଣ୍ଡା ଓ ନୀଳମଣି ସୁଆର ସୂଚନା ଦେଇଛନ୍ତି।

### ବିଧାୟକଙ୍କ ମାରାଥନ ଉଦ୍‌ଘାଟନ

**ସାକ୍ଷୀଗୋପାଳ,୨୭।୧(ଡି.ଏନ୍.ଏ.):** ସାଧାରଣତନ୍ତ୍ର ଦିବସ ଅବସରରେ ବ୍ଲକ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ୯ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ମାରାଥନ ଉଦ୍‌ଘାଟନ କରିଛନ୍ତି। ୧୩ଟି ଅଙ୍ଗନୱାଡି କେନ୍ଦ୍ରର ନୂତନଗୃହ, ୨ କୋଠଘର, କ୍ଲବଘର ଓ ରାଜୀବ ସେବା କେନ୍ଦ୍ର ଏହି ଅବସରରେ ଉଦ୍‌ଘାଟିତ ହୋଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ବିଡିଓ କ୍ଷୀରୋଦ କୁମାର ବେହେରା, ସିଡିପିଓ ପ୍ରେମବାଳା ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ, ଦେବାଶିଷ ରାୟ, ଉପାଧକ୍ଷ ବିକ୍ରମ ଯେନା, ଆମ୍ବ ଅଧକ୍ଷ ରାମଚନ୍ଦ୍ର ମହାନ୍ତି, ସୁନୀଲ ପଣ୍ଡା, ବିଜେଡି ବ୍ଲକ ସଭାପତି ପ୍ରମୋଦ ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସରପଞ୍ଚ ମଳୟ ମଞ୍ଜରୀ ମୁଦୁଲି, ବିଜୟ ମହାନ୍ତି, ବିଷ୍ଣୁପ୍ରିୟା ଦାଶ, ପ୍ରକାଶ ଖଟେଇ, ସମିତିସଭ୍ୟା ବିନତି ପରିଡ଼ା, ସଭ୍ୟ ପ୍ରଶାନ୍ତ ମହାପାତ୍ରଙ୍କ ସହ କନିଷ୍ଠଯନ୍ତ୍ରୀ କ୍ଷୀତୀଶ ମଲ୍ଲିକ, ନିବେଦିତା କାନୁନଗୋ, ପ୍ରମଥା ଦାଶ ଓ ଇନ୍ଦ୍ରାଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ କାଉନ୍‌ସିଲର ଗୌରାଙ୍ଗଙ୍କ ପରଲୋକ

**ନିମାପଡ଼ା,୨୭।୧(ଡି.ଏନ୍.ଏ.):** ନିମାପଡ଼ାର ପୂର୍ବତନ କାଉନସିଲର, ବିଜେଡି ନେତା, ଯୋଗଗୁରୁ ଗୌରାଙ୍ଗ ସାହୁ(୬୭)ଙ୍କ ବୁଧବାର ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହ ନିମାପଡ଼ାରେ ପହଞ୍ଚିବା ପରେ ସ୍ଥାନୀୟ ଜୟଶ୍ରୀ ଛକରୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ ଖଟୋଇ, ପୂର୍ବତନ ନଗରପାଳ ସନାତନ ପ୍ରଧାନ, ସିପିଆଇ ନେତା ଦେବେନ୍ଦ୍ର ସାହୁ, ଟାଉନ କ୍ଲବର ସଭାପତି ଅକ୍ଷୟ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାହୁଙ୍କ ବିୟୋଗରେ ବ୍ୟବସାୟୀ ସଂଘ ପକ୍ଷରୁ ନିମାପଡ଼ା ବଜାରର ଦୋକାନ, ବଜାର ବନ୍ଦ ରହିଥିଲା।

## କୋଣାର୍କ ଉନ୍ନୟନ କାର୍ଯ୍ୟ ନେଇ ସମୀକ୍ଷା



ଜିଲାପାଳ ସମର୍ଥ ବର୍ମା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**କୋଣାର୍କ,୨୭।୧(ଡି.ଏନ୍.ଏ.)**

କୋଣାର୍କର ରୂପରେଖ ବଦଳିବ। ଏଥିପାଇଁ ସହରର ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବାବେଳେ ବୁଧବାର ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ ଭୂଷଣ ଦାଶ କାର୍ଯ୍ୟ ସମୀକ୍ଷା କରିଥିଲେ। ଜିଲାପାଳ ଏଠାରେ ପହଞ୍ଚିବା ପରେ ପ୍ରଥମେ ମେଡିକାଲ ଛକ, ରିଂରୋଡ, ଆଇଓଏଫ ବସ ପାର୍କିଂ, ସୂର୍ଯ୍ୟମନ୍ଦିର ଆଦି ସ୍ଥାନ ବୁଲି ଦେଖିଥିଲେ। ପ୍ରଥମେ ନୂଆ ରିଂରୋଡ ନିର୍ମାଣ ଓ ବ୍ୟବସାୟୀଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଥଇଥାନ କରାଯିବ। ସୂର୍ଯ୍ୟମନ୍ଦିର ସମ୍ମୁଖ ରାସ୍ତାକୁ ନୋ ଭେଣ୍ଡିଂ ଜୋନ ଓ ନୋ ଭେହିକିଲ ଜୋନ କରାଯିବ। ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା ରହିବ। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ପ୍ରଥମେ ପ୍ରସ୍ତାବିତ ନୂଆ ୬ଲେନ ରିଂରୋଡ କାର୍ଯ୍ୟ କରାଯିବ। ସୂର୍ଯ୍ୟମନ୍ଦିର ମୁଖ୍ୟ ପ୍ରବେଶ ପଥରୁ ବ୍ୟବସାୟୀଙ୍କୁ ଉଠାଇ ବସ ପାର୍କିଂ ସ୍ଥଳରେ ଥଇଥାନ କରାଯିବ। ପର୍ଯ୍ୟଟକମାନେ ବସ ପାର୍କିଂରୁ ଓହ୍ଲାଇ ବ୍ୟାଟେରିଚାଳିତ ଯାନରେ ସୂର୍ଯ୍ୟମନ୍ଦିରକୁ ଆସିବେ। ଏହାସହ କୋଣାର୍କ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଆବଶ୍ୟକ। ସମ୍ପୂର୍ଣ୍ଣ ଅଞ୍ଚଳର ବିକାଶ ସହ ସମସ୍ତ ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ କରାଯାଇ ସୂର୍ଯ୍ୟମନ୍ଦିର ସମ୍ମୁଖକୁ ନୂଆ ରୂପ ଦିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଥିଲେ। ସମୀକ୍ଷା ବେଳେ ତହସିଲଦାର ଶିବାଶିଷ ପାଲତା, ଆଇଓଏଫ ଅଧିକାରୀ ସନ୍ତୋଷ ଦାଶ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ ଶ୍ରୀନିବାସ, ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

## ଚିଲିକା ଉପରେ ବ୍ରିଜ ବାଦ୍ ପଡ଼ିବାରୁ ରାସ୍ତାରୋକୋ

**ବ୍ରହ୍ମଗିରି,୨୭।୧(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଘୋଷଣା ମୁତାବକ ଭାରତ ମାଳା ଯୋଜନାରେ ଚିଲିକା ହ୍ରଦ ଉପରେ ଏକ ସେତୁ ନିର୍ମାଣ ହେବାର ଥିଲା। ହେଲେ କୌଣସି କାରଣରୁ ତାହା ବାଦ ପଡ଼ିଥିବା ଜଣାପଡ଼ିବା ପରେ ପୁରୀ ଜିଲାର ବ୍ରହ୍ମଗିରିରେ ବିବାଦ ଦେଖାଦେଇଛି। ଏ ନେଇ ସାଧାରଣ ନାଗରିକ ମଞ୍ଚ ତରଫରୁ ବୁଧବାର ପ୍ରତିବାଦ ଜଣାଇ ପୁରୀ ସାତପଡା ଜାତୀୟ ରାଜପଥର ଖଣ୍ଡୁଆଳ ଛକ ନିକଟରେ ଦିନତମାମ ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକୋ ଯୋଗୁ ଶତାଧିକ ସଂଖ୍ୟକ ପର୍ଯ୍ୟଟକ ଗାଡ଼ି ଚିଲିକା ନ ବୁଲି ପାରି ନିରାଶରେ ଫେରିଥିଲେ। ସୂଚନା ଅନୁଯାୟୀ, ଭାରତ ମାଳା ଯୋଜନାରେ ଦତିଘାଠାରୁ ଗୋପାଳ ପୁର ପର୍ଯ୍ୟନ୍ତ ଉପକୂଳରେ ଏକ ରାସ୍ତା ନିର୍ମାଣ ହେବ। ଏହି ରାସ୍ତାରେ ବ୍ରହ୍ମଗିରିର ଚିଲିକା ଉପରେ ଏକ ସେତୁ ନିର୍ମାଣ ହୋଇ ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା କୃଷ୍ଣପ୍ରସାଦ ବ୍ଲକବାସୀଙ୍କ ମଧରେ ଏକ ପ୍ରକାର ନୂତନ ଆଶା ସଂଚାର ହୋଇଥିଲା। ଉକ୍ତ ବ୍ଲକର ମଏଁଷା ଓ ବ୍ରହ୍ମପୁର ୨ଟି ଗ୍ରାମ ଏବେ ବି ଟାପୁ ମଧରେ ରହିଛନ୍ତି। ଏମାନେ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛନ୍ତି। ଏହି ଭାରତ ମାଳା ଯୋଜନା ସେତୁ ନିର୍ମାଣ କଥା ଶୁଣି ଏମାନେ ଖୁସି ହୋଇଥିଲେ। ଏବେ ଏହି ଯୋଜନାରୁ ସେତୁ ନିର୍ମାଣ କାର୍ଯ୍ୟ ବାଦ ପଡିବା ଜଣାପଡ଼ିବା ପରେ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସରକାର ଏହି ପ୍ରସ୍ତାବକୁ ତୁରନ୍ତ ଗ୍ରହଣ ନ କଲେ ଆଗାମୀ ଦିନରେ ପ୍ରତିବାଦ ଜୋରଦାର ହେବ ବୋଲି ଆନ୍ଦୋଳନକାରୀ ଜଣାଇଛନ୍ତି। କାର୍ଯ୍ୟକ୍ରମକୁ ରଞ୍ଜନ ଦଳାଇ, ଦିଗାମ୍ବର ବେହେରା, ବିକ୍ରମ ପଲାଇ, ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଏଫ୍‌ଆଇଆର୍‌କୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ

**ପୁରୀ ବାସେଳି ସାହି ଥାନା ହାଜତ ମୃତ୍ୟୁ ମାମଲା**

**କଟକ ଅଫିସ,୨୭।୧**

ପୁରୀ ବାସେଳି ସାହି ଥାନା ହାଜତ ମୃତ୍ୟୁ ଘଟଣାରେ ବୁଧବାର ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ପୋଲିସ ଏହି ଘଟଣାକୁ ନେଇ ରୁଜୁ କରିଥିବା ଏଫ୍‌ଆଇଆର୍‌ରେ କିପରି ଦ୍ୱନ୍ଦ୍ୱ ରହିଛି ସେନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଆବେଦନକାରୀଙ୍କ ଏହି ଜବାବ ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଘଟଣାର ତଦନ୍ତ ସଂକ୍ରାନ୍ତ ସବିଶେଷ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠରେ ଦର୍ଶାଯାଇଥିଲା ଯେ, ପୋଲିସ ପ୍ରଥମେ ବାସେଳି ସାହି ଥାନାରେ ହାଜତରେ ମୃତ୍ୟୁବରଣ କରିଥିବା କେ.ରମେଶଙ୍କ ନାଁରେ ଏକ ମାମଲା(ନଂ.୩୧୮/୨୦୨୦)ରୁଜୁ କରିଥିଲା। ଉକ୍ତ ମାମଲା କେ.ରମେଶଙ୍କ ହାଜତ ମୃତ୍ୟୁକୁ ନେଇ କରାଯିବା ପରିବର୍ତ୍ତେ ତାଙ୍କ ବିରୋଧରେ କରାଯାଇଥିଲା। ଏଥିରେ କେ. ରମେଶଙ୍କୁ ଜଣେ ଅପରାଧୀ ବୋଲି ଦର୍ଶାଯାଇଥିଲା। ଜଣେ ଅଭିଯୁକ୍ତ ଯଦି ହାଜତରେ ମୃତ୍ୟୁବରଣ କରନ୍ତି, ତେବେ ସିଆର୍‌ପିସିର ଦଫା ୧୭୪ରେ ପୋଲିସ ତଦନ୍ତ କରିଥାଏ। ପ୍ରଥମେ ଦିଆଯାଇଥିବା ଏତଲାରେ ଏହି ଧାରା ସମ୍ପର୍କରେ ଉଲ୍ଲେଖ କରାଯାଇ ନ ଥିଲା। କିନ୍ତୁ ଗତ ୧୧ ତାରିଖରେ ହାଇକୋର୍ଟରେ ପୋଲିସ ଯେଉଁ ଏଫ୍‌ଆଇଆରକୁ ମେମୋ ଆକାରରେ ଦାଖଲ କରିଥିଲା ସେଥିରେ ସିଆର୍‌ପିସିର ଏହି ୧୭୪ ଦଫାକୁ ଯୋଡ଼ା ଯାଇଛି। ଏପରିକି ଏହି ଏଫ୍‌ଆଇଆର୍‌ର ଭିତର କିଛି ଅଂଶକୁ ପରିବର୍ତ୍ତନ କରି ଦିଆଯାଇଛି। ପ୍ରଥମେ ପୋଲିସ ଏତଲାରେ ଦର୍ଶାଇଥିଲା କେ. ରମେଶ ବ୍ରହ୍ମଗିରିରୁ ପୁରୀ ଆସୁଥିଲେ। ପରେ ପୁରୀ ଏସ୍‌ପି ଡାକିଥିବା ସାମ୍ବାଦିକ ସମ୍ମିଳନୀରେ କେ. ରମେଶ ବାଟ ମଙ୍ଗଳାରୁ ପୁରୀ ଆସୁଥିଲେ ବୋଲି ଉଲ୍ଲେଖ କରିଥିଲେ। ସେହିପରି କେ. ରମେଶଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ତାଙ୍କ ଶରୀରରେ ୧୫ଟି ଆଘାତ ଚିହ୍ନଥିବା ଉଲ୍ଲେଖ କରାଯାଇଛି। କିନ୍ତୁ ଯେଉଁ ଇନ୍‌କ୍ୱେଷ୍ଟ ରିପୋର୍ଟ ଦାଖଲ କରାଯାଇଛି ସେଥିରେ କେ. ରମେଶଙ୍କ ମା'ବାପାଙ୍କ ଦସ୍ତଖତରେ ତାଳମେଳ ନ ଥିବା ଜଣାପଡ଼ିଛି। ତେଣୁ ଏହି ଘଟଣାକୁ ନେଇ ପୁରୀ ପୋଲିସ ସମ୍ପୂର୍ଣ୍ଣ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଛି ବୋଲି ଆବେଦନକାରୀ ସତ୍ୟପାଠରେ ଦର୍ଶାଇଛନ୍ତି।

## ସହର ଖବର

### ନୂଆ କୃଷି ଆଇନକୁ ବିରୋଧ

**ପୁରୀ ଅଫିସ,୨୭।୧:** ନୂତନ କୃଷି ଆଇନକୁ ବିରୋଧ କରି ମଙ୍ଗଳବାର କୃଷକ ଓ ଶ୍ରମିକଙ୍କ ମିଳିତ ପରେଡ୍ ଅନୁଷ୍ଠିତ ହୋଇଛି। ଜାତୀୟ ପତାକା ଧରି ଶତାଧିକ ଶ୍ରମିକ ଓ ଚାଷୀ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପରେଡ୍ କରିଥିଲେ। କୃଷି ଆଇନ ରଦ୍ଦ, ଫସଲର ଦେଢ଼ଗୁଣ ଦର, ପ୍ରତି ଫସଲରେ ବୋନସ୍, ଏମ୍‌ଏସ୍‌ପି ଲାଗୁ କରିବା ଦାବିରେ ଏହି ପରେଡ ହୋଇଥିଲା। ନୂଆ କୃଷି ଆଇନକୁ ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି କଳା ଆଇନ ବୋଲି କହିଥିବା ବେଳେ ଆଇନରେ ଥିବା ଠିକା ଚାଷ ପ୍ରାବଧାନକୁ କଡ଼ା ଭାଷାରେ ସମାଲୋଚନା କରିଥିଲା। ଏହି ଅବସରରେ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ପ୍ରଦୀପ୍ତ ମହାନ୍ତି, ମୋହନ ନାଇଡୁ ଓ ଭୀମ ସେନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ବ୍ରାହ୍ମଣ ସମାଜର ବୈଠକ

**ପୁରୀ ଅଫିସ,୨୭।୧:** ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ମଙ୍ଗଳବାର ଦକ୍ଷିଣଦ୍ୱାରଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ଏଥିରେ ରାଜ୍ୟ ସଭାପତି ଆଚାର୍ଯ୍ୟ ରତିକାନ୍ତ ଦାଶ ଶର୍ମା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ରବୀନ୍ଦ୍ରନାଥ ପାଢ଼ୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ଜିଲାର ପ୍ରାୟ ୫୦ ବ୍ରାହ୍ମଣଙ୍କୁ ବ୍ରହ୍ମଶ୍ରୀ ଆଚାର୍ଯ୍ୟ ଉପାଧିରେ ଭୂଷିତ କରାଯାଇଛି। କାର୍ଯ୍ୟକ୍ରମରେ ସଞ୍ଜୟ ପାଢ଼ୀ ଶର୍ମା, ମୁଖ୍ୟ ମୁଖପାତ୍ର ବଂଶୀଧର ଉପାଧ୍ୟାୟ, ସାଧାରଣ ସମ୍ପାଦକ ଗଙ୍ଗାନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟସ୍ତରୀୟ ଗୀତା କୁଇଜ୍: ପୁରୀରୁ ୬ ଜଣଙ୍କ ସଫଳତା

**ପୁରୀ ଅଫିସ,୨୭।୧:** ସୁରଟରେ ଅନୁଷ୍ଠିତ ଜାତୀୟ ଗୀତା କୁଇଜରେ ପୁରୀର ସୁକାନ୍ତ ଭଞ୍ଜ, ଜଗନ୍ନାଥ ପ୍ରଧାନ, ଶିବା ଦାସ, ଦୀପକ ମହାନ୍ତି, କବିରାଜ ଖୁଣ୍ଟିଆ ଏବଂ ଦ୍ୱିତୀକୃଷ୍ଣ ପଣ୍ଡା ବିଜୟୀ ହୋଇଛନ୍ତି। ଏମାନଙ୍କୁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକରେ ସମ୍ମାନିତ କରାଯାଇଛି। କୃତୀ ପ୍ରତିଯୋଗୀମାନେ ନିଜ ବିଜୟର ଶ୍ରେୟ ଭଗବାନ କୃଷ୍ଣଙ୍କୁ ଦେଇଥିବାବେଳେ ଗୀତା ପ୍ରଚାର ମଣ୍ଡଳୀ ଓ ପ୍ରତିଯୋଗିତା ସଞ୍ଚାଳକ ସନାତନ ରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ୪ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଗତ ଜାନୁୟାରୀ ୧୪ରେ ଫଳାଫଳ ଘୋଷଣା ହୋଇଥିଲା। ଏଥିରେ ପୁରୀର ପ୍ରତିଯୋଗୀମାନେ ସଫଳତା ପାଇଥିଲେ। ଏଥିପାଇଁ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ମିଳୁଛି।

### ଷଷ୍ଠ ପୁରୀ ଚେସ୍ ମାଷ୍ଟର୍ସ ମିଟ୍ ଉଦ୍‌ଯାପିତ

**ପୁରୀ ଅଫିସ,୨୭।୧:** ମାର୍କଣ୍ଡେଶ୍ୱର ସାହିସ୍ଥିତ ମା' ବୁଢ଼ୀମା ତୋଟା କଲ୍ୟାଣ ମଣ୍ଡପରେ ୬ଷ୍ଠ ପୁରୀ ଚେସ୍ ମାଷ୍ଟର୍ସ ମିଟ୍-୨୦୨୧ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୧୨ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଉତ୍କଳ ରଞ୍ଜନ ସାହୁ ପ୍ରଥମ, ବୈଭବ ମିଶ୍ର ୨ୟ, ମନୋଜ କୁମାର ପାଣିଗ୍ରାହୀ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ଯଥାକ୍ରମେ ୩ ହଜାର, ୨ ହଜାର ଓ ଏକ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ୍, ଶ୍ରୀଜଗନ୍ନାଥ ଧାମ ଏହି ପ୍ରତିଯୋଗିତାର ପ୍ରାୟୋଜକ ଥିଲେ। ଦେବରାଜ ପ୍ରଧାନ ମୁଖ୍ୟ ଅତିଥି ଏବଂ ଝିମିଲି ପଟ୍ଟନାୟକ ଓ ଦେବଦତ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ସାଧାରଣତନ୍ତ୍ର ଦିବସରେ ଖୋର୍ଦ୍ଧାର ଅର୍ମାନ ସାହୁ ତ୍ରିରଙ୍ଗା ବେଶରେ ସଜେଇ ହୋଇଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

**ଶ୍ରୀଚନ୍ଦନପୁର ସମେତ ୩ ସ୍ଥାନରେ ଚଢ଼ାଉ**

**ଭୁବନେଶ୍ୱର,୨୭।୧(ବ୍ୟୁରୋ)**

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ବ୍ଲକର ଜୁନିୟର ଇଞ୍ଜିନିୟର ଶୁଭେନ୍ଦୁ କୁମାର ପ୍ରଧାନଙ୍କ ବାସଭବନ ସମେତ ୩ ସ୍ଥାନରେ ଚଢାଉ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ୩ ଟିମ୍ ପୃଥକ ଭାବେ ଏକସଙ୍ଗେ ଭୁବନେଶ୍ୱରସ୍ଥିତ ଅଫିସ୍, ଖଣ୍ଡଗିରି ଡୁମୁଡୁମା ହାଉସିଂବୋର୍ଡ କଲୋନୀ ଫ୍ଲାଟ୍ ନଂ.୧୨୦୦ସ୍ଥିତ ବାସଭବନ ଓ ପୁରୀ ଜିଲା କାକଟପୁର ବ୍ଲକ ଅନ୍ତର୍ଗତ ଶ୍ରୀଚନ୍ଦନପୁରସ୍ଥିତ ପୈତୃକ ଘରେ ଚଢାଉ କରିଥିଲା। ଯାଞ୍ଚବେଳେ ୧ କୋଟି ୨୧ ଲକ୍ଷ ୨୭ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳିଛି। ଠାବ ସମ୍ପତ୍ତି ମଧ୍ୟରେ ୧୬ ଲକ୍ଷ ୪୪ ହଜାର ଟଙ୍କା ମୂଲ୍ୟର ଡୁମୁଡୁମାସ୍ଥିତ ତିନି ମହଲା ଘର, ୨୯ ଲକ୍ଷ ୨୧ ହଜାର ଟଙ୍କାର ପଳାଶୁଣିରେ ଏକ ଫ୍ଲାଟ୍, ୨୦ ଲକ୍ଷ ୩୫ ହଜାର ଟଙ୍କାର ଜଟଣୀ କଣ୍ଟିଲୋରେ ଏକ ଆପର୍ଟମେଣ୍ଟ, କାକଟପୁରସ୍ଥିତ ୧୦ ଲକ୍ଷ ୭୧ ହଜାର ଟଙ୍କାର ଏକ ମହଲା ଘର, ୧୨ ଲକ୍ଷ ଟଙ୍କାର ଭୁବନେଶ୍ୱରରେ ୧୧ ପ୍ଲଟ, ୧୨ ଲକ୍ଷ ଟଙ୍କାର ହୁଣ୍ଡାଇ କାର, ୨ ଲକ୍ଷ ଟଙ୍କାର ବାଇକ, ବିଭିନ୍ନ ବ୍ୟାଙ୍କରେ ୨ ଲକ୍ଷ ଜମା ରାଶି, ଜମି କିଣିବା ନେଇ ଅଗ୍ରୀମ ୨ ଲକ୍ଷ ୮୯ ହଜାର ଟଙ୍କା ପଇଠ, ୭୪ ହଜାର ଟଙ୍କାର ସୁନା ଗହଣା ଓ ୧୭ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ରହିଛି।

## କମ୍ୟୁନିଟି ସେଣ୍ଟର ଗୃହ ଉଦ୍‌ଘାଟିତ



**ନିମାପଡ଼ା,୨୭।୧(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସି ପକ୍ଷରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ କମ୍ୟୁନିଟି ସେଣ୍ଟର ଗୃହ ୧୧ ନଂ ୱାର୍ଡର ଗୁହାଳପଡ଼ା ଗ୍ରାମରେ ସାଧାରଣତନ୍ତ୍ର ଦିବସରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶୀଭୂଷଣ ମିଶ୍ର ଯୋଗଦେଇ ଏହି ନୂତନ ସେଣ୍ଟର ଗୃହକୁ ଉଦ୍‌ଘାଟନ କରି ଲୋକାର୍ପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାକର ଦାଶ, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ, ଗୋଷ୍ଠୀ ସଂଗଠକ ସିପ୍ରାରାଣୀ ସାହୁ, ଯୁବନେତା ସନ୍ତୋଷ ଦାଶ, ବାବା ନୃସିଂହନାଥ, ପ୍ରତିବେଶୀ ଗୋଷ୍ଠୀ ସଭାନେତ୍ରୀ ଜ୍ୟୋତ୍ସ୍ନା ଭୋଇ, ସମ୍ପାଦିକ ମଞ୍ଜୁବାଳା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ଅର୍ବାନ ୱେଜ ଏମ୍ପ୍ଲୟମେଣ୍ଟ ଇନିସିଏଟିଭ (ୟୁଡବ୍ଲୁଇଆଇ) ଅନୁଦାନରେ ନିମାପଡ଼ା ଏନ୍‌ଏସିର ପ୍ରଥମ ପର୍ଯ୍ୟାୟରେ ୧ନଂ., ୩, ୪, ୧୧ନଂ. ଆଦି ୪ଟି ୱାର୍ଡରେ ଏହି ସେଣ୍ଟର ତଥା ମାଇକ୍ରୋ ଆକ୍ଟିଭିଟି ସେଣ୍ଟର (ଏମ୍‌ଏସି)ର ନିର୍ମାଣ କାର୍ଯ୍ୟ ଚାଲିଛି। ଏହିସବୁ କାର୍ଯ୍ୟ ଆସନ୍ତା ୧୫ଦିନ ମଧରେ ଶେଷ ହୋଇ ଉଦ୍‌ଘାଟନ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ବସ୍ତିବାସିନ୍ଦାଙ୍କର ବିକାଶ, ବିଭିନ୍ନ କାର୍ଯ୍ୟ, ସଭାସମିତି, ବୈଠକ ଆଦି କାର୍ଯ୍ୟ କରାଯିବାକୁ ଏହି ଏମ୍‌ଏସି ଗୃହ ଉଦ୍ଦିଷ୍ଟ ବୋଲି ଏନଏସି ପକ୍ଷରୁ କୁହାଯାଇଛି।

# 'ପୁରୀର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି'

**ପୁରୀ ଅଫିସ,୨୭।୧**



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରୁଛନ୍ତି।

ପୁରୀ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମଙ୍ଗଳବାର ତାଳବଣିଆସ୍ଥିତ ଖେଳପଡ଼ିଆରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମନ୍ତ୍ରୀ ଆରୁଖ ଉଦ୍‌ବୋଧ ଦେଇ କହିଥିଲେ, ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛନ୍ତି। ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ଓ ବିଶ୍ୱରେ ପୁରୀ ଆହୁରି ପରିଚିତ ଲାଭ କରିବ। ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ପୁରୀ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା, କୋଣାର୍କ ବିକାଶ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା, ପୁରୀରେ ନୂତନ ମେଡିକାଲ କଲେଜ, ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ଓ ଆଧୁନିକ ମାଛ ମାର୍କେଟ ପ୍ରତିଷ୍ଠା ଭଳି ପଦକ୍ଷେପ ପୁରୀ ବିକାଶରେ ସହାୟକ ହେବ ବୋଲି ଆରୁଖ ପ୍ରକାଶ କରିଥିଲେ। ୪୫ କରୋନା ଯୋଦ୍ଧାଙ୍କ ସମେତ ଜନଗଣନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୨୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଆରୁଖ ଉତ୍କଳ ବାଳାଶ୍ରମରେ ଅନ୍ତେବାସୀ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଆୟୋଜିତ ରକ୍ତଦାନ ଶିବିରରେ ମନ୍ତ୍ରୀ ଆରୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ଏବଂ ଜିଲା ପରିଷଦ ସଭାପତି ଜ୍ୟୋତିର୍ମୟୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

**୫ ବଖରା ଜଳିଗଲା**

ଟାଙ୍ଗୀ(ଖୋର୍ଦ୍ଧା),(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅଧୀନ ବଡ଼ପାରୀ ଗ୍ରାମରେ ମଙ୍ଗଳବାର ରାତିରେ ଅଗ୍ନିକାଣ୍ଡ ଘଟି ଗୋଦାବରୀ ପାଲଟାସିଂହଙ୍କ ୫ବଖରା ଜଳିଯାଇଛି। ଏଥିସହ ଗୋଟିଏ ବଳଦ ଓ ବାଛୁରୀର ମୃତ୍ୟୁ ଘଟିଛି। ଖବରପାଇ ଟାଙ୍ଗୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ବିପନ୍ନ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ

ଜଟଣୀ,୨୭।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ କୁଦିଆରୀ ବଜାରଠାରୁ ସୀତାରାମଛକ ପର୍ଯ୍ୟନ୍ତ ନିର୍ମାଣାଧୀନ ଫ୍ଲାଏଓଭର ବ୍ରିଜ୍‌ର ଉଭୟ ପାର୍ଶ୍ୱରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧା ଆରଆଣ୍ଡବି ସହକାରୀ ଯନ୍ତ୍ରୀ ଉଦୟ ଶଙ୍କର ବେହେରା ଏବଂ ଜଟଣୀ ପୋଲିସ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ତେବେ ଛୋଟ ପ୍ରତିଷ୍ଠାନଗୁଡ଼ିକୁ ଭଙ୍ଗା ଯାଇଥିବା ବେଳେ ବଡ଼ ପ୍ରତିଷ୍ଠାନଗୁଡ଼ିକ କାହିଁକି ଭଙ୍ଗା ଗଲାନି ବୋଲି କେତେଜଣ ଦୋକାନୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ତପନ କୁମାର ମହାପାତ୍ର କହିଛନ୍ତି, କିଛିଦିନ ମଧ୍ୟରେ ସେଠାରେ ରହିଥିବା ଆବଶ୍ୟକ ଦୋକନଗୁଡିକୁ ଉଚ୍ଛେଦ କରାଯିବ। ପ୍ରକାଶ ଯେ, ଏହି ବ୍ରିଜ୍ କାର୍ଯ୍ୟ ନିର୍ମାଣ ଚାଲିଥିଲେ ମଧ ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଥିବାରୁ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିଲା।

### ଗାଁରେ ହାତୀ, ଲୋକେ ଭୟଭୀତ

ଝାଁଳା,୨୭।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲାରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମଙ୍ଗଳବାର ରାତିରେ ଛତାବର ପଞ୍ଚାୟତ ଅରିଶଳ ଓ ହରପୁର ଗ୍ରାମକୁ ୩ଟି ହାତୀ ପଶି ଆସିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ଭୟରେ କବାଟ ବନ୍ଦ କରିଦେଇଥିଲେ। ଖାଦ୍ୟ ଅନ୍ୱେଷଣରେ ହାତୀମାନେ ଗାଁ ମୁହାଁଉଛନ୍ତି। ତୁରନ୍ତ ବନବିଭାଗ ହାତୀ ଘଉଡାଇବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୩ଶହ ଲିଟର ମଦ ଜବତ, ୨ମହିଳା ଗିରଫ

ବାଲୁଗାଁ,୨୭।୧(ଡି.ଏନ୍.ଏ.): ବାଲୁଗାଁ ଅବକାରୀ ବିଭାଗ ବୁଧବାର ବାଣପୁର ଅଞ୍ଚଳର ଦୁଇଟି ସ୍ଥାନରେ ଚଢ଼ାଉ କରି ୩ଶହ ଲିଟର ଦେଶୀ ମଦ ଜବତ କରିବା ସହ ୨ ମହିଳା ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣପୁର ଥାନା ଅଧୀନ ପୋଡ଼ାସାହିର ମଞ୍ଜରୀ ଘଡ଼ାଇ ଓ ଭୀମପୁର ଗ୍ରାମର ପ୍ରତିମା ଦେଇ। ସୂଚନା ମୁତାବକ, ବାଣପୁର ଅଞ୍ଚଳକୁ ବ୍ୟାପକ ଦେଶୀ ମଦ ଆସିଥିବା ନେଇ ଖବରପାଇ ଭୁବନେଶ୍ୱର ଅବକାରୀ ସ୍କ୍ୱାଡ୍ ଏବଂ ବାଲୁଗାଁ ଅବକାରୀ କର୍ମଚାରୀ ମିଳିତ ଭାବେ ବାଣପୁର ଅଞ୍ଚଳରେ ଚଢ଼ାଉ କରିଥିଲେ। ପ୍ରଥମେ ପୋଡ଼ାସାହିରୁ ୭୮ଲିଟର ଦେଶୀ ମଦ ଜବତ ସହ ମଞ୍ଜରୀ ଘଡ଼ାଇ ଏବଂ ପରେ ଭୀମପୁର ଗ୍ରାମରୁ ୪୨ଲିଟର ଦେଶୀ ମଦ ଜବତ ସହ ପ୍ରତିମା ଦେଈଙ୍କୁ ଗିରଫ କରିଥିଲେ। ଏଥିସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଘର ଆଖପାଖ ଅଞ୍ଚଳରୁ ମୋଟ ୩୦୦ଲିଟର ମଦ ଜବତ ହୋଇଥିଲା।

### ଫୁଟବଲ: ଆରଏନ୍ ଏକାଡେମୀ ବିଜୟୀ

ନିରାକାରପୁର,୨୭।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଛଣଗିରି ଖେଳପଡ଼ିଆରେ ମା' ଭଗବତୀ ଫୁଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର କଟକର ବାପୁଜୀ ସ୍ପୋର୍ଟ୍ସ କ୍ଲବ୍‌କୁ ହରାଇ ଖୋର୍ଦ୍ଧାର ଆରଏନ୍ ଏକାଡେମୀ ବିଜୟୀ ହୋଇଛି। ରବି ନାରାୟଣ ରଣା, ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ ପ୍ରଧାନ, ଫକିର ଚରଣ ନିଃସଙ୍ଗ ମ୍ୟାଚ୍ ପରିଚାଳନା କରିଥିଲେ। ରାଜେଶ ପରିଡା, ପ୍ରଭାତ ସ୍ୱାଇଁ, ବିଭୂତି ଭୂଷଣ ଦାସ, ରଣଜିତ୍ ପଟ୍ଟନାୟକ, ପାଣୁ ବେହେରା, ବିଶ୍ୱନାଥ ପ୍ରଧାନ, ଲିଙ୍ଗରାଜ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ସମୃଦ୍ଧ ଓଡ଼ିଶା ଲାଗି ସହଯୋଗ ଲୋଡ଼ା

**ଖୋର୍ଦ୍ଧା ଅଫିସ,୨୭।୧**

ଭାରତ ଏକ ବୃହତ୍ ଗଣତନ୍ତ୍ର ରାଷ୍ଟ୍ର। କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଦିଗରେ ଭାରତ ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଜାନୁୟାରୀ ୧୬ରୁ ଭାରତରେ କୋଭିଡ୍ ଟିକା ଅଭିଯାନ ସଫଳତାର ସହ ଆୟୋଜନ ହୋଇଛି। ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ଗ୍ରାମୀଣ ବିକାଶ, କୃଷିର ଉନ୍ନତି, ଜଳସେଚନ, କ୍ରୀଡା ଓ ପର୍ଯ୍ୟଟନର ବିକାଶ, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅଭିବୃଦ୍ଧି ସହ ମହିଳା ସଶକ୍ତୀକରଣ ପାଇଁ ଜୀବିକା ମିଶନ କାର୍ଯ୍ୟକାରୀ କରିଛନ୍ତି। କୋଭିଡ୍ ମୁକାବିଲା କ୍ଷେତ୍ରରେ ଓଡ଼ିଶା ସଫଳତା ହାସଲ କରିଛି। ସୁଖୀ ଓଡ଼ିଶା ସୁସ୍ଥ ଓଡ଼ିଶା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ସମୃଦ୍ଧଶାଳୀ ହୋଇପାରିବ। ମଙ୍ଗଳବାର ବିଜେବି ହାଇସ୍କୁଲ ପଡ଼ିଆରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ୭୨ତମ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଏହା କହିଛନ୍ତି।



ପତାକା ଉତ୍ତୋଳନ ଅବସରରେ ଆରଡିସି ଅନିଲ ସାମଲ, ଏସ୍‌ପି ଓ ଅନ୍ୟମାନେ।

ଆର୍‌ଡିସି ସାମଲ ଆହୁରି କହିଥିଲେ ଯେ, ଖୋର୍ଦ୍ଧା ଜିଲା କଳା, ସଂସ୍କୃତିର ପ୍ରବାହରେ ନୂତନ ଜାଗରଣ ଆଣିଛି। ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ। ଏମାଟିରେ ଜନ୍ମିତ ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, ସଚ୍ଚି ରାଉତରାୟ, ପର୍ଶୁରାମ ପଟ୍ଟନାୟକ, ମାୟାଧର ମାନସିଂ, କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସମେତ ପାଇକ ବୀର ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ର, କୃତ୍ତିବାସ ପାଟ୍ଟଶାଣୀ, ମାଧବଚନ୍ଦ୍ର ରାଉତରାୟଙ୍କୁ ସ୍ମରଣ କରିଥିଲେ। କୋଭିଡ୍ ଗାଇଡଲାଇନ ଅନୁଯାୟୀ ଏହି ସମାରୋହ ଆୟୋଜିତ ହୋଇଥିଲା। ପୋଲିସ ବାହିନୀ ବ୍ୟତୀତ କୌଣସି ସ୍କୁଲ, କଲେଜ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ସନତ ମହାନ୍ତି, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ଦେବବ୍ରତ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୋଭିଡ୍ ଯୋଦ୍ଧାଙ୍କୁ ଆର୍‌ଡିସି ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।




ବାଲିଅନ୍ତା ବ୍ଲକ ପୁରଣଶାସନ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ବିରୋଧ କରି ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍କୁଲ ଅଭିଭାବକ କମିଟି, ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# 'ଶିକ୍ଷକଙ୍କ ବର୍ଗୀକରଣ ବାତିଲ କରାଯାଉ'

**ଖୋର୍ଦ୍ଧା ଅଫିସ,୨୭।୧**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଦ୍ୟାଳୟ ପରିବେଶ ସହିତ ଗୁଣାତ୍ମକ ଶିକ୍ଷା ଓ ଅନଲାଇନ ଶିକ୍ଷାର ଉପଯୋଗିତା ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିଳିତ ଶିକ୍ଷକ ସଂଘ ସଭାପତି ଡ.ଗୌରହରି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜ୍ୟ ମହାସଚିବ ଅମିୟ ଦାସ, ଉପସଭାପତି ସଙ୍ଗୀତା ଦାସ, ଜିଲା ସଭାପତି ବସନ୍ତ ପ୍ରହରାଜ, ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ, ବସନ୍ତ ସାହୁ, ଆଲୋକ ସାହୁ, ରାମଚନ୍ଦ୍ର ଷଣ୍ଢ, ଓଷ୍ଟା ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଅଲୋଷ୍ଟା ଜିଲା ସମ୍ପାଦକ ସୁରେଶ ବିଶ୍ୱାଳ, ସଂଘ ବ୍ଲକ ସଭାପତି ଯୁଧିଷ୍ଠିର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶିକ୍ଷକଙ୍କ ବର୍ଗୀକରଣ ବାତିଲ କରାଯାଉ। ବରିଷ୍ଠତାଭିତ୍ତିରେ ନିଯୁକ୍ତି, ନିୟମାନୁସାରେ ପଦୋନ୍ନତି, ୬ବର୍ଷ କାର୍ଯ୍ୟ କରିଥିବା କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ପଦୋନ୍ନତି ଦିଆଯାଉ। ବିଏସ୍‌ସି, ବିଏଡ୍ ତାଲିମଧାରୀ ଶିକ୍ଷକଙ୍କୁ ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟରେ ଖାଲିଥିବା ପଦବୀରେ ବରିଷ୍ଠତା ଭିତ୍ତିରେ ନିଯୁକ୍ତି ଦିଆଯାଉ ଆଦି ଆଲୋଚନା ହୋଇଥିଲା। ଏହି ଅବସରରେ କୋଭିଡ୍‌ରେ ମୃତ୍ୟୁ ହୋଇଥିବା ଶିକ୍ଷକଙ୍କ ପରିବାର ଏବଂ ଦଶମ ବୋର୍ଡ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଦ୍ୟାର୍ଥୀ ଏବଂ ପୂର୍ବତନ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅମିୟ ପରିଡା, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର, ମଙ୍ଗୁଳି ନିଶଙ୍କ, ଦିବ୍ୟସିଂହ ସୁବୁଦ୍ଧି, ରବି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ: ଜିଲା ପ୍ରଶାସନ ଏକାଦଶ ବିଜୟୀ



ଟ୍ରଫି ସହ ବିଜୟୀ ଟିମ୍।



ମ୍ୟାନ ଅଫ୍ ଦି ମ୍ୟାଚ ସୂର୍ଯ୍ୟନାରାୟଣ ମହାନ୍ତି ଜିଲାପାଳଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୨୭।୧**

ସାଧାରଣତନ୍ତ୍ର ଦିବସ ଅବସରରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ପ୍ରଶାସନ ଏକାଦଶ ଓ ମିଡିଆ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମିଡିଆ ଏକାଦଶକୁ ୭ ଉଇକେଟରେ ହରାଇ ଜିଲା ପ୍ରଶାସନ ଏକାଦଶ ବିଜୟୀ ହୋଇଛି। ମିଡିଆ ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ରନ ସଂଗ୍ରହ କରିଥିଲା। ଟିମ୍ ପକ୍ଷରୁ ସୂର୍ଯ୍ୟନାରାୟଣ ମହାନ୍ତି ୭୩ରନ୍(୩୧ବଲ) ଏବଂ ସଂଗ୍ରାମ ହୋତା ୨୧ରନ(୧୪ବଲ) ସଂଗ୍ରହ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସନତ ମହାନ୍ତି ଗୋଟିଏ ଓଭରରେ ହାଟ୍ରିକ୍ ଉଇକେଟ ନେଇଥିବା ବେଳେ, ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ସିଦ୍ଧାର୍ଥ ଜେନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଜିଲା ପ୍ରଶାସନ ଏକାଦଶ ୧୨ଓଭରରେ ୩ଟି ଉଇକେଟ୍ ବିନିମୟରେ ୧୨୧ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଟିମ୍ ପକ୍ଷରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ ୫୬ରନ୍ ଓ ଡିଆରଡିଏ ପିଡି ଦିଗନ୍ତ ରାଉତରାୟ ୫୦ରନ୍ ସଂଗ୍ରହ କରିଥିଲେ। ମିଡିଆ ଏକାଦଶର ଅବ୍ୟକ୍ତ ହରିହର ଖାଡ଼ଙ୍ଗ ଗୋଟିଏ ଉଇକେଟ୍ ନେଇଥିଲେ। ମିଡିଆ ଏକାଦଶର ସୂର୍ଯ୍ୟ ନାରାୟଣଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଜିଲାପାଳ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ଅଧିକାରୀ ଲଳିତେନ୍ଦୁ ମହାନ୍ତି, ରାମନାରାୟଣ ଦାସ ମ୍ୟାଚ ପରିଚାଳନା କରିଥିଲେ। ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ସ୍କୋରର ଏବଂ ଉପଜିଲାପାଳ ଅଶୋକ ବେଉରିଆ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ।

### ଏନ୍.ପି. ପ୍ରଦୀପ ହେଲେ ଆଇଏନ୍‌ଏସ୍ ଚିଲିକାର ନୂତନ କମୋଡର

**ବାଲୁଗାଁ,୨୭।୧(ଡି.ଏନ୍.ଏ.)**

ଆଇଏନ୍‌ଏସ୍ ଚିଲାକର ନୂତନ କମୋଡର ହେଲେ ଏନ୍.ପି. ପ୍ରଦୀପ। ସାଧାରଣତନ୍ତ୍ର ଦିବସ ଅବସରରେ ମଙ୍ଗଳବାର କମୋଡର ରତ୍ନରାଜ ସାହୁଙ୍କ ଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଏନଏସ ଚିଲିକାର ଅଧିକାରୀ ଓ ନାବିକମାନେ କମୋଡର ସାହୁଙ୍କୁ ଏକ ପାରମ୍ପରିକ ସମାରୋହରେ ବିଦାୟୀ ଦେଇଥିଲେ। କମୋଡର ପ୍ରଦୀପ ଏହା ପୂର୍ବରୁ କେରଳରେ କାର୍ଯ୍ୟରତ ଥିଲେ। ୧୯୯୨ରେ ଭାରତୀୟ ନୌସେନାର ଜାହାଜ ପଥ ପ୍ରଦର୍ଶକ ଏବଂ ଦିଗ ବିଶେଷଜ୍ଞ ଭାବେ ସେ ଯୋଗଦେଇଥିଲେ। ୨୯ବର୍ଷର ନୌସେନା ସେବା ସମୟରେ ପ୍ରଦୀପ ନୌସେନା ଜାହାଜ ରାଜପୁତ, ରଣଜିତ ଏବଂ କୀର୍ପାନରେ ଜାହାଜ ପଥ ପ୍ରଦର୍ଶକ ଅଧିକାରୀ ଏବଂ ଭାରତୀୟ ନୌସେନା ଜାହାଜ ବିନାଶ, କେଶରୀ ଏବଂ ଗଙ୍ଗାରେ କମାଣ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି।

### ସୁଜିତ ଏଫ୍‌ସି ଚାମ୍ପିୟନ

**ବୋଲଗଡ଼,୨୭।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଦେଉଳି ଖେଳପଡ଼ିଆରେ ଆଞ୍ଚଳିକ ଫୁଟବଲ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦେଉଳି ଆଞ୍ଚଳିକ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଭୁବନେଶ୍ୱର ବଜରଙ୍ଗବାଲି ସ୍ପୋର୍ଟିଂକୁ ହରାଇ ଫୁଲବାଣୀ ଫିରିଙ୍ଗିଆର ସୁଜିତ ଏଫ୍‌ସି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ସୁଜିତ ଏଫ୍‌ସି ଟିମ୍ ଆଉ ଗୋଟିଏ ଗୋଲଦେଇ ବିଜୟୀ ହୋଇଥିଲା। ଶୁଭଙ୍କର ପଣ୍ଡା ମ୍ୟାଚ ପରିଚାଳନା କରିଥିବା ବେଳେ ଏମ୍.ଏସ.ବେଗ ଏବଂ ପ୍ରଫୁଲ୍ଲ ବେହେରା ଲାଇନ୍ସରେ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଅଶୋକ କୁମାର କଅଁର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୦ହଜାର ଟଙ୍କା ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଆଶିଷ



@ ଜ୍ୟୋତିରଞ୍ଜନ



@ ଦିବ୍ୟା



@ ଶୁଭଶ୍ରୀ



@ ରଶ୍ମିତା



@ ବୀରଞ୍ଚି



@ ସଂଗ୍ରାମ

# ବ୍ୟବସାୟୀଙ୍କୁ ମାଡ଼ମାରି ନେଇଗଲେ ୬.୭୨ଲକ୍ଷ

**ବେଗୁନିଆ,୨୭।୧(ଡି.ଏନ୍.ଏ.)**

ବେଗୁନିଆ ଥାନା ଅଧୀନ ପିଚୁକୁଳି-ସାନପଦର ଗ୍ରାମ ମଧ୍ୟରେ ଥିବା କେନାଲ ନିକଟରେ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଦୁଇ ଗୋରୁ ବ୍ୟବସାୟୀଙ୍କୁ ମାଡ଼ମାରି ୬,୭୨,୦୦୦ଟଙ୍କା ଲୁଟି ନେଇଛନ୍ତି। ବ୍ୟବସାୟୀ ଲିୟାକତ ଖାନ ଓ ମୁସ୍ତାଫା ଖାନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୩/୨୧) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଡ଼ବ ଅଞ୍ଚଳର ଏହି ଦୁଇ ବ୍ୟବସାୟୀ ଭଣଜା ଦାଉଦ୍ ଅଲ୍ଲୀଙ୍କ ସହ କାର (ନଂ. ଓଡି୦୨ ବିଏଚ୍ ୮୧୩୬)ରେ ପଶ୍ଚିମବଙ୍ଗରୁ ଗ୍ରାମକୁ ଫେରୁଥିଲେ। ମଙ୍ଗଳବାର ରାତି ପ୍ରାୟ ୧ଟାରେ ପିଚୁକୁଳି-ସାନପଦର ଗ୍ରାମ ମଧ୍ୟରେ ଥିବା କେନାଲ ନିକଟରେ କେତେଜଣ ଦୁର୍ବୃତ୍ତ କାରକୁ ଅଟକାଇଥିଲେ। ହଠାତ୍ ଦୁର୍ବୃତ୍ତମାନେ କାର ଚାଳକ ଗଣେଶ ନାୟକଙ୍କୁ ଲୁହା ରଡ୍‌ରେ ବାଡ଼େଇବା ପରେ ବ୍ୟବସାୟୀଙ୍କୁ ମାଡ଼ ମାରି ବ୍ୟାଗରେ ଥିବା ସମସ୍ତ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ରାତି ପ୍ରାୟ ୩ଟାରେ ବ୍ୟବସାୟୀ ଦ୍ୱୟ ଥାନାରେ ଅଭିଯୋଗ କରିଥିଲେ। ପ୍ରକାଶ ଯେ, ଏହି ଅଞ୍ଚଳରେ ବାରମ୍ବାର ବ୍ୟବସାୟୀଙ୍କଠାରୁ ଲୁଟ୍ ହେଉଥିବା ନଜିର ରହିଛି। ପୋଲିସ କେବଳ ମାମଲା ରୁଜୁକରି ଚୁପ୍ ବସିପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ମହିଳାଙ୍କୁ ପ୍ରତାରଣା: ଜେଲ ଗଲେ ଏସ୍ଆଇ

**ଖୋର୍ଦ୍ଧା ଅଫିସ,୨୭।୧**

ଖାକିରେ ଲାଗିଲା କଳଙ୍କ। ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କୁ ପ୍ରେମ କରି ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ଏସ୍ଆଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭୂଷଣ୍ଡପୁର ଅଞ୍ଚଳର ଟାଙ୍ଗୀ ଥାନାରେ କାର୍ଯ୍ୟରତ ଏସ୍ଆଇ ଭାଗୀରଥି ଦାଶ। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ତଦନ୍ତ ଅଧିକାରୀ ସଦର ଏସ୍‌ଡିପିଓ ସୁଶୀଳ ମିଶ୍ର କହିଛନ୍ତି।



ଏସ୍ଆଇ ଭାଗୀରଥି ଦାଶ।

ସୂଚନା ମୁତାବକ, କୋଭିଡ୍ ସମୟରେ ଟ୍ରେନିଂ ପିରିୟଡରେ ଭାଗୀରଥି ଟାଙ୍ଗୀ ଥାନାରେ ଯୋଗଦେଇଥିଲେ। ଏହି ସମୟରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ତାଙ୍କ ପିଲାଦିନର ସାଙ୍ଗ ତଥା ସମ୍ପୃକ୍ତ ମହିଳାଙ୍କ ସହ ଦେଖା ହୋଇଥିଲା। ମହିଳାଙ୍କ ୬ବର୍ଷର ପୁଅ ରହିଥିବା ବେଳେ ସ୍ୱାମୀ ବାହାର ରାଜ୍ୟରେ କାମ କରୁଛନ୍ତି। ପରେ ମୋବାଇଲ ଚାଟିଂରୁ ଏସ୍ଆଇ ଭାଗୀରଥି ଓ ସମ୍ପୃକ୍ତ ମହିଳାଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଏସ୍ଆଇ ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳାଜଣକ ଗର୍ଭବତୀ ହେବା ନେଇ ଜଣାପଡ଼ିବା ପରେ ଏସ୍ଆଇ ତାଙ୍କୁ ବିବାହ କରିବା ପାଇଁ ମନା କରିଦେଇଥିଲେ। ଏହା ସହ ଗର୍ଭ ନଷ୍ଟ କରିବାକୁ ସମ୍ପୃକ୍ତ ମହିଳାଙ୍କୁ ଧମକ ଦେଉଥିଲେ। ଏ ନେଇ ସମ୍ପୃକ୍ତ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯/୨୧) ରୁଜୁକରି ଏସ୍ଆଇ ଭାଗୀରଥିଙ୍କୁ ଗିରଫ କରିଥିଲା।

# ପାଇକ ଆଖଡ଼ା ଉଜ୍ଜୀବିତ ରଖିବାକୁ ଆହ୍ୱାନ

**କୃଷ୍ଣପ୍ରସାଦ, ୨୭।୧(ଡି.ଏନ୍.ଏ.)**

**କୁମାରପୁରରେ ସାଂସ୍କୃତିକ ସମାବେଶ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ରାମଲଙ୍କା ଗ୍ରାମପଞ୍ଚାୟତର କୁମାରପୁର ଗ୍ରାମରେ ବୁଧବାର ମା' ଚାମୁଣ୍ଡା ପାଇକ ଆଖଡ଼ା ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଚିରାମ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ପଙ୍କଜ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଆଖଣ୍ଡଳେଶ୍ୱର ପାଇକ ମହାସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଜେନା, ପରିଷଦର ସଭାପତି ଗୋଲଖ ଦାସ, ସମ୍ପାଦକ ଗଣେଶ ବେହେରା, ଉପସଭାପତି କବିରାଜ ଜୟସିଂହ, ବିକ୍ରମ ବେହେରା, ବୁବୁ ବେହେରା, କୁନା ଦାସ, ଚିତ୍ରସେନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପାଇକ ଆଖଡ଼ା ଆମ ଓଡ଼ିଶାର ଗର୍ବ ଓ ଗୌରବ। ଦେଶରୁ ବିଦେଶୀଙ୍କୁ ହଟାଇବାରେ ପାଇକ ବିଦ୍ରୋହ ହିଁ ପ୍ରଥମେ ମୁଣ୍ଡ ଟେକିଥିଲା। ସାମରିକ କଳା ପାଇକ ଆଖଡ଼ା ଖେଳିବା ଦ୍ୱାରା ଆତ୍ମରକ୍ଷା କୌଶଳ ଶିକ୍ଷା ସହ ଶରୀର ସୁସ୍ଥ ରହିଥାଏ। ବିଲୁପ୍ତ ହେବାକୁ ବସିଥିବା ପାଇକ ଆଖଡ଼ାକୁ ଉଜ୍ଜୀବିତ ରଖିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ପାଇକ କୌଶଳ ପ୍ରଦର୍ଶନ ସହ ବିଭିନ୍ନ ଗ୍ରାମ ପକ୍ଷରୁ ପାଲା, ଦାସକାଠିଆ, ସଂକୀର୍ତ୍ତନ, ରେକର୍ଡ ଡ୍ୟାନ୍ସ ପ୍ରଭୃତି ପରିବେଷଣ କରାଯାଇଥିଲା। ଶେଷରେ ଉତ୍ତମ ପ୍ରଦର୍ଶନକାରୀ ବ୍ୟକ୍ତି ଓ ଦଳଙ୍କୁ ପୁରସ୍କୃତ କରାଯାଇଥିଲା।